


ଅଲଗା ହେଲେ
ତାରା-ବୀର!
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-198 ◆TUESDAY ◆13 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୯୮ ◆ମଙ୍ଗଳବାର ◆୧୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ଇସ୍ରୋ ମିଶନ ବିଫଳ

# ମହାକାଶରେ ପିଏସ୍ଏଲ୍ଭି ସି୬୨ ବାଟବଣା

■ ଶ୍ରୀହରିକୋଟା, ୧୨।୧: ଭାରତର ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ୍ (ପିଏସ୍ଏଲ୍ଭି)ର ୬୪ତମ ମିସନ ଆଜି ଫେଲ୍ ମାରିଛି। ଉତ୍କ୍ଷେପଣ ହେବାର କିଛି ସମୟ ପରେ ରକେଟ୍ ବାଟବଣା ହେବାରୁ ଏହା ସହିତ ଯାଇଥିବା ୧୬ଟି ଉପଗ୍ରହ ମହାକାଶରେ ହଜିଯାଇଛନ୍ତି। କ୍ରମାଗତ ଦ୍ୱିତୀୟ ଥର ଲାଗି ପିଏସ୍ଏଲ୍ଭିର ତୃତୀୟ ପର୍ଯ୍ୟାୟରେ ଏଭଳି ତ୍ରୁଟି ଇସ୍ରୋ ପାଇଁ ବଡ଼ ଧରଣର ଝଟକା ବୋଲି କୁହାଯାଉଛି।

ପିଏସ୍ଏଲ୍ଭି-ସି୬୨ର ଉତ୍କ୍ଷେପଣ ପାଇଁ ଗତକାଲି ରାତିରୁ ଚଳଚଞ୍ଚଳ ଥିଲା ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ର। ଆଜି ଦିନ ଠିକ୍ ୧୦ଟା ୧୮ ମିନିଟରେ ପିଏସ୍ଏଲ୍ଭି ସଫଳତା ସହ ଉତ୍କ୍ଷେପଣ ହୋଇଥିଲା। ଏହା ଇଓଏସ୍-ଏନ୍୧ ସମେତ ୧୬ଟି ଉପଗ୍ରହ ନେଇ ଯାତ୍ରା କରିଥିଲା। ପ୍ରଥମ ଦୁଇଟି ପର୍ଯ୍ୟାୟ ଠିକ୍ ଭାବେ କାର୍ଯ୍ୟ କରିଥିଲା। ମାତ୍ର ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ରକେଟ୍ ଏହାର ନିର୍ଦ୍ଧାରିତ ଗତିପଥରୁ ହଟିବା ଆରମ୍ଭ କରିଥିଲା। ଏହାକୁ ନେଇ ମହାକାଶ କେନ୍ଦ୍ରରେ ନିରବତା ଛାଇ ଯାଇଥିଲା। ପରେ

**ଉତ୍କ୍ଷେପଣ ପରେ ଗତିପଥରୁ ବାହାରିଗଲା**

**ମହାକାଶରେ ହଜିଗଲା ୧୬ଟି ଉପଗ୍ରହ**



ଭାରତୀୟ ମହାକାଶ ଅନୁସନ୍ଧାନ କେନ୍ଦ୍ର ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ପିଏସ୍ଏଲ୍ଭି-ସି୬୨ ମିସନ ବିଫଳ ହୋଇଛି। ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ଏହି ରକେଟ ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତା ସହିତ କାର୍ଯ୍ୟ କରିଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ଏହା ନିଜର ଗତିପଥରୁ ଅଲଗା ହୋଇଯାଇଥିଲା। ଏପରି କାହିଁକି ହେଲା? ଡାଟା ବିଶ୍ଳେଷଣ କରିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଇସ୍ରୋ ମୁଖ୍ୟ ଡ. ଭି. ନାରାୟଣନ୍ ପ୍ରକାଶ କରିଛନ୍ତି। ଫଳରେ କୌଣସି ଉପଗ୍ରହକୁ ଏହାର କକ୍ଷପଥରେ ସ୍ଥାପିତ କରାଯାଇ ପାରିନାହିଁ। ତେବେ ଏସଂପର୍କରେ ଅଧିକ କିଛି କହିବାକୁ ସେ ମନା କରିଦେଇଛନ୍ତି। ପିଏସ୍ଏଲ୍ଭି ସହ ଆଜି ଯେଉଁ ଉପଗ୍ରହ ପ୍ରେରଣ କରାଯାଇଥିଲା ସେଥିରେ ଥିଲା ଭାରତର ଗୁଇନ୍ଦା ଉପଗ୍ରହ 'ଅନ୍ୱେଷ'। ଗତବର୍ଷ ମଧ୍ୟ ପିଏସ୍ଏଲ୍ଭି ଉତ୍କ୍ଷେପଣର କିଛି ସମୟ ପରେ ▶ପୃଷ୍ଠା-୭



# ଟ୍ରମ୍ପ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି କହିଲେ



■ ୱାଶିଂଟନ୍, ୧୨।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ସେ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ କରି ଏହି କଥା ଉଲ୍ଲେଖ କରିଛନ୍ତି। ଏହି ପୋଷ୍ଟରେ ଟ୍ରମ୍ପଙ୍କ ଫଟୋ ଓ 'ଭେନେଜୁଏଲା କର୍ଯ୍ୟକାରୀ ରାଷ୍ଟ୍ରପତି'ର କ୍ୟାପସନ ରହିଛି। ଏଥିରେ ସେ ୨୦୨୬ରୁ ଦାୟିତ୍ୱ ଗ୍ରହଣ କରିବା ବିଷୟରେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ ନିଜକୁ ୪୫ ଓ ୪୭ତମ ରାଷ୍ଟ୍ରପତି ଭାବେ ମଧ୍ୟ ବର୍ଣ୍ଣନା କରିଛନ୍ତି। ତେବେ ଏହି ପଦବୀ ସମ୍ପର୍କରେ ହ୍ୱାଇଟ୍ ହାଉସ କିମ୍ବା ଆମେରିକା ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ବିବୃତ୍ତି ଜାରି କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ଜାନୁଆରୀ ୨ରେ ଆମେରିକା ଭେନେଜୁଏଲ ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନ୍ୟୁୟର୍କକୁ ଆଣିଥିଲେ। ଏହି ଦୁଇଜଣଙ୍କ ବିରୋଧରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଇଛି। ଟ୍ରମ୍ପ କହିଛନ୍ତି ଯେ, ଭେନେଜୁଏଲା ପ୍ରଶାସନକୁ ଆମେରିକା ହିଁ ଚଳାଇବ। ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ ଉପ- ରାଷ୍ଟ୍ରପତି ରୋଡ୍ରିଗ୍ୱେଜଙ୍କୁ ଗତ ସପ୍ତାହରେ ଦେଶର ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତି କରାଯାଇଥିଲା। ଏବେ ଭେନେଜୁଏଲା ତୈଳ ପାଇଁ କେଉଁ କମ୍ପାନୀ ଆମେରିକା ଯିବ ତାହା ଆମେରିକା ନିଷ୍ପତ୍ତି ନେବ। ଆମେରିକାର ଆକ୍ରମଣରେ ଭେନେଜୁଏଲାର ୧୦୦ ଜଣ ସୈନିକ ମୃତ୍ୟୁବରଣ କରିଥିଲେ।

ବଡ଼ ଚାଷୀଙ୍କୁ ସରକାରୀ ଝଟ୍‌କା

# ମିଳିବନି ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି

■ ଭୁବନେଶ୍ୱର, ୧୨।୧(ସମିସ): ରାଜ୍ୟରେ ଧାନ କିଣାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ମଧ୍ୟରେ ଚାଷୀ ଦହଗଞ୍ଜ ହେଉଥିବାବେଳେ ସେମାନଙ୍କ କଟା ଘା'ରେ ଚୂନ ମାରିଛନ୍ତି ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଯୋଗାଣମନ୍ତ୍ରୀଙ୍କ ଘୋଷଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଜ ଘୋଷଣା ଅନୁଯାୟୀ ଚାଷୀଙ୍କଠାରୁ ସବୁ ଧାନ ଉଠାଇବେ। ମାତ୍ର ୧୫୦ କୁଇଣ୍ଟାଲ ଧାନ ପରେ ଆଉ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଦିଆଯିବ ନାହିଁ। ଚାଷୀ ୧୫୦ କୁଇଣ୍ଟାଲ ଧାନ ପର୍ଯ୍ୟନ୍ତ ୩୧୦୦ ଟଙ୍କା ଦର ପାଇବେ। ଏହା ବାଦେ ଆଉ ଯେତେ ଧାନ ଦେବେ ତାହା ୨୩୬୯ ଟଙ୍କାରେ ସରକାର କିଣିବେ। ସାରା ରାଜ୍ୟରେ ଏହି ନିୟମ ଲାଗୁ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ମନ୍ତ୍ରୀଙ୍କ ଏହି ଉକ୍ତି ପରେ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସହାୟତା ଘୋଷଣା କରିବା ପରେ ଅନେକ ପ୍ରଶଂସା ନେଇଥିଲେ। ହେଲେ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟନି ଛଟନି ପରିମାଣ ବଢ଼ିଗଲା। କ୍ୱିଣ୍ଟାଲ ପିଛା ୧୨-୧୫ କିଲୋ ଧାନ କଟନିଛଟନି କରିବା ପରେ ସରକାରଙ୍କ ଉପରେ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। ଚଳିତ ବର୍ଷ ବର୍ତ୍ତମାନ

**୧୫୦ କ୍ୱିଣ୍ଟାଲ ପରେ ଧାନ କ୍ୱିଣ୍ଟାଲକୁ ମିଳିବ ୨୩୬୯ ଟଙ୍କା**

**କ୍ଷତିଗ୍ରସ୍ତ ହେବେ ୫ ଏକରରୁ ଅଧିକ ଚାଷ କରିଥିବା ଚାଷୀ**

ପର୍ଯ୍ୟନ୍ତ ଧାନ କିଣା ସ୍ୱାଭାବିକ ହୋଇପାରୁ ନାହିଁ। ପଶ୍ଚିମ ଓଡ଼ିଶାରେ ୨ ମାସ ହେବ ସରକାରୀ ଭାବେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ ମଧ୍ୟ ମିଳିପାରି ନାହିଁ। ଏହାକୁ ନେଇ ଉପକୂଳରୁ-ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସବୁଠି ଚାଷୀ ପ୍ରତିକ୍ରିୟାଶୀଳ ହେଉଛନ୍ତି। ଏହାକୁ ପ୍ରଶମିତ କରିବା ବଦଳରେ ଚାଷୀ ନୌଟଙ୍କି କରୁଛନ୍ତି ଓ ଦଲାଲଗିରି କରୁଥିବା ଉପମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି। ଏହି ସମୟରେ ଯୋଗାଣ ମନ୍ତ୍ରୀ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ଉପରେ ଚାଷୀଙ୍କୁ ଇନ୍‌ପୁଟ ସବସିଡ଼ି ଦିଆଯିବ ନାହିଁ ବୋଲି ଘୋଷଣା ଚାଷୀଙ୍କ କ୍ରୋଧକୁ ବିସ୍ଫୋରିତ କରିଛି।

ବର୍ତ୍ତମାନ ସରକାରୀ ନିୟମ ଅନୁଯାୟୀ ଅଣଜଳସେଚିତ ଜମି ମାଲିକଙ୍କଠାରୁ ଏକର ପିଛା ୧୩ କ୍ୱିଣ୍ଟାଲ ଧାନ ନିଆଯାଉଥିବା ବେଳେ ଜଳସେଚିତ ଜମି ମାଲିକଙ୍କ ଠାରୁ ୧୯ କୁଇଣ୍ଟାଲ ଧାନ ନିଆଯାଉଛି। ବାସ୍ତବରେ ରାଜ୍ୟରେ ବର୍ତ୍ତମାନ ଏକର ପିଛା ଉତ୍ପାଦନର ପରିମାଣ ୨୫-୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ରହୁଛି। ପୂର୍ବରୁ ଚାଷୀମାନେ ଉତ୍ପାଦିତ ଧାନ ରଖିବାକୁ ବାଧ ହେଉଥିଲେ। ଏହାସହିତ ବଳକା ଧାନକୁ ଶାଗମାଛ ଦରରେ ବିକ୍ରି କରୁଥିଲେ। ମାତ୍ର ଏଥିରେ ପୁଣି କଟକଣା ଲଗାଯାଇଛି।

ଏ ସମ୍ପର୍କରେ କଂଗ୍ରେସ ସମବାୟ ବିଭାଗର ଅଧକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି, ସରକାର ଜାଣିଶୁଣି ଧାନ କିଣୁନାହାନ୍ତି। ଏହାଫଳରେ ଚାଷୀମାନେ ବାଧ ହୋଇ ଅଭାବୀ ବିକ୍ରୀ ଜାଲରେ ପଡ଼ିବେ। ମିଲର ମାନଙ୍କ ସହିତ ସଲାସୁତୁରା କରି କୋଟି କୋଟି ଟଙ୍କା ଚାନ୍ଦା ନେଇ ରାଜ୍ୟର ଚାଷୀମାନଙ୍କୁ ଏ ସରକାର ଜାଣିଶୁଣି ହଇରାଣ କରୁଛି। ଏ ବର୍ଷ ୭୫ କୁଇଣ୍ଟାଲରୁ ଅଧିକ ଧାନ କୌଣସି ଚାଷୀଙ୍କ ପାଖରୁ କିଣିବେ ▶ପୃଷ୍ଠା-୭

# ଜଗଦୀପ ଧନଖଡ଼ ଅସୁସ୍ଥ

■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୋମବାର ଅସୁସ୍ଥତା କାରଣରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଗତ ସପ୍ତାହନ୍ତରେ ଦୁଇଥର ବେହୋଶ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



୭୪ ବର୍ଷୀୟ ଧନଖଡ଼ ଜାନୁଆରୀ ୧୦ରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ ଏମ୍ସ ନିଆଯାଇଥିଲା। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଗତବର୍ଷ ଜୁଲାଇ ୨୧ରେ ଉପ-ରାଷ୍ଟପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେଳେ ବେଶ ଚର୍ଚ୍ଚା ଚାଲିଥିଲା। ସେ ଶନିବାର ଦିନ ଶୌଚାଳୟକୁ ଯିବା ସମୟରେ ଦୁଇଥର ଚେତାଶୂନ୍ୟ ହୋଇପଡିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଇଥିଲା। ତାଙ୍କର ଏମ୍ଆରଆଇ କରାଯିବ ବୋଲି ଏମ୍ସର ତରଫରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଧନଖଡ଼ କିମ୍ବା ତାଙ୍କ ପରିବାର ତରଫରୁ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସରକରୀ ସୂଚନା ଦିଆଯାଇନାହିଁ।

# ପୁଣି ଫେରିଲା ଶୀତ

■ ଭୁବନେଶ୍ୱର,୧୨।୧(ସମିସ): ପୁଣି ଫେରିଲା ଶୀତ। ପାକିସ୍ତାନ ଏବଂ ଆଫଗାନିସ୍ତାନ ବାୟୁମଣ୍ଡଳର ମଧ୍ୟ ଭାଗରେ ସକ୍ରିୟ ପଶ୍ଚିମାଝଡ଼ ବର୍ତ୍ତମାନ ଅପସାରଣ ହୋଇଛି। ଏହାସହ ଦେଶର ମଧ୍ୟ ଭାଗରେ ଗୁରୁଚାପବଳୟ ସକ୍ରିୟତା ହେତୁ ଉତ୍ତର ତଥା ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ବଢ଼ିଛି। ଫଳରେ ରାଜ୍ୟରୁ ଜଳୀୟବାଷ୍ପର ହ୍ରାସ ହେବା ସହ ତାପମାତ୍ରା ହ୍ରାସ ହୋଇଛି। ଏଥିଯୋଗୁଁ ରାଜ୍ୟରେ ପୁଣି ହାଡ଼ଭଙ୍ଗା ଶୀତ ଦେଖାଦେଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପ୍ରାୟ ୩-୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି।



ପାଣିପାଗ କେନ୍ଦ୍ର କହିଛି, ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୭, କେନ୍ଦୁଝରରେ ୧୦, ସମ୍ବଲପୁରରେ ୧୧.୭, ବାଲେଶ୍ୱରରେ ୧୧.୮, ଭୁବନେଶ୍ୱର ୧୨.୩, ହୀରାକୁଦରେ ୧୩.୧, ଚାନ୍ଦବାଲିରେ ୧୩.୬ ଓ ପାରାଦୀପରେ ୧୪ଡିଗ୍ରୀ ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ରାଜ୍ୟରେ ତାପମାତ୍ରା ଆହୁରି ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ପାରଦ ତଳମୁହାଁ ହେବା ସହ ଆଜିଠୁ ପୁଣି ଶୀତ ଅନୁଭବ ହେବ। ▶ପୃଷ୍ଠା-୭

ବିପଦରେ ସରକାରୀ ବ୍ୟାଙ୍କ

# ବିନା ବନ୍ଧକରେ ୪୬.୯ ଲକ୍ଷ କୋଟି ଋଣ

■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି)): ଦେଶର ସରକାରୀ ବ୍ୟାଙ୍କଗୁଡିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅଣ-କାର୍ଯ୍ୟକାରୀ ସମ୍ପତ୍ତି(ଏନ୍ପିଏ)ରେ ବୃଦ୍ଧିକୁ ନେଇ ବ୍ୟାଙ୍କଗୁଡିକ ସମସ୍ୟାରେ ରହିଥିବାବେଳେ ଏବେ ବିନା ଗ୍ୟାରେଣ୍ଟିଯୁକ୍ତ ଋଣ ପରିମାଣରେ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କଗୁଡିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷରେ ଏହି ବିନା ଗ୍ୟାରେଣ୍ଟିରେ ଦିଆଯାଇଥିବା ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡିକ ୨ ଲକ୍ଷ କୋଟି ଟଙ୍କାର ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

**୨୦ ବର୍ଷରେ ଋଣ ପରିମାଣ ୨୩ ଗୁଣ ବଢ଼ିଛି**

**୨୦୦୫ରେ ୨ ଲକ୍ଷ କୋଟିର ଋଣ, ୨୦୨୫ରେ ୪୬ ଲକ୍ଷ କୋଟି ଟପିଛି**



ଭାରତୀୟବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ୍ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶରେ ଅସୁରକ୍ଷିତ ଋଣ ପରିମାଣ ରେକର୍ଡ ୪୬.୯ ଲକ୍ଷ କୋଟି ଟଙ୍କାରେ ▶ପୃଷ୍ଠା-୭

# ବଢ଼ିଲା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଚର୍ଚ୍ଚା

**୫୦ ବିଧାନସଭା ଆସନ ବଢ଼ିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଆକଳନ**

**ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ କ୍ଷତିରେ ପଡ଼ିବ ଓଡ଼ିଶା**

**୨୦୨୯ ନିର୍ବାଚନ ପୂର୍ବରୁ ସମ୍ଭବ ହେବନି ସୀମା ପୁନଃ ନିର୍ଦ୍ଧାରଣ**

■ ଭୁବନେଶ୍ୱର, ୧୨।୧ (ସମିସ): ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନର୍ନିର୍ଦ୍ଧାରଣ (ଡିଲିମିଟେସନ) ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ ଛୁଇଁପାରେ। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଟିପ୍ପଣୀ ପରେ ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ମହଲରେ ସୀମା ପୁନଃନିର୍ଦ୍ଧାରଣକୁ ନେଇ ପୁଣି ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବରୁ ଜନସଂଖ୍ୟା ଆଧାରରେ ଡ଼ିଲିମିଟେସନ ହେବ ବୋଲି ହେଉଥିବା ଚର୍ଚ୍ଚା ସତ୍ୟ ହେଲେ ଓଡ଼ିଶା କ୍ଷତିରେ ପଡ଼ିବାର ସମ୍ଭାବନା ରହିଛି। ମାତ୍ର ମୁଖ୍ୟମନ୍ତ୍ରୀ ବିଧାନସଭା ଆସନ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


ଜୋହୋ ପ୍ରତିଷ୍ଠାତା ଦେବେ ବିଶ୍ୱର ୪ର୍ଥ ବୃହତ୍ ମହଙ୍ଗା ଛାଡ଼ପତ୍ର

# ପତ୍ନୀଙ୍କୁ ଦେବେ ୧୪ ହଜାର କୋଟି କ୍ଷତିପୂରଣ

■ ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଛାଡପତ୍ର ଘଟଣାକୁ ନେଇ ଚର୍ଚ୍ଚାରେ ଜୋହୋ ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଧର ଭେମ୍ବୁ। କାରଣ ଭେମ୍ବୁ ଛାଡ଼ପତ୍ରରେ ପତ୍ନୀଙ୍କୁ ଦେବେ ୧୪,୦୦୦ କୋଟି ଟଙ୍କା କ୍ଷତିପୂରଣ। ତେବେ ଏହାକୁ ବିଶ୍ୱର ୪ର୍ଥ ବୃହତ୍ ଏବଂ ଭାରତର ସବୁଠାରୁ ମହଙ୍ଗା ଛାଡ଼ପତ୍ର ବୋଲି କୁହାଯାଉଛି। ଆମେରିକାର କାଲିଫର୍ଣ୍ଣିଆରେ ଚାଲିଥିବା ଛାଡପତ୍ର ମାମଲାରେ କୋର୍ଟ ଭେମ୍ବୁଙ୍କୁ ୧.୭ ବିଲିୟନ ଡଲାର (୧୪ ହଜାର କୋଟି ଟଙ୍କା)ର ବଣ୍ଡ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଭେମ୍ବୁ ଏବଂ ତାଙ୍କ ପତ୍ନୀ ପ୍ରମିଳା ଶ୍ରୀନିବାସନଙ୍କ ମଧ୍ୟରେ ଛାଡପତ୍ରର ମୁଖ୍ୟ କାରଣ ହେଉଛି, ଜୋହୋରେ ଅଂଶଧନର ମାଲିକାନା। ଏହି ଛାଡପତ୍ର ବିବାଦ କାଲିଫର୍ଣ୍ଣିଆରେ ରହୁଥିବା ସମୟରେ ଦମ୍ପତିଙ୍କ ଦ୍ୱାରା ବୈବାହିକ ସମ୍ପତ୍ତିର ବିଭାଜନକୁ ନେଇ ଆରମ୍ଭ ହୋଇଥିଲା।



ଆଇଆଇଟି-ମାଡ୍ରାସରୁ ସ୍ନାତକ କରିବା ପରେ ଭେମ୍ବୁ ୧୯୮୯ରେ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପିଏଚ୍ଡି କରିବା ପାଇଁ ଆମେରିକା ଯାଇଥିଲେ। ୧୯୯୩ରେ ଆମେରିକା ଯିବାର ୪ ବର୍ଷ ପରେ ସେ ଉଦ୍ୟୋଗୀ ପ୍ରମିଳା ଶ୍ରୀନିବାସନଙ୍କୁ ବିବାହ କରିଥିଲେ। ୧୯୯୬ ରେ ଭେମ୍ବୁ ଏବଂ ତାଙ୍କ ସହଯୋଗୀମାନେ ଆଡଭେଣ୍ଟନେଟ୍ ନାମକ ଏକ ସଫ୍ଟୱେର୍ ଡେଭଲପମେଣ୍ଟ କମ୍ପାନୀ ଆରମ୍ଭ କରିଥିଲେ। ୨୦୦୯ରେ ସେମାନେ ଏହାର ନାମ ଜୋହୋ କର୍ପୋରେସନ୍ ରଖିଥିଲେ। ପତ୍ନୀ ପ୍ରମିଳାଙ୍କ ସହ ପ୍ରାୟ ତିନି ଦଶନ୍ଧି ଧରି ସେ କାଲିଫର୍ଣ୍ଣିଆରେ ରହୁଥିଲେ। ଏହି ଦମ୍ପତିଙ୍କର ଏକ ୨୬ ବର୍ଷୀୟ ପୁଅ ମଧ୍ୟ ଅଛି। ୨୦୧୯ରେ ଭେମ୍ବୁ ଭାରତ ଫେରିଆସି ତାମିଲନାଡୁର ମାଥାଲମପାରାଇ ଗ୍ରାମରୁ ଜୋହୋକୁ ପରିଚାଳନା କରିବା ଆରମ୍ଭ କରିଥିଲେ। ଶ୍ରୀନିବାସନଙ୍କ ଅଭିଯୋଗ ଅନୁଯାୟୀ, ଭେମ୍ବୁ କମ୍ପାନୀର ଅଧିକାଂଶ ସେୟାର ତାଙ୍କ ଭଉଣୀ ▶ପୃଷ୍ଠା-୭

## ତେଲଙ୍ଗାନାରେ ବିଷ ଦେଇ ୩୦୦ ବୁଲା କୁକୁରଙ୍କୁ ହତ୍ୟା

ହାଇଦରାବାଦ୍, ୧୨ ।୧(ଏଜେନ୍ସି): ତେଲଙ୍ଗାନାର ହନମକୋଣ୍ଡା ଜିଲ୍ଲାରେ ୩୦୦ ବୁଲା କୁକୁରଙ୍କ ହତ୍ୟା କରାଯିବା ଘଟଣା ସାମ୍ନାକୁ ଆସିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ୍‌ର ପ୍ରାସଙ୍ଗିକ ଧାରା ଅନୁଯାୟୀ ୨ ଜଣଙ୍କ ବିରୋଧରେ ଏହି ମାମଲା ନେଇ ଏଫ୍‌ଆଇଆର ରୁଜୁ କରାଯାଇଛି । ପଶୁ କଲ୍ୟାଣ କର୍ମୀ ଆଦୁଲାପୁରମ ଗୌତମ ଓ ଫରଜାନା ବେଗମ ଜାନୁଆରୀ ୨ରେ ଶ୍ୟାମପେଟ ଥାନାରେ ଅଭିଯୋଗ କରିଥିଲେ । ଜାନୁଆରୀ ୬ରୁ ଆରମ୍ଭ ହୋଇ ତିନିଦିନ ମଧ୍ୟରେ ଶ୍ୟାମପେଟ ଓ ଆରେପାଲି ଗାଁରେ ୩୦୦ ବୁଲା କୁକୁରଙ୍କୁ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି । ହତ୍ୟା ପରେ ମୃତଦେହଗୁଡ଼ିକୁ ଗାଁ ବାହାରେ ପୋତି ଦିଆଯାଇଥିଲା । ଗାଁର ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ସଚିବଙ୍କ ସମେତ ୮ ଜଣ ଲୋକ ହିଁ ଏହି ଅପରାଧ ଘଟାଇଛନ୍ତି ବୋଲି ଅଭିଯୋଗ କରାଯାଇଛି । ସରପଞ୍ଚ ଓ ସଚିବ ଦୁଇ ଲୋକଙ୍କୁ ପଇସା ଦେଇ ବୁଲା କୁକୁରଙ୍କୁ ହତ୍ୟା କରିବା ପରେ ମୃତଦେହ ଗୁଡ଼ିକୁ ପୋତିବା ପାଇଁ ନିୟୋଜିତ କରିଥିଲେ । ପୁଲିସ ମଧ୍ୟ ଏନେଇ ମାମଲା ରୁଜୁ କରିଛି । ପ୍ରଶାସନ ଏହି ମାମାଲାକୁ ଗମ୍ଭୀରତା ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ କରିବ ବୋଲି ପ୍ରତିଶ୍ରୁତି ଦେଇଛି ।

## ଜର୍ମାନୀରେ ଭାରତୀୟଙ୍କ ପାଇଁ ଭିସା ମୁକ୍ତ ଟ୍ରାନ୍‌ଜିଟ୍

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜର୍ମାନୀ ଚାନ୍ସଲର ଫ୍ରେଡ୍ରିଚ ମର୍ଜ ଗୁଜରାଟର ଗାନ୍ଧୀନଗରରେ ପରସ୍ପରକୁ ଭେଟିଛନ୍ତି । ଦୁହେଁ ମହାତ୍ମା ମନ୍ଦୀର କନଭେନସନରେ ଏକାଠି ବସି ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ । ଆଲୋଚନା ପରେ ମୋଦୀ କହିଥିଲେ ଯେ, ଭାରତ ଓ ଜର୍ମାନୀ ଘନିଷ୍ଠ ସହଯୋଗୀ । ଏଥିପାଇଁ ଭାରତରେ ଆଜି ଜର୍ମାନୀର ୨୦୦୦ କମ୍ପାନୀ ଅଛନ୍ତି । ଦୁଇ ଦେଶ ନୂଆ ପ୍ରକଳ୍ପକୁ ଆଗକୁ ବଢ଼ାଉଛନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ଏକାଠି କାର୍ଯ୍ୟ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଓ ଏହା ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ସେ କହିଥିଲେ । ଦୁଇ ନେତା ସବୁ କାର୍ଯ୍ୟକ୍ରମରେ ଗୋଟିଏ କାର୍‌ରେ ହିଁ ସାଥି ହୋଇ ଯାତ୍ରା କରିଥିଲେ । ସୋମବାର ସକାଳେ ଦୁହେଁ ସାବରମତୀ ଆଶ୍ରମରେ ପହଞ୍ଚିଥିଲେ । ଦୁହେଁ ସେଠାରେ ସାଥି ହୋଇ ଗୁଡ଼ି ଉଡାଇଥିଲେ । ଆଜିର ଯୁଗରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନୀତିର ବହୁତ ଆବଶ୍ୟକତା ରହିଛି ବୋଲି ମର୍ଜ କହିଛନ୍ତି । ଏହାସହିତ ସେ ଘୋଷଣା କରିଛନ୍ତି ଯେ, ଜର୍ମାନୀରେ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ମୁକ୍ତ ଟ୍ରାନଜିଟ ସୁବିଧା ଯୋଗାଇ ଦିଆଯିବ ।

## ପକ୍ଷୀ ମାଡ଼ ପରେ ବାରାଣସୀରେ ବିମାନର ଜରୁରୀ ଅବତରଣ

ବାରାଣସୀ, ୧୨ ।୧(ଏଜେନ୍ସି): ଗୋରଖପୁରରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ବାରାଣସୀରେ ଜରୁରୀକାଳୀନ ଅବତରଣ କରିଛି । ପକ୍ଷୀ ମାଡ଼ ହେବା କାରଣରୁ ଏଭଳି ସ୍ଥିତି ଉପୁଜିଥିଲା । ଏହି ବିମାନରେ ୨୧୬ ଜଣ ଯାତ୍ରା କରୁଥିଲେ । ସବୁ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ ତରଫରୁ ସୂଚନା ଦିଆଯାଇଛି । ସୁରକ୍ଷା କାରଣରୁ ବିମାନକୁ ଅବତରଣ କରାଯାଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ପକ୍ଷୀ ମାଡ଼ ହେବା ପରେ ବିମାନକୁ ଆଗକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା । ଗୋରଖପୁରରୁ ଏହି ୬ଇ-୪୩୭ ବିମାନ ରବିବାର ସନ୍ଧ୍ୟା ୬.୨୫ରେ ଉଡାଣ ଭରିଥିଲା ଓ ଏହା ବେଙ୍ଗାଲୁରୁରେ ୯.୦୨ରେ ଅବତରଣ କରିଥାନ୍ତା । କିନ୍ତୁ ଟେକଅଫ୍‌ର ୧୫ ମିନିଟ ପରେ ହିଁ ବିମାନରେ ପକ୍ଷୀ ମାଡ଼ ହୋଇଥିଲା । ଏହି ସମୟରେ ବିମାନ ଜୋନପୁରର ଆଖପାଖ ଆକାଶରେ ଥିଲା । ଫଳରେ ପାଇଲଟ ତୁରନ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରିଥିଲେ । ଏହାପରେ ବିମାନ ୬.୫୬ରେ ବାରଣାସୀ ବିମାନ ବନ୍ଦରରେ ଅବତରଣ କରିଥିଲା । ପାଖାପାଖି ରାତି ୮.୪୦ରେ ବିମାନରୁ ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା । ଯାତ୍ରୀମାନେ ଭୟଭୀତ ଥିବା ଦେଖାଯାଇଥିଲା ।

## ବରିଷ୍ଠ ବାମପନ୍ଥୀ ନେତା ସମୀର ପୁଟାଟୁଣ୍ଡୁଙ୍କ ପରଲୋକ

କୋଲକାତା, ୧୨ ।୧(ଏଜେନ୍ସି): ପଶ୍ଚିମବଙ୍ଗର ବରିଷ୍ଠ ବାମପନ୍ଥୀ ନେତା ସମୀର ପୁଟାଟୁଣ୍ଡୁ ରବିବାର ରାତିରେ ପରଲୋକ ଗମନ କରିଛନ୍ତି । କୋଲକାତାର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଥିଲା । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା ଓ ତାଙ୍କ ନିକଟରେ ପତ୍ନୀ ଅନୁରାଧା ଉପସ୍ଥିତ ଥିଲେ । ପୁଟାଟୁଣ୍ଡୁ ପଶ୍ଚିମବଙ୍ଗ ବାମପନ୍ଥୀ ଆନ୍ଦୋଳନର ଜଣେ ପ୍ରମୁଖ ଅଗ୍ରଣୀ ବ୍ୟକ୍ତିଥିଲେ । ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଣେ ପ୍ରଭାବଶାଳୀ ନେତା ଥିଲେ । କିନ୍ତୁ ପରେ ଆଦର୍ଶଗତ ମତଭେଦ ଯୋଗୁଁ ସେ ସୈଫୁଦ୍ଦିନ ଚୌଧୁରୀଙ୍କ ସହ ଦଳ ଛାଡି ଡେମୋକ୍ରାଟିକ ସୋସିଆଲିଜମ (ପିଡିଏସ୍) ପାର୍ଟି ପ୍ରତିଷ୍ଠା କରିଥିଲେ । କିନ୍ତୁ ଏହି ଦଳ ନିର୍ବାଚନରେ ସଫଳତା ହାସଲ କରିପାରି ନଥିଲା । ସେ ସିଙ୍ଗୁର, ନନ୍ଦୀଗ୍ରାମରେ ଜମି ଅଧିଗ୍ରହଣ ବିରୋଧ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏହି ଆନ୍ଦୋଳନଗୁଡ଼ିକ ୨୦୦୦ ଦଶକର ଶେଷ ଭାଗରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ହୋଇଥିଲା ।

## ବିଏସ୍‌ଏଫ୍ ଶିବିରରେ ନିଆଁ; ଜଣେ ଯବାନ ମୃତ

ଶ୍ରୀନଗର, ୧୨ ।୧(ଏଜେନ୍ସି): ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଏକ ଶିବିରର ବିଲ୍ଡିଂରେ ନିଆଁ ଲାଗିଛି । ଫଳରେ ଜଣେ ଯବାନ ମୃତ୍ୟୁବରଣ କରିଛନ୍ତି । ମୃତ ଯବାନ ହେଉଛନ୍ତି ପଞ୍ଜାବ ଜଳନ୍ଧରର କନଷ୍ଟେବଳ ରମେଶ କୁମାର । ସେ ବିଏସ୍‌ଏଫ୍‌ରେ ଧୋବା ଭାବେ ନିଯୁକ୍ତି ପାଇଥିଲେ । ଗତକାଲି ସନ୍ଧ୍ୟାରେ ବନ୍ଦିପୋରାର ମୋଡର ଅଞ୍ଚଳରେ ସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପର ଏକମହଲା ବିଶିଷ୍ଟ ଟ୍ରେଡ୍‌ସମ୍ୟାନ କୋଠାରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା ।

# ମକରରେ ବଦଳିବ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଠିକଣା

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଦିଲ୍ଲୀର ରାଇସିନା ହିଲ୍ସ ନିକଟରେ ପ୍ରଧାନମନ୍ତ୍ରୀଙ୍କ ନୂଆ କର୍ଯ୍ୟାଳୟର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତି ।।ରେ ନୂଆ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ନୂଆ କାର୍ଯ୍ୟାଳୟ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୁହାଯାଉଛି । ଏହି ନୂଆ କର୍ଯ୍ୟାଳୟ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପର ଅଂଶବିଶେଷ । କାର୍ଯ୍ୟାଳୟ ନିକଟରେ ପ୍ରାଧାନମନ୍ତ୍ରୀଙ୍କ ବାସଭବନ ମଧ୍ୟ ନିର୍ମାଣ କରାଯାଉଛି । ଏହାର ନିର୍ମାଣ ଶେଷ ପରେ ପ୍ରଧାନମନ୍ତ୍ରୀ ୭ ଲୋକକଲ୍ୟାଣ ମାର୍ଗସ୍ଥିତ ଏବେକାର ବାସଭବନ ଛାଡି ନୂଆ ବାସଭବନକୁ ଯିବେ । ପ୍ରଧାନମନ୍ତ୍ରୀଙ୍କ ନୂଆ କର୍ଯ୍ୟକାଳ ନାମ ପ୍ରଥମେ ଏକଜିକ୍ୟୁଟିଭ କମ୍ପ୍ଲେକ୍ସ ରଖାଯାଇଥିଲା । ତେବେ ପରେ ଏହାକୁ ବଦଳାଯାଇ 'ସେବା ତୀର୍ଥ' ରଖାଯାଇଛି । ଏହାର ଅର୍ଥ ହେଉଛି ସେବାର ସ୍ଥାନ । ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅନୁସାରେ ନୂଆ ସଂସଦ ଭବନ ଓ ଉପ-ରାଷ୍ଟ୍ରପତି ଏନକ୍ଲେଭ ପୂର୍ବରୁ ପ୍ରସ୍ତୁତ ହୋଇସାରିଛି । ସେବା ତୀର୍ଥ କମ୍ପ୍ଲେକ୍ସରେ ୩ଟି କୋଠା ରହିଛି । ସେବା ତୀର୍ଥ-୧ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟ ହେବ । ସେବା ତୀର୍ଥ-୨ କ୍ୟାବିନେଟ ସଚିବାଳୟ ହେବ । ସେବା ତୀର୍ଥ-୩ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟାଙ୍କ କାର୍ଯ୍ୟାଳୟ ହେବ ବୋଲି କୁହଯାଇଛି ।



# ଇରାନରେ ହିଂସା ଜାରି; ଗଲାଣି ୫୫୦ ଜୀବନ

ଲସ୍ ଏଞ୍ଜେଲସ, ୧୨ ।୧(ଏଜେନ୍ସି): ଗତ ଦୁଇ ସପ୍ତାହ ଧରି ଇରାନରେ ସରକାର ବିରୋଧୀ ପ୍ରତିବାଦ ଜାରି ରହିଛି । ଇରାନରେ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା (ଏଚ୍‌ଆରଏଏନ୍‌ଏ) ଦେଇଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୮ ଜଣ ଶୁଶିଙ୍କ ସମେତ ଏହି ହିଂସ୍ରକ ଆନ୍ଦୋଳନରେ ମୋଟ୍ ୫୪୪ ଜଣ ମୃତ୍ୟୁବରଣ କରିଛନ୍ତି ଓ ୧୦.୬୮୧ ଜଣଙ୍କୁ ଗିରଫ କରାଯାଇ ଜେଲ୍‌ରେ ଭର୍ତ୍ତି କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ତା'ର ରେଡ୍ ଲାଇନ୍ ଅର୍ଥାତ ଲକ୍ଷ୍ମଣ ରେଖା ପାର୍ କରିଛି । ଫଳରେ ଆମେରିକା ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଚିନ୍ତା କରୁଛି । ଟ୍ରମ୍ପ କହିଛନ୍ତି ଯେ, ସରକାର ଯେପରି ପ୍ରତିବାଦକୁ ଦମନ କରିବା ପାଇଁ ଇରାନ ରେଡ୍ ଲାଇନ୍ ଅତିକ୍ରମ କରୁଛି । ସମ୍ବାଦିକଙ୍କ ସହ କଥା ହେବା ବେଳେ ଟ୍ରମ୍ପ କହିଛନ୍ତି ଯେ, ଇରାନ ପ୍ରଦର୍ଶନକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ଓ କ'ଣ କରୁଛି ସେ ତାହା ଉପରେ ଆମେରିକା ତୀକ୍ଷ୍ଣ ନଜର ରଖିଛି । ଇତିମଧ୍ୟରେ ଇରାନ ଆଲୋଚନା ପାଇଁ ଏକ ପ୍ରସ୍ତାବ ଦେବା ସହ ଆମେରିକା ସହ ଯୋଗାଯୋଗ ରକ୍ଷା କରିଛି । ଏ ନେଇ ଏକ ବୈଠକ ସ୍ଥିତ କରିବା ପାଇଁ ଆଲୋଚନା ଚାଲିଛି । ତଥାପି, ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମ ପଦକ୍ଷେପ ନେବାକୁ ପଡ଼ିପାରେ । କାରଣ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ଓ ଗିରଫ ହେଉଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଟ୍ରମ୍ପ କହିଛନ୍ତି ।

ଅନପଟେ ଇରାନ ବୈଦେଶିକ ମନ୍ତ୍ରୀ ଅଭିଯୋଗ କରି କହିଛନ୍ତି ଯେ, ଦେଶରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଏବେ ରକ୍ତାକ୍ତ ହୋଇଛି ଓ ଏହା ଟ୍ରମ୍ପଙ୍କୁ ହସ୍ତକ୍ଷେପ କରିବା



## ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିବ ଆମେରିକା

ପାଇଁ ବାହାନା ଦେଉଛି । ପ୍ରଦର୍ଶନକାରୀମାନେ ପୁଲିସକର୍ମୀଙ୍କୁ ମାରିବା ସହ ଜିଅନ୍ତା ଜଳାଉଛନ୍ତି । ଦେଶବ୍ୟାପୀ ଚାଲିଥିବା ପ୍ରତିବାଦ ଏବେ ନିୟନ୍ତ୍ରଣକୁ ଆସିଛି ବୋଲି ସେ କହିଛନ୍ତି । ଆନ୍ଦୋଳନ ଚାଲିଥିବା ବେଳେ ଭାରତୀୟ ନାଗରିକଙ୍କୁ ଗିରଫ କରାଯିବା କଥା ମିଥ୍ୟା ବୋଲି ଇରାନ ରାଷ୍ଟ୍ରଦୂତ ମୋହମ୍ମଦ ଫଥାଲୀ ଏକ୍ସରେ ସୂଚନା ଦେଇଛନ୍ତି । ପୁଣି ଯଦି ଆମେରିକା ଆକ୍ରମଣ କରେ ତେବେ ଇରାନ ଆମେରିକା ସମେତ ଇସ୍ରାଏଲ ସୈନ୍ୟଙ୍କୁ ଆକ୍ରମଣ କରିବ ।

ଆମେରିକାରେ ଇରାନ ସର୍ବୋଚ୍ଚ ନେତା ଅଲି ହୋସେଇନି ଖାମେନେଇଙ୍କ ବିରୋଧରେ ଆୟୋଜିତ ରାଲି ଭିତରକୁ ଏକ ଟ୍ରକ ମାଡିଯିବା ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା । ଏହି ଘଟଣା ରବିବାର ଅପରାହ୍ଣରେ ଲସ୍ ଏଞ୍ଜେଲ୍ସର ୱେଷ୍ଟଉଡ ଅଞ୍ଚଳରେ ଘଟିଥିଲା । ଏଠାରେ ଇରାନରେ ଚାଲିଥିବା ପ୍ରତିବାଦକୁ ସମର୍ଥନ କରି ଶହଶହ ଲୋକ ଶୋଭାଯାତ୍ର କରୁଥିଲେ । ତେବେ ଏହି ଘଟଣାରେ କେତେଲୋକ ଆହତ ହୋଇଛନ୍ତି ସେ ନେଇ କିଛି କୁହାଯାଇନାହିଁ । ରାଲି ଭିତରକୁ ଟ୍ରକ୍ ମାଡିଯିବା ଫଳରେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ିବା ଆରମ୍ଭ କରିଥିଲେ । ଉତ୍ୟକ୍ତ ପ୍ରଦର୍ଶନକାରୀମାନେ ସମ୍ପୃକ୍ତ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ।

**ଇରାନରେ ଥିବା ନାଗରିକଙ୍କୁ ସତର୍କ କରାଇଲା ଭାରତ**

ଇରାନରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବା ବେଳେ ଭାରତ ସେଠାରେ ଥିବା ନିଜର ନାଗରିକଙ୍କୁ ସତର୍କ କରାଇଛି । ଭାରତ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କୁ ବାହରକୁ ନ ବହାରିବା ପାଇଁ ଓ କୌଣସି ପ୍ରକାର ଘଟଣାରେ ନ ଫସିବା ସତର୍କ କରାଇଛି । ଇରାନ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ଓ ପ୍ରବାସୀ ରହୁଛନ୍ତି । ପ୍ରତିବନ୍ଧକ ସତ୍ତ୍ୱେ ରାଜଧାନୀ ତେହେରାନସ୍ଥିତ ଆମ ଦୂତାବାସ ଛାତ୍ରଙ୍କ ସଂଘଗୁଡିକ ସହ ସମ୍ପର୍କ ରକ୍ଷା କରିଛି । ଏପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଅଛନ୍ତି ଓ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି । ଘରୁ ବାହାରକୁ ବାହରିଲେ ଭାରତୀୟ ନାଗରିକମାନେ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

ଚେନ୍ନଇ, ୧୨ ।୧(ଏଜେନ୍ସି): ସିବିଆଇ ସୋମବାର ତାମିଲ ଅଭିନେତା ତଥା ତାମିଲିଗା ଭେଟ୍ରୀ କାଝଗମ (ଟିଭିକେ) ପାର୍ଟି ମୁଖ୍ୟ ବିଜୟ ଥଲାପତିଙ୍କୁ ୬ ଘଣ୍ଟା ପଚରାଉଚରା କରିଛି । ବିଜୟ ସକାଳ ୧୧.୨୯ରେ କଡ଼ା ସୁରକ୍ଷା ବଳୟ ଭିତରେ ସିବିଆଇ ମୁଖ୍ୟ କାର୍ଯ୍ୟାଳୟ ପହଞ୍ଚିଥିଲେ ଓ ସନ୍ଧ୍ୟା ୬ଟାରେ ବାହରକୁ ବାହାରିଥିଲେ । କରୁର ଦଳଚକଟା ମାମଲାରେ ତାଙ୍କୁ ପଚରା ଉଚରା କରାଯାଇଥିଲେ । ତେବେ ଏହି ଘଟଣା ପାଇଁ ତାଙ୍କ ପାର୍ଟି ଦାୟୀ ନୁହେଁ ବୋଲି ସେ ସିବିଆଇକୁ ସ୍ପଷ୍ଟ କରିଥିଲେ । ଦଳାଚକଟା ଆଗକୁ ନ ବଢ଼ିବା ପାଇଁ ସେ ତୁରନ୍ତ ସେ ଜାଗା ଛାଡି ଚାଲିଯାଇଥିଲେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୭ ରେ



କରୁରରେ ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା । ଏଥିରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଥିଲେ । ବିଜୟଙ୍କୁ ପାଖରୁ ଦେଖିବା ପାଇଁ ଆବଶ୍ୟକତାଠାରୁ ଭିଡ଼ ଏକାଠି ହେବା କାରଣରୁ ଏହି ଘଟରା ଘଟିଥିଲା । ସେତେବେଳେ ଏହି ଘଟଣାକୁ ନେଇ ଦେଶ ସାରା ଚର୍ଚ୍ଚା ଚାଲିଥିଲା । ଏହାପୂର୍ବରୁ ସିବିଆଇ ଜାନୁଆରୀ ୬ରେ ବିଜୟଙ୍କ ସମନ ଜାରି କରିଥିଲା । ରାଲି ପାଇଁ ବିଜୟଙ୍କୁ ୧୦ ହଜାର ଲୋକଙ୍କ ପାଇଁ ଅନୁମତି ଥିଲା । ପ୍ରଶାସନ ୫୦ ଲୋକେ ଏକାଠି ହେବେ ବୋଲି ଅନୁମାନ କରୁଥିଲା । କିନ୍ତୁ ୧ ଲକ୍ଷ ୨୦ ହଜାର ଲୋକ ଏକାଠି ହେବା ଫଳରେ ଦଳଚକଟା ସ୍ଥିତି ସୃଷ୍ଟି ହୋଇଥିଲା ।

# ଆସନ୍ତାବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଭାରତରେ ଆମେରିକାର ନୂଆ ରାଷ୍ଟ୍ରଦୂତ ସର୍ଗିଓ ଗୋର ସୋମବାର ନୂଆଦିଲ୍ଲୀରେ ଦାୟିତ୍ୱ ସମ୍ଭାଳିଛନ୍ତି । ପଦ ସମ୍ଭାଳିବା ପରେ ସେ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ନେଇ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି । ଭାରତ ଅପେକ୍ଷା ଆମେରିକା ପାଇଁ କୌଣସି ଦେଶ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଦୁଇଦେଶ ଆସନ୍ତାକାଲି ଫୋନ୍ ମାଧ୍ୟମରେ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋର କହିଛନ୍ତି । ସେ ଏହି କ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଥିବା ବନ୍ଧୁତାକୁ ପ୍ରକୃତ ବୋଲି ବର୍ଣ୍ଣନା କରିଥିଲେ । ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ମତଭେଦ ରହିଥାଏ, କିନ୍ତୁ ଶେଷରେ ସେମାନେ ସର୍ବଦା ସେମାନେ ମତଭେଦକୁ ଦୂର କରିବାରେ ସକ୍ଷମ ହୋଇଥାନ୍ତି । ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସହଭାଗୀତାକୁ ପରବର୍ତ୍ତୀ ସ୍ତରକୁ ନେବା ଆମର ଲକ୍ଷ୍ୟ । ଆସନ୍ତାବର୍ଷ ଟ୍ରମ୍ପ ଭାରତ ଆସିପାରିନ୍ତି ବୋଲି ସେ କହିଛନ୍ତି ।

ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନେବା ପରେ ଗୋର ପ୍ରଥମେ 'ନମସ୍ତେ' ସହିତ ତାଙ୍କର ଭାଷଣ ଆରମ୍ଭ କରିଥିଲେ । ଭାରତରେ ଆମେରିକା ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଥିଲେ । ସେ ଭାରତକୁ ଏକ ଅସାଧାରଣ ରାଷ୍ଟ୍ର ଭାବେ ବର୍ଣ୍ଣନା କରିଥିଲେ । ଭାରତରେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ଏକ ସମ୍ମାନର ବିଷୟ । ଭାରତ ହେଉଛି ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଓ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସଂଗମ । ଭାରତ ଏକ ବଡ଼ ଦେଶ । ତେଣୁ ବାଣିଜ୍ୟ ନେଇ ଚୁକ୍ତି ପ୍ରକ୍ରିୟା ସେତେଟା ସହଜ ନୁହେଁ । କିନ୍ତୁ ଦୁଇ ଦେଶ ଏ ନେଇ ଚେଷ୍ଟିତ ଅଛନ୍ତି ବୋଲି ସେ କହିଛନ୍ତି । ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଚୟନ କରିବାକୁ ଟ୍ରମ୍ପ ୭ ମାସ ସମୟ ନେଇଥିଲେ । ୨୦୨୫ ଜାନୁଆରୀରେ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଭାବେ ମନୋନୀତ କରିଥିଲେ । ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପଙ୍କ ପାଇଁ ଗୋର ପାଣ୍ଠି ସଂଗ୍ରହ କରିବାରେ ଆଗୁଆ ରହିଥିଲେ । ଗୋର ଟ୍ରମ୍ପଙ୍କ ପୁଅ ଜୁନିଅର ଟ୍ରମ୍ପଙ୍କ ବନ୍ଧୁ ଭାବେ ଜଣାଶୁଣା ।



ସର୍ଗିଓ ଗୋର

# ଦିଲ୍ଲୀରେ ତାପମାତ୍ରା ୩.୨ ଡିଗ୍ରୀ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଦିଲ୍ଲୀ ସମେତ ସାରା ଉତ୍ତର ଭାରତରେ ପ୍ରବଳ ଶୀତ ଓ ଥଣ୍ଡା ଜାରି ରହିଛି । ରାଜଧାନୀ ଦିଲ୍ଲୀରେ ଚଳିତ ଶୀତଋତୁରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି । ଆୟା ନଗରରେ ସର୍ବନିମ୍ନ ତାପମାତ୍ରା ୨.୯ ଡିଗ୍ରୀ ରେକର୍ଡ କରାଯାଇଛି । ପାଲମ ବିମାନ ବନ୍ଦରରେ ୧୩ ବର୍ଷ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପୁରୁଣା ରେକର୍ଡ ଭାଙ୍ଗିଛି । ପ୍ରବଳ ଥଣ୍ଡା ପାଇଁ ସେହିପରି ନୋଏଡ଼ାରେ ଜାନୁଆରୀ ୧୫, ଗୋରଖପୁର- ଆଗ୍ରାରେ ୧୩,

**ସବୁଠାରୁ ଶୀତୁଆ ସକାଳ; ୧୩ ବର୍ଷର ରେକର୍ଡ ଭାଙ୍ଗିଲା**



ମିରଟ୍‌ରେ ୧୨ ତାରିଖ ପର୍ଯ୍ୟନ୍ତ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ପାର୍ବତ୍ୟାଞ୍ଚଳରେ ତୁଷାରପାତ କାରଣରୁ ସାରା ଉତ୍ତର ଭାରତରେ କଡ଼ା ଥଣ୍ଡା ଅନୁଭୂତ ହେଉଛି । ରବିବାର ରାଜସ୍ଥାନରେ ବହୁ ଅଞ୍ଚଳରେ ତାପମାତ୍ରା ଶୂନ ଡିଗ୍ରୀକୁ ଖସିଛି । ଫତେପୁରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୨ ଓ ନାଗୋରରେ ବିଯୁକ୍ତ ୧ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଉତ୍ତରାଖଣ୍ଡର ପିଥୋରାଗଡ଼, ଆଦି କୈଳାଶ, ରୁଦ୍ରପ୍ରୟାଗ ଓ କେଦାନାଥଧାମରେ ତାପମାତ୍ରା ବିଯୁକ୍ତ ୧୬ ଡିଗ୍ରୀରେ ପହଞ୍ଚିଛି । ମଧ୍ୟପ୍ରଦେଶରେ ଅଧିକାଂଶ ଜିଲ୍ଲାରେ ରାତିରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା । ସେହିପରି ବିହାରର ୫ଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ର ୬ ଓ ୧୧ ଜିଲ୍ଲାରେ ୮ ଡିଗ୍ରୀଥିଲା ଏବଂ ୨୪ଟି ଜିଲ୍ଲାରେ ଘନ କୁହୁଡି ଦେଖିବାକୁ ମିଳିଥିଲା ।

## ଥାନାରେ ପତ୍ନୀଙ୍କୁ ଗୁଳିକରି ହତ୍ୟା

ହରଦୋଇ, ୧୨ ।୧(ଏଜେନ୍ସି): ଉତ୍ତରପ୍ରଦେଶର ହରଦୋଇରେ ଜଣେ ପତି ଥାନା ଭିତରେ ହିଁ ନିଜ ପତ୍ନୀଙ୍କୁ ଗୁଳିକରି ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ପତ୍ନୀ ୫ ଦିନପୂର୍ବେ ନିଜ ପ୍ରେମକଙ୍କ ସହ ପଳାଇଯାଇଥିଲେ । ପୁଲିସ ରବିବାର ମହିଳା ଓ ତାଙ୍କ ପ୍ରେମିକଙ୍କୁ ଥାନାକୁ ଆଣିଥିଲେ ଓ ପତିଙ୍କୁ ଫୋନ କରି ସୂଚନା ଦେଇଥିଲେ । ସୋମବାର ସକାଳେ ୩୦ ବର୍ଷୀୟ ସୋନୀ ଜଳଖିଆ କରି ଥାନା ମେସ୍‌ରୁ ବାହରୁଥିବା ସମୟରେ ସ୍ୱାମୀ ଅନୁପ (୩୮) ସେଠାରେ ପହଞ୍ଚିଥିଲେ । ହଠାତ ସେ ପିସ୍ତଲ ବାହର କରି ସୋନୀଙ୍କୁ ଗୁଳି କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ । ଗୁଳି ତାଙ୍କ ଛାତିରେ ଏପଟରୁ ସେପଟକୁ ବାହରି ଯାଇଥିଲା । ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଏହି ସମୟରେ ଅନୁପ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କୁ ପୁଲିସ କର୍ମୀ ଧରି ପକାଇଥିଲେ । ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ପୁଲିସ ଅଧିକକ୍ଷ ସବ-ଇନିସପେକ୍ଟରଙ୍କ ସମେତ ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି । ସହର ମୁଖ୍ୟାଳୟଠାରୁ ୫୦ କିମି ଦୂରରେ ଥିବା ପାଲି ଥାନାରେ ଏହି ଘଟଣା ଘଟିଛି । ସୋନୀ ଓ ଅନୁପ ୧୭ ବର୍ଷ ତଳେ ବିବାହ କରିଥିଲେ । ହରିୟାଣାର ଗୁରୁଗ୍ରାମରେ ଏକ କମ୍ପାନୀରେ ଚାକିରି କରୁଥିବା ବେଳେ ଅନୁପଙ୍କ ସୁରଜିତଙ୍କ ସହ ପରିଚୟ ହୋଇଥିଲା ଓ ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା । କନ୍ତୁ ସୁରଜିତଙ୍କ ସହ ସୋନୀ ସମ୍ପର୍କ ସ୍ଥାପନ କରିଥିଲେ । ପୁଲିସଠାରୁ ସୂଚନା ପାଇବା ପରେ ରାତିସାରା ଶୋଇ ନଥିଲା ବୋଲି ଅନୁପ କହିଛନ୍ତି । ଶେଷରେ ସକାଳ ୪ଟାରେ ସୋନୀଙ୍କୁ ମାରିବାକୁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି ।

**ପ୍ରେମିକ ସହ ପଳାଇଯାଇଥିଲେ**



## ଏକତରଫା ପ୍ରେମ; ଇଞ୍ଜିନିୟରଙ୍କୁ ହତ୍ୟା

ବେଙ୍ଗାଲୁରୁ, ୧୨ ।୧(ଏଜେନ୍ସି): ବେଙ୍ଗାଲୁରୁରେ ଜାନୁଆରୀ ୩ରେ ଜଣେ ସଫ୍ଟଓୟାର ଇଞ୍ଜିନିୟର ଶର୍ମିଳା ଡିକେ (୩୪)ଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ଜଣେ ୧୮ ବର୍ଷୀୟ ପଡୋଶୀ ଯୁବକ କର୍ଣ୍ଣେଲ କୁରାଇଙ୍କୁ ପୁଲିସ ଗିରଫ କରିଛି ବୋଲି ରବିବାର ସୂଚନା ଦେଇଛି । ପୁଲିସ ପଚରାଉଚରା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛି । ଶର୍ମିଳା ଅଭିଯୁକ୍ତ କୁରାଇଙ୍କ ସହ ଯୌନ ସମ୍ପର୍କ ରକ୍ଷା କରିବାକୁ ମନା କରିଥିଲେ । ଏଥିରେ ଉତକ୍ଷୀପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲା । ପୁଲିସର କହିବା ଅନୁଯାୟୀ ଜାନୁଆରୀ ରାତି ୩ ରାତି ପ୍ରାୟ ୧୦.୩୦ରେ ରାମମୂର୍ତ୍ତି ନଗରର ସୁବ୍ରମଣ୍ୟ ଲେଆଉଟରେ ଏକ ଭଡ଼ା ଆପାର୍ଟମେଣ୍ଟରେ ନିଆଁ ଲାଗିଥିଲା । ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ସମୟରେ ଶର୍ମିଳାଙ୍କ ମୃତଦେହ ଶୋଇବା ଘରୁ ମିଳିଥିଲା । ପ୍ରାରମ୍ଭିକ ଭାବେ ଏହା ସର୍ଟ ସର୍କିଟ କାରଣରୁ ଘଟିଥିବା ସନ୍ଦେହ କରାଯାଇଥିଲା । କିନ୍ତୁ ଫରେନସିକ ଯାଞ୍ଚ ପରେ ମାମଲାଟି ସନ୍ଦେହଜନକ ବୋଲି ଜଣାପଡ଼ିଥିଲା । ପୁଲିସ ପଡୋଶୀ କୁରାଇକୁ ସନ୍ଦେହ କରିଥିଲା । କୁରାଇ ରାତି ୯ଟାରେ ସ୍ଲାଇଡିଂ ଝରକା ଜରିଆରେ ଫ୍ଲାଟ ଭିତରରେ ପ୍ରବେଶ କରିଥିଲା । ସେ ଶର୍ମିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲା । କିନ୍ତୁ ଶର୍ମିଳା ପାଟି କରିଥିଲେ । ଏହାପରେ ଦୁହିଁଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ସେ ଶର୍ମିଳାକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରିଥିଲା । ଫଳରେ ଶର୍ମିଳା ବେହୋସ ହୋଇଯାଇଥିଲେ । ଏହାପରେ ଅଭିଯୁକ୍ତ କୋଠରୀରେ ନିଆଁ ଲଗାଇ ଦେଇଥିଲା ଓ ତାଙ୍କ ମୋବାଇଲ ଫୋନ ନେଇ ସେଠାରୁ ପଳାଇଯାଇଥିଲା । ଶ୍ୱାସରୁଦ୍ଧ ହୋଇ ଶର୍ମିଳା ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

**୧୮ ବର୍ଷୀୟ ପଡ଼ୋଶୀ ଗିରଫ**



# ୩୬୭୩ କୋଟିରେ ହେବ ନୂଆ ଲୋକସେବା ଭବନ

■ ଭବିଷ୍ୟତକୁ ଦୃଷ୍ଟିରେ ରଖି ୩୦୦ ଆସନର ବିଧାନସଭା କକ୍ଷ
■ ଗୋଟିଏ ପରିସରରେ ବିଧାନସଭା ଓ ଲୋକସେବା ଭବନ
■ ୯୫୨ କୋଟିରେ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ୍ କରିଡର

ଭୁବନେଶ୍ୱର,୧୨।୧(ସମିସ): ରାଜ୍ୟରେ ନିର୍ମାଣ କରାଯିବ ନୂଆ ଲୋକସେବା ଭବନ, ବିଧାନସଭାର ନୂତନ ଗୃହ। ମୋଟ୍ ୭୧.୧ ଏକର ଜମିରେ ଏହି କ୍ୟାମ୍ପସ ତିଆରି ହେବ। ଏହି ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୋମବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ୭୧.୧୩ ଏକର ଜାଗାରେ ଗୋଟିଏ କ୍ୟାମ୍ପସ ଭିତରେ ଲୋକସେବା ଭବନ ଓ ରାଜ୍ୟ ବିଧାନସଭା ରହିବ। ଡିଲିମିଟେସନକୁ ଦୃଷ୍ଟିରେ ରଖି ବିଧାନସଭାକୁ ୩୦୦ ଆସନ ବିଶିଷ୍ଟ କରାଯିବ। ଏଥିପାଇଁ ୩,୬୭୩ କୋଟି ଟଙ୍କା ବ୍ୟୟ ହେବ। ଏପରିକି ନୂଆଦିଲ୍ଲୀରେ ନବନିର୍ମିତ ସଂସଦ ଭବନ ସେଣ୍ଟ୍ରାଲ ଭିଷ୍ଟା ଢାଞ୍ଚାରେ ଲୋକସେବା ଭବନ ଓ ବିଧାନସଭା ନିର୍ମାଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ତେବେ କେଉଁ ସ୍ଥାନରେ ଏହି ନୂତନ ଲୋକସେବା ଭବନ ନିର୍ମାଣ ହେବ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୂର୍ତ୍ତ ବିଭାଗ ମଧ୍ୟ ସ୍ଥାନ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ରାଜଧାନୀର କେନ୍ଦ୍ରସ୍ଥଳରେ ଏତେ ପରିମାଣର ଖାଲି ଜମି ନ ଥିବାରୁ ବର୍ତ୍ତମାନ ଲୋକସେବା ଭବନ ଓ ବିଧାନସଭାକୁ ଭାଙ୍ଗି ସେହି ସ୍ଥାନରେ ନୂତନ ନିର୍ମାଣ ହୋଇପାରେ ବୋଲି ସାଧାରଣରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ଭୁବନେଶ୍ୱର ପାଇଁ ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଭିତ୍ତି ପଡ଼ିଛି। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ୍ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏ-ଓଭର ନିର୍ମାଣ କରାଯିବ। ଏହାଦ୍ୱାରା ରାଜ୍ୟର ଏକ ଗହଳିପୂର୍ଣ୍ଣ ସଡକରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯିବାଆସିବା କରିପାରିବେ ବୋଲି ସରକାର ଆଶା ରଖିଛନ୍ତି। ଏହି ରାସ୍ତା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କଳିଙ୍ଗ ଷ୍ଟାଡିୟମ୍ (ଗେଟ୍ ନଂ-୪)ଠାରୁ ରଘୁନାଥପୁର ବ୍ରିଜ୍ ପର୍ଯ୍ୟନ୍ତ ୯.୫ କିଲୋମିଟର ରାସ୍ତାର ଆଧୁନିକୀକରଣ କରାଯିବ। ବର୍ତ୍ତମାନର ୬-ଲେନ୍ ରାସ୍ତାକୁ ୮-ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି କଳିଙ୍ଗ ହସ୍ପିଟାଲ୍ ଛକ, ଡମଣା ଛକ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନଠାରେ ୪-ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ କରାଯିବ। ସେହିପରି ଜୟଦେବ ବିହାର ଛକଠାରେ ଏନ୍ଏଚ୍-୧୬ ଉପରେ ଏକ ୧୯୦ ମିଟର ଲମ୍ବର ୪-ଲେନ୍ ବିଶିଷ୍ଟ କେବୁଲ୍-ଷ୍ଟେଡ୍ ବ୍ରିଜ୍ ନିର୍ମାଣ କରାଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରାୟ ୧୭.୫ କିଲୋମିଟର ଲମ୍ବର ୫.୫ ମିଟର ଓସାର ବିଶିଷ୍ଟ ସର୍ଭିସ୍ ରୋଡ୍ ଏବଂ ୯ କିଲୋମିଟର ଲମ୍ବର ୭.୫ ମିଟର ଓସାର ବିଶିଷ୍ଟ ସ୍ଲିପ୍ ରୋଡ୍ ନିର୍ମାଣ କରାଯିବ। ସହରର ବିଭିନ୍ନ ପ୍ରମୁଖ ଛକ ଯେପରିକି - ଜୟଦେବ ବିହାର, ଜାଭିୟର୍ ଛକ, କଳିଙ୍ଗ ହସ୍ପିଟାଲ୍ ଛକ, କେୟାର୍ ହସ୍ପିଟାଲ୍ ଛକ, ଡମଣା ଛକ, ଇନଫୋସିଟି ଛକ, ଶିଶୁ ବିହାର ଜଙ୍କସନ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନ୍ଠାରେ 'ଏଟ୍ ଗ୍ରେଡ୍' ରାଉଣ୍ଡଅବାଉଟ୍ (ଗୋଲେଇ) ଆକୃତିରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।




ଚାଲିଛି ସଡ଼କ ସୁରକ୍ଷା ସପ୍ତାହ

# ଗଞ୍ଜାମରେ ଦୁର୍ଘଟଣା ନେଲା ୪ଜୀବନ

■ ବାଳକୃଷ୍ଣପୁର ଛକରେ ଯାତ୍ରୀବାହୀ ବସ୍ ଧକ୍କାରେ ୨ ମୃତ
■ ଆଠଗଡ଼ପାଟଣାରେ ଟ୍ରାକ୍ଟର ଓଲଟି ଜଣେ ମୃତ
■ ମୃତକଙ୍କ ପରିବାରକୁ ଭେଟି ଫେରିବା ବେଳେ ଜଣେ ମୃତ

ବ୍ରହ୍ମପୁର/କବିସୂର୍ଯ୍ୟନଗର/ଶେରଗଡ଼, ୧୨।୧(ସମିସ): ସୋମବାର ଗଞ୍ଜାମ ଜିଲ୍ଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଛି। ଏଥିରେ ଏକାଧିକ ଆହତ ମଧ୍ୟ ହୋଇଛନ୍ତି।

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣପୁର ଛକରେ ଏକ ବସ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ସୋନପୁର ଜିଲ୍ଲାର ବିନୟ କୁମାର ବିଶି (୫୫) ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅର୍ଥଘର ପଟଣାର ତେଜସ୍ୱିନୀ ରାୟ (୨୪)। ବିନୟ ଓ ତେଜସ୍ୱିନୀ ଗୋଟିଏ କମ୍ପାନୀରେ କାମ କରନ୍ତି। ଆଜି ମଧ୍ୟାହ୍ନରେ ଦୁହେଁ ଏକ ସ୍କୁଟିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦିଗପହଣ୍ଡି ଅଭିମୁଖେ ଆସୁଥିବା ଏକ ବସ୍ ବାଳକୃଷ୍ଣପୁର ଛକରେ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିନୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ତେଜସ୍ୱିନୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଅନ୍ୟ ଏକ ଦୁର୍ଘଟଣା କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ନିକଟରେ ଘଟିଛି। ଇଲେକ୍ଟ୍ରି ଖୁଣ୍ଟ ସହ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଟିକରପଡ଼ା ଅଞ୍ଚଳର ଶିବ ଦାସ। ଗୁରୁତରମାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସେହିଭଳି, ବନ୍ଧାଗୁଡ଼ା ପଞ୍ଚାୟତ ବି.ଚିକିଲି ଛକଠାରେ ଡାଲାଅଟୋ ଓଲଟି ପଡ଼ିବାରୁ ଅଟୋରେ ବସିଥିବା ୧୪ଜଣ ମହିଳା ଛିଟିକି ପଡ଼ିଥିଲେ। ସମସ୍ତଙ୍କୁ ଶେରଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରୋହିଗାଁର ଉଲ୍ଲା ବିଷୋୟୀଙ୍କ ସ୍ତ୍ରୀ ସାରସୁ ବିଷୋୟୀ (୬୫)ଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ରଜନୀ ଜେନା, ଅମୂଲ୍ୟ ଜେନା, ଗାୟତ୍ରୀ ଜେନା, ଆରତୀ ଜେନା, ବଙ୍ଗାଳି ଜେନା, ଝୁମ୍ପା ଜେନା ଗୁରୁତର ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ଗତକାଲି ଖିରିଡା ପଞ୍ଚାୟତ ହାଡ଼ିଚିରା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା।

ଗୋଟିଏପଟେ, ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଲୋକଙ୍କୁ ଦୁର୍ଘଟଣା ପ୍ରତି ସଚେତନ କରାଯାଉଥିବା ବେଳେ ଅନ୍ୟପଟେ ଦୁର୍ଘଟଣା ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି। ତେଣୁ ସରକାରଙ୍କ ସଡ଼କ ସୁରକ୍ଷା ସପ୍ତାହ ଖାଲି ପ୍ରହସନ ବୋଲି ଅଭିଯୋଗ ହେଉଛି।



## ହାତୀ ଆକ୍ରମଣରେ ମହିଳା ମୃତ

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଶଙ୍ଖପୁର ଗ୍ରାମର ଡିହପଦା ସାହିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶଙ୍ଖପୁରର ଇଚ୍ଛା ଦେହୁରୀ (୭୦)। ସୋମବାର ସକାଳେ ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଇଚ୍ଛାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ହାତୀଟିକୁ ଘଉଡ଼ାଇବା ସହ ଗୁରୁତର ଇଚ୍ଛାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନବୀନଙ୍କୁ ଭେଟିଲେ ୧୦ ବିଧାୟକ



## ଲୋକ ସମ୍ପର୍କ ସହ ସଙ୍ଗଠନକୁ ଦୃଢ଼ କରିବାକୁ ନବୀନଙ୍କ ପରାମର୍ଶ

ଭୁବନେଶ୍ୱର,୧୨।୧(ସମିସ): ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିଜେଡିର ୧୦ ଜଣ ବିଧାୟକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରିବା ସହ ଲୋକଙ୍କ ସହ ସିଧା ସଳଖ ସମ୍ପର୍କ ରଖିବା ପାଇଁ ନବୀନ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

ସାକ୍ଷାତ ସମୟରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହା ସହିତ ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଶ୍ରୀ ପଟ୍ଟନାୟକ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ,ବିଧାୟିକା ସୁଜାତା ସାହୁ,ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାରକାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ନବୀନଙ୍କୁ ଭେଟିଛନ୍ତି ।

'ସୁଶାସନ'ରେ ସାମିଲ ହେଲା ସଡ଼କ ସୁରକ୍ଷା

# ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



■ ୪୬କୋଟି ଟଙ୍କାରେ ୧୦୦ଟି ନୂତନ ବସ୍ ସାମିଲ୍
■ ଭୁବନେଶ୍ୱରରେ ୧୫ଟି ଚାର୍ଜିଂ ଷ୍ଟେସନ୍ ଉଦ୍‌ଘାଟିତ
■ କଳିଙ୍ଗା ଘାଟିରେ ଲାଗିଲା 'ସତର୍କ ସୂଚନା ଘଣ୍ଟି'
■ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ସମ୍ମାନ' ଆରମ୍ଭ

ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ସରକାର ସଡ଼କ ସୁରକ୍ଷାକୁ ସୁ-ଶାସନର ଏକ ଅଂଶ ଭାବେ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ସଡ଼କ ସୁରକ୍ଷା ଉପରେ ଅଧିକ ସତର୍କ ରହିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାକୁ ଭିତ୍ତି କରି ରାଜ୍ୟରେ ଆଜିଠାରୁ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା ହୋଇଛି।

ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀଅନୁଷ୍ଠାନଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତି କରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡ଼ିକ ଭଲ ପ୍ରଦର୍ଶନ କରିବେ, ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। ସେହିପରି ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରିଥିବା ଉତ୍ତମ ପଦକ୍ଷେପ ଭିତ୍ତିରେ ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପଣ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଏହାସହ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି। ନିଗମର ପୁରୁଣା ବସ୍ ବଦଳରେ ଏହି ସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ୍ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚାଳିତ ବସ୍‌ଗୁଡ଼ିକ ପାଇଁ ସ୍ମାର୍ଟକାର୍ଡ ବ୍ୟବସ୍ଥା ମଧ୍ୟ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁରଠାରେ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ ହୋଇଥିଲା।

ଏହାବ୍ୟତୀତ, କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ବ୍ୟବସ୍ଥାରେ ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ୍-ପ୍ରକଳ୍ପ ଭାବେ ଆରମ୍ଭ କରାଯାଇଛି। ସଫଳ ହେଲେ ଅନ୍ୟ ଘାଟି ରାସ୍ତାରେ କାର୍ଯ୍ୟକ୍ଷମ ହେବ। ସେହିପରି କଟକ-ଭୁବନେଶ୍ୱରର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଂ ଷ୍ଟେସନ୍‌ର ମଧ୍ୟ ଆବଶ୍ୟକତା ରହିଛି। ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେସନ୍‌ର ଲୋକାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ମହିଳା ଗାଡ଼ି ଚାଳକମାନଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଶିକ୍ଷାରୁ ସୁରକ୍ଷା ଏବଂ ଟେକ୍ନୋଲୋଜିର ପରିବର୍ତ୍ତନ ଧାରାରେ ଆମେ ସଡ଼କ ଦୁର୍ଘଟଣାକୁ ରୋକିପାରିବା।

# ୪୬ ଅଧିକାରୀ ଓ କର୍ମଚାରୀ ପାଇଲେ ପୁଲିସ ମହାନିର୍ଦ୍ଦେଶକ ପଦକ




କଟକ, ୧୨।୧(ସମିସ): ଓଡ଼ିଶା ପୁଲିସରେ କର୍ତ୍ତବ୍ୟରତ ୪୬ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପୁଲିସ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। କଟକସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ୪୬ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ସେମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ।

ପଦକ ପାଇଥିବା ପ୍ରମୁଖଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡା ଏସପି ସ୍ୱସ୍ତି ଏସ. କୁମାର, କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡା ଏସପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସପି ହରୀଶ ବି.ସି, ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହଙ୍କ ସହ ୩ଜଣ ଅତିରିକ୍ତ ଏସପି, ୫ଜଣ ଡିଏସ୍‌ପି, ୫ଜଣ ଇନ୍ସପେକ୍ଟର୍, ୬ଜଣ ସବ୍-ଇନ୍ସପେକ୍ଟର୍, ୫ଜଣ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର୍, ୫ଜଣ ହାବିଲଦାର ଓ ୯ଜଣ କନଷ୍ଟେବଲ/ଓଏପିଏଫ/ସିପାହୀ ଅନ୍ତର୍ଭୁକ୍ତ ଥିଲେ। ଏହି ଅବସରରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ମକରରେ ଦଶମ ବିଦ୍ୟାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଛୁଟି ବାତିଲ

■ ବାରିପଦା ଉପଖଣ୍ଡ ପିଲାଙ୍କୁ ଶିକ୍ଷାଦାନ ପାଇଁ ଆଇଟିଡିଏ ପିଏଙ୍କ ନିର୍ଦ୍ଦେଶ
■ କୁହୁଳୁଛି ଅସନ୍ତୋଷ

ବାରିପଦା, ୧୨।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ହୋଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ହଷ୍ଟେଲରେ ରହି ପଢୁଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଛୁଟି ବାତିଲ କରାଯାଇଛି। ଏଥିସହ ଛୁଟି ସମୟରେ ସେମାନଙ୍କୁ ଶିକ୍ଷାଦାନ ପାଇଁ ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାକୁ ନେଇ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲାର ପରମ୍ପରା ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପରିବାରରେ ଏହି ପର୍ବ ସମସ୍ତ ସଦସ୍ୟ ଏକତ୍ର ପାଳନ କରିଥା'ନ୍ତି। ସକାଳେ ମକର ବୁଡ଼ ପକାଇ ନିଆଁପୁହାଁଠାରୁ ପିଠାପଣା, ମାଛମାଂସ ପ୍ରତ୍ୟେକ ଘରେ ହୋଇଥାଏ। ଏପରି ସ୍ଥଳେ ହଷ୍ଟେଲରେ ପିଲାଙ୍କୁ ଅଟକ ରଖିବା ପରମ୍ପରାକୁ ଅସମ୍ମାନ ସଦୃଶ୍ୟ ହୋଇଛି। ରାଜ୍ୟ ସରକାର ୧୪ ତାରିଖ ଛୁଟି ସହ ୧୫ତାରିଖକୁ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଛୁଟି ଅନୁମୋଦନ କରିଥିବା ବେଳେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ନିର୍ଦ୍ଦେଶନାମା ଅସନ୍ତୋଷ ସୃଷ୍ଟି କରିଛି।

# ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

## ଛୁଟି ପୂର୍ବରୁ ସଚିବଙ୍କୁ ଦେବେ ବସ୍ତା ଭର୍ତ୍ତି ଦରଖାସ୍ତ

ଭୁବନେଶ୍ୱର, ୧୨।୧(ସମିସ): ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ପ୍ରାଥମିକ ଶିକ୍ଷକଙ୍କ ଦାବି ସରକାର ପୂରଣ କରୁ ନାହାଁନ୍ତି। ଏକାଧିକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ବିଳମ୍ବିତ କରୁଛନ୍ତି। ଏଣୁ ଜାନୁଆରୀ ଶେଷ ସୁଦ୍ଧା ଶିକ୍ଷକଙ୍କ ସମସ୍ତ ଦାବିକୁ ସରକାର ପୂରଣ ନକଲେ ଫେବୃଆରୀ ପହିଲାରୁ ସମୂହ ଭାବେ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ରାଜ୍ୟ ଷ୍ଟିଅରିଂ କମିଟି ସଦସ୍ୟ ଓ ଜିଲ୍ଲା ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ସେମାନଙ୍କ ଏକାଧିକ ଦାବିକୁ ପୂରଣ ପାଇଁ ପ୍ରକ୍ରିୟା ଓ ସରକାରଙ୍କ ଆନ୍ତରିକତା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିଛନ୍ତି। ସରକାର ଦାବି ପୂରଣ କରିବା ବଦଳରେ ଏକ କମିଟି ଗଢ଼ି କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଣୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ଲକ୍ଷଲକ୍ଷ ଶିକ୍ଷକ ସେମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକଙ୍କ ମାଧ୍ୟମରେ ଦୁଇଟି ଛୁଟି ଦରଖାସ୍ତ ପ୍ରଦାନ କରିବେ। ତନ୍ମଧ୍ୟରୁ ଗୋଟିଏ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଅନ୍ୟଟି ଶିକ୍ଷା ବିଭାଗ ସଚିବଙ୍କୁ ପ୍ରଦାନ କରିବେ। ଜାନୁଆରୀ ଶେଷ ସପ୍ତାହରେ ବିଇଓଙ୍କୁ ଏବଂ ଫେବୃଆରୀ ପହିଲାରେ ସମସ୍ତ ଦରଖାସ୍ତକୁ ବସ୍ତାରେ ଭର୍ତ୍ତି କରି ସଚିବଙ୍କୁ ପ୍ରଦାନ କରିବେ। ଏହା ସହିତ ସମୂହ ଛୁଟି ସମ୍ପର୍କରେ ସେହିଦିନ ଘୋଷଣା କରାଯିବ ବୋଲି ମହାସଂଘର ଆବାହକ ରାମଲାଲ ପଟେଲ କହିଛନ୍ତି।

ଶିକ୍ଷକଙ୍କ ଏହି ନିଷ୍ପତ୍ତି ଅଭିବାବକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ପରୀକ୍ଷା ପୂର୍ବରୁ ଶିକ୍ଷକମାନେ ଆନ୍ଦୋଳନ କଲେ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା କରୁଛନ୍ତି। ଅପରପକ୍ଷରେ ଶିକ୍ଷକଙ୍କ ନିଷ୍ପତ୍ତିରେ ସରକାର ମଧ୍ୟ ଅଡ଼ୁଆରେ ପଡ଼ିବାର ଆଶଙ୍କା ଅଧିକ ରହିଛି। ସାରା ରାଜ୍ୟରେ ଶିକ୍ଷାଦାନ ଠପ୍ ହୋଇଗଲେ ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇ ପାରନ୍ତି। ଏଣେ ଶିକ୍ଷକମାନେ ସେମାନଙ୍କ ଦାବି ପୂରଣ ପାଇଁ ଚୂଡ଼ାନ୍ତ ଲଢ଼େଇ ଲଢ଼ିବାକୁ ପ୍ରସ୍ତୁତିକୁ ଜୋରଦାର କରୁଛନ୍ତି। ଏହି ବୈଠକରେ ମହାସଂଘର ସମସ୍ତ ଜିଲ୍ଲା ସଭାପତି ସମେତ ବ୍ଲକ୍ ସ୍ତରୀୟ ଶିକ୍ଷକ ନେତୃତ୍ୱ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

## ଦୁର୍ଘଟଣାରେ ଦୁଇ ଭାଇ ମୃତ

ଗୁଣୁପୁର,୧୨।୧(ସମିସ): ଗୁଣୁପୁର ସହର ନିକଟସ୍ଥ ଲିମାମଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ଗତ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଦୁଇ ସମ୍ପର୍କୀୟ ଭାଇଙ୍କର ଅକାଳ ବିୟୋଗ ଘଟିଛି। ମୃତକ ଦୁଇ ଭାଇ ହେଲେ ଗୁଡାରି ବ୍ଲକ୍ କଦମା ପଞ୍ଚାୟତ ନିଳାଗୁଡା ଗ୍ରାମର ମୁନା କିମ୍ବାକା (୨୪) ଏବଂ କ୍ରିଷ୍ଣା କିମ୍ବାକା(୨୧)। ସୂଚନା ଅନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସ କାମରେ ଗୁଣୁପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମଡା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା।



# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଆନନ୍ଦପୁର,୭।୧(ସମିସ): ଘସିପୁରା ବ୍ଲକ୍ ମଦନପୁର ଓ ପଣ୍ଡୁଆଠାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାଥମିକ ବିଦ୍ୟାଳୟରେ ଉନ୍ନତମାନର ଶ୍ରେଣୀଗୃହ, ଆଧୁନିକ ଲାଇବ୍ରେରୀ, ଲାବୋରେଟୋରୀ, ଉନ୍ନତ ଖେଳପଡ଼ିଆ, ପିଲାଙ୍କ ପାଇଁ ହଷ୍ଟେଲ୍, ଶିକ୍ଷକ ମାନଙ୍କ ପାଇଁ ଷ୍ଟାଫ କ୍ୱାଟର ରହିବ। ଜାତୀୟ ଶିକ୍ଷାନୀତି ଅନୁଯାୟୀ ଏଠାରେ ଶିକ୍ଷାଦାନ କରାଯିବା। ପ୍ରଥମ ରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତ ଶିକ୍ଷାରେ ଆଧୁନିକ ଟେକ୍ନୋଲୋଜି ବ୍ୟବହାର ହେବ। କେବଳ ପାଠ୍ୟକ୍ରମ ନୁହେଁ ବରଂ ପିଲାମାନଙ୍କର ସାମାଜିକ , ସାଂସ୍କୃତିକ ଓ ବ୍ୟକ୍ତିତ୍ୱର ବିକାଶ ପାଇଁ ଉଚ୍ଚ ପ୍ରଶିକ୍ଷିତ ଶିକ୍ଷକମାନେ କାର୍ଯ୍ୟ କରିବେ। ନିପୁଣ ଓଡ଼ିଶା ଗଠନ କରିବା ଓ ପ୍ରାଥମିକ ସ୍ତରରୁ ପିଲାଙ୍କୁ ବୃତ୍ତିଗତ ଦକ୍ଷତା ପ୍ରଦାନ କରିବା ଏହି ବିଦ୍ୟାଳୟର ଆଭିମୁଖ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଦନପୁର ଠାରେ ଏହି ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର, ସରପଂଚ ହିମାଂଶୁ ଜେନା, ସମିତି ସଭ୍ୟା ମାମିନା ସାହୁ, ପୂର୍ବତନ ସରପଞ୍ଚ ହିମାଂଶୁ କୁଅଁର, ବିଇଓ ସଦ୍ୟସ୍ନାନ ପଣ୍ଡାଓ ସେହିପରି ପଣ୍ଡୁଆରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ନାଗରିକ ଗଣେଶ୍ୱର ସାହୁ,କେନ୍ଦୁଝର ଏମ ପି ଙ୍କ ପ୍ରତିନିଧି ଶୁଭେନ୍ଦୁ ଚକ୍ର ଏବିଇଓ ବସନ୍ତ ନାୟକ, ବରିଷ୍ଠ ବିଜେପି ନେତା ବସନ୍ତ ଚକ୍ର , ଅଜିତ୍ କୁମାର ଜେନା ଙ୍କ ସମେତ ଉଭୟ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ; ରାଜପଥ ଅବରୋଧ



ବାଲିବନ୍ଧ,୧୨।୧(ସମିସ): ୨୦ ନମ୍ବର ଜାତୀୟ ରାଜପଥର ଝୁମ୍ପୁରା ଥାନା ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାଜପଥ ଅବରୋଧ କରିଛନ୍ତି। ସୂଚନା ଅନୁଯାୟୀ ଝୁମ୍ପୁରା ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ରଣଜିତ ନାଏକ ସାଇକଲରେ ଧାନ ବସ୍ତା ନେଇ ଅର୍ଶଳା ଗ୍ରାମରେ ଥିବା ଧାନକଳକୁ ଯାଉଥିଲେ। ଗ୍ରାମ୍ୟ ରାସ୍ତାରୁ ଜାତୀୟ ରାଜପଥକୁ ଉଠୁଥିବା ସମୟରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିଲେ। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଜନସାଧାରଣ୨୦ନମ୍ବରଜାତୀୟରାଜପଥକୁ ସକାଳ ୮ଟା ଠାରୁ ଅବରୋଧ କରିଥିଲେ। ଜାତୀୟ ରାଜପଥ ଅବରୋଧ କରିଥିବା ସମ୍ପର୍କରେ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଆନ୍ଦୋଳନକାରୀ ଜାତୀୟ ରାଜପଥ ଉପରେ ରହିଥିବା ଅସ୍ଥାୟୀ ଦୋକାନ ଉଚ୍ଛେଦ କରିବା ସହିତ ଏଠାରେ ଅଣ୍ଡର ବାଇପାସ୍ ରାସ୍ତା ନିର୍ମାଣ କରିବା ପାଇଁ ଦାବି କରିଥିଲେ। ସେହିପରି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ ଭାବେ କରାଯାଉଥିବା ପାର୍କିଂକୁ ବାରଣ କରିବା ଆଦି ଦାବି କରିଥିଲେ। ଘଟଣାସ୍ଥଳରେ ଝୁମ୍ପୁରା ତହସିଲଦାର ରୋହିତ କୁମାର ବାଗ, ସରପଞ୍ଚ ରେବତୀ ବିରୁଆ ପହଞ୍ଚି ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ସକାଳ ୮ ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିଥିଲା। ଖବର ପାଇ ଚମ୍ପୁଆ ଏସ୍‌ଡିପିଓ ରଶ୍ମୀରଞ୍ଜନ ସାହୁ, ଚମ୍ପୁଆ ଆଇଆଇସି ସ୍ୱରୂପ ନାୟକଙ୍କ ସମେତ ୨୦ ନମ୍ବର ଜାତୀୟ ରାଜପଥ କର୍ତ୍ତୃପକ୍ଷ ୨ଟା ବେଳେ ପହଞ୍ଚି ରାସ୍ତା ଅବରୋଧ କରିଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ୫ ଦିନ ମଧ୍ୟରେ ଜାତୀୟ ରାଜପଥ ଉପରେ ରହିଥିବା ଅସ୍ଥାୟୀ ଦୋକାନ ଗୁଡ଼ିକୁ ଉଚ୍ଛେଦ କରିବା ସହିତ ମୃତ ବ୍ୟକ୍ତିଙ୍କ ପରିବାରକୁ ଗାଡ଼ି ମାଲିକଙ୍କ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୁଲିସ ଜବତ କରିଛି। ଜନସାଧାରଣ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଯେ ୫ ଦିନ ମଧ୍ୟରେ ଜାତୀୟ ରାଜପଥ ଉପରେ ବେଆଇନ ଭାବରେ ଗଢ଼ି ଉଠିଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ ନକଲେ ରାଜପଥକୁ ଅବରୋଧ କରାଯିବ।

# ଆନନ୍ଦପୁର ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ




ଆନନ୍ଦପୁର,୧୨।୧(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଜାତୀୟଯୁବ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ କେନ୍ଦୁଝରର ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡକ୍ଟର ବିଜୟ କୁମାର କର ମୁଖ୍ୟ ବକ୍ତା, ଡକ୍ଟର ନିମାଇଁ ଚରଣ ରାଉତ, ଦୁର୍ଗା ଶଙ୍କର ପରିଡ଼ା, ସମୀର ମହାକୁଡ, ସାଂସଦ ପ୍ରତିନିଧି ନିରାକାର ସାହୁ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ରଘୁ ଦୀପ୍ତି ନାୟକ ସଂଯୋଜନା କରିଥିବା ବେଳେ ଯୁବ ରେଡକ୍ରସ ପରାମର୍ଶଦାତା ରଞ୍ଜନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ଅନ୍ୟତମ ଉପଦେଷ୍ଟା ପୂର୍ଣ୍ଣାନନ୍ଦ ପାର୍ଥ ସାରଥି ଶଙ୍ଖୁଆ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ସକାଳେ ଏକ ବିଶାଳ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବିବେକାନନ୍ଦଙ୍କ ବାଣୀ ପ୍ରଚାର କରିଥିଲେ। ସଭାଗୃହରେ ବନ୍ଦେ ମାତରଂ ସମସ୍ତେ ଗାନ କରିଥିଲେ। ସାଂସଦ ସ୍ୱଦେଶୀ ସଂକଳ୍ପ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ପ୍ରାଧାପକ ପ୍ରଫୁଲ୍ଲ କୁମାର ପଣ୍ଡା, ସତ୍ୟବ୍ରତ ସ୍ୱାଇଁ, ସତ୍ୟବ୍ରତ ପରିଡ଼ା, କାହ୍ନୁ ଚରଣ ଜେନା, ଦେବାଶିଷ ଆଚାର୍ଯ୍ୟ, ଡକ୍ଟର ରବୀନ୍ଦ୍ର କୁମାର ସାହୁ, ଅନିତା ଦାସ, ଭାରତୀ,ସାହୁ, ଶ୍ରୀଲେଖା ସାହୁ, ମିତାଶ୍ରୀ ବେହେରା, ମମତା ମିଶ୍ର, ପତିତପାବନ ମିଶ୍ର, ଡକ୍ଟର ବଶିଷ୍ଟ ବେହେରା, ରତିକାନ୍ତ ଦାସ, ବିଶ୍ୱଜିତ୍ ରାଉତ, ପ୍ରକାଶ ସାହୁ, ସବିନା ଅରା ବେଗମ, ସୁରୁଚି ସ୍ୱାଇଁ, ସଂଘମିତ୍ରା ରାଉତ, ଆରତୀ ଲୁଗୁଁ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଯୁବ ରେଡ୍‌କ୍ରସ୍, ଏନ୍‌ସିସି ଓ ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରଙ୍ଗମାଟିଆବାସୀଙ୍କ ଶୋଷ ମେଣ୍ଟାଉଛି ପରିତ୍ୟକ୍ତ କୂଅ

ତେଲକୋଇ,୧୨।୧(ସମିସ): ଗ୍ରୀଷ୍ମଦିନ ଆସିବା ଆଗରୁ ସାହି ସାହିରେ ପିଇବା ପାଣି ସଙ୍କଟ ହେଉଥିବା ଦେଖିବାକୁ ମିଳିଲାଣି। ଏପଟେ ସରକାର ପ୍ରତି ଘରକୁ ବସୁଧା ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ମାଧ୍ୟମରେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେଉଥିବା କହୁଥିବାବେଳେ, ଲୋକେ କିନ୍ତୁ ସୁଫଳ ପାଇପାରୁନଥିବା ଅଭିଯୋଗ କରୁଛନ୍ତି। ଏଭଳି



ଚିତ୍ର କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର କମଳାଙ୍ଗ ଗାଁର ରଙ୍ଗମାଟିଆ ସାହିରେ ଦେଖିବାକୁ ମିଳିଛି। ପରିତ୍ୟକ୍ତ କୂଅରେ ଜମୁଥିବା ଦୂଷିତ ପାଣି ଭରସାରେ ସାହିର ବାସିନ୍ଦା ରହିଛନ୍ତି। ଉକ୍ତ ସାହିରେ ୩୫ରୁ ଊର୍ଦ୍ଧ୍ୱ ପରିବାର ବାସ କରନ୍ତି। ପାଣି ପାଇଁ ଲୋକେ ବର୍ଷବର୍ଷ ଏହିପରି ହଟହଟା ହେଉଛନ୍ତି। ସେମାନଙ୍କ ପାଇଁ ସ୍ୱଚ୍ଛ ପିଇବା ପାଣି ଅପହଞ୍ଚ ହୋଇପଡ଼ିଛି। ଏହି ପରିତ୍ୟକ୍ତ କୂଅର ପାଣି ପିଇ ସାହିରେ ରୋଗବ୍ୟାଧି ବ୍ୟାପୁଛି। ସାହିରେ ଗୋଟିଏ ମାତ୍ର ନଳକୂପ ରହିଛି। ହେଲେ ସେଥିରୁ କାଦୁଅ ମିଶା ଆଇରନ୍ ଯୁକ୍ତ ପାଣି ବାହାରୁଛି। ଫଳରେ ଲୋକମାନଙ୍କ ପେଟ ରୋଗ ସହିତ ଚର୍ମ ରୋଗ ଦେଖାଦେଉଛି। ରୋଷେଇରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅନ୍ୟ କୌଣସି ବିକଳ୍ପ ନଥିବାରୁ ଏହି ପରିତ୍ୟକ୍ତ କୂଅରୁ ଲୋକେ ପାଣି ନେଇ ବ୍ୟବହାର କରୁଛନ୍ତି। ଫଳରେ ଦୂଷିତ ଦ୍ୱାରା ବିଭିନ୍ନ ରୋଗରେ ପଡୁଛନ୍ତି। ଗ୍ରୀଷ୍ମଦିନ ପୂର୍ବରୁ ସାହିରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ରଙ୍ଗଲାଲ ଦେହୁରୀ, କୈଳାସ ମହାନ୍ତି, ବଳରାମ ମହାନ୍ତି ଜ୍ୟୋତି ସ୍ୱାଇଁ, ଜୟକୁମାରୀ ମହାନ୍ତି, ଜିରା ନାୟକ, ଅନିତା ପଲେଇ, ପଦ୍ମିନୀ ନାୟକ, ସତ୍ୟାନନ୍ଦ ଦେହୁରୀ, ସନ୍ତୋଷ କୁମାର ପଣସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ମଦନପୁରରେ ବିଜେପିର ରକ୍ତଦାନ ଶିବିର



ଆନନ୍ଦପୁର,୧୨।୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ୍ମମାସ ପାଳନ ଅବସରରେ ଘସିପୁରା ନିର୍ବାଚନ ମଣ୍ଡଳୀର ଘସିପୁରା ବ୍ଲକ୍ ବିଜେପି ପକ୍ଷରୁ ଆଜି ମଦନପୁର ବଂଶୀଧର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ଘସିପୁରା ବିଜେପି ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପୂର୍ବତନ ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ସର୍ବମୋଟ ୧୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିର ଶେଷ ହେବା ପରେ ମଧ୍ୟ କିଛି ସ୍ୱେଚ୍ଛାସେବୀ ରକ୍ତଦାନ ଶିବିରକୁ ଆସି ଫେରିଯାଇଥିଲେ। ଶିବିରକୁ ଭରତ ଚନ୍ଦ୍ର ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସ୍ୱଦେଶ ପ୍ରୀତମ୍ ସ୍ୱାଇଁ, ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ମାନସ ଆଚାର୍ଯ୍ୟ, ନୀଳାଞ୍ଚଳ ବେହେରା, ହରେକୃଷ୍ଣ ବଳ, ସମୀର ରଞ୍ଜନ, ବିଶ୍ୱନାଥ ମିଶ୍ର, ସୌମ୍ୟରଞ୍ଜନ ସାହୁ ପ୍ୟାରୀମୋହନ ବାରିକ୍, ମଳୟ କୁମାର ପଣ୍ଡା, ଜଗନ୍ନାଥ ପଣ୍ଡା, ଗୋଲେଖ ନାହାକ, ଅଶୋକ ସାହୁ, ଚତୁର୍ଭୂଜ ମୁର୍ମୁ, ସୁଧାଂଶୁ ଶେଖର କୁଅଁର, ବିଶ୍ୱରଞ୍ଜନ କୁଅଁର, ସୁରଥ ସା, ସୁନୀଲ ସେଠୀ, ଚିନ୍ମୟ ସା, ବେଦପ୍ରକାଶ କୁଅଁର, ରାଜୀବ କୁଅଁର, ଅଜୟ କୁଅଁର, ସଞ୍ଜୟ ଦେହୁରୀ, କୁଳମଣି ଜେନା ପ୍ରଭୃତି ବିଜେପି କର୍ମୀମାନେ ସାହାଯ୍ୟ ଓ ସହଯୋଗ କରିଥିଲେ।

## ● ନୟାଗଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସୁକିନ୍ଦା ଇଲେଭେନ୍ ବିଜୟୀ

ଆନନ୍ଦପୁର,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଗ୍ରାମର ନୟାଗଡ଼ କ୍ରିକେଟ୍ ଆସିସେଶନ ପକ୍ଷରୁ ୩୦ତମ ବାର୍ଷିକ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ



ହୋଇଛି। ନୟାଗଡ଼ କ୍ରିକେଟ୍ ଆସୋସିଏସନ୍‌ର ସଭାପତି ନିରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ସୁକିନ୍ଦା ଇଲେଭେନ୍ ଏବଂ ରାଛିପୁର ବାବା ଇଲେଭେନ୍ ମଧ୍ୟରେ ଖେଳ ହୋଇଥିଲା। ବାବା ଇଲେଭେନ ରାଛିପୁର ଟସ୍ ଜିତି ପ୍ରଥମ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୨.୩ ଟି ବଲ୍‌ରେ ସମସ୍ତ ୱିକେଟ ହରାଇ ୬୫ରନ୍ ସଂଗ୍ରହ କରିଥିଲା। ଜବାବରେ ସୁକିନ୍ଦା ଇଲେଭେନ ୯.୪ ଟି ବଲ୍‌ରେ ୪ୱିକେଟ୍ ହରାଇ ୬୬ରନ୍ କରି ବିଜୟ ହାସଲ କରିଥିଲା। ଖେଳ ପରିଚାଳନା କରିଥିଲେ ଦୀପକ୍ କୁମାର ମାଝୀ, ସୁବ୍ରତ କୁମାର ରାଉତ କରିଥିଲେ। ସୁଶାନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋର୍ ବୋର୍ଡ ଦାୟିତ୍ୱ ନିର୍ବାହ କରିଥିଲେ ରାଜେନ୍ଦ୍ର କୁମାର ରାଉତ୍, ନୀଳକଣ୍ଠ ରାଉତ। ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ରହିଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଆଶୁତୋଷ ମାଝୀ, ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ପାଲ, ସମାଜସେବୀ ମାନସ ବାରିକ୍, ଶରତ କୁମାର ସାହୁ, ଜଳସୁଆଁର ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ମହାପାତ୍ର ଯୋଗ ଦେଇ ବିଜୟ ଓ ପରାଜୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ଗୋହିରାରେ ଶୀତବସ୍ତ୍ର ବଣ୍ଟନ



ଆନନ୍ଦପୁର,୧୨।୧(ସମିସ): ଘସିପୁରା ଆଦର୍ଶ ସେବା ସଂଘ ସଭାପତି ଯଜ୍ଞ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଶୀତବସ୍ତ୍ର ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଗୋହିରା ପଞ୍ଚାୟତରେ ଶ୍ରୀ ସାହୁ ୫୮ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ କମ୍ବଳ ପ୍ରଦାନ କରିଥିଲେ। ଏହି ପଞ୍ଚାୟତର ମହିସାବାହାଳି, କଳରାଗଡ଼ିଆ, କୁମୁଣିଆ ଓ ଗୋହିରା ଗ୍ରାମର ଗରିବ ଲୋକଙ୍କୁ କମ୍ବଳ ପ୍ରଦାନବେଳେ ସାମାଜିକ କର୍ମୀ ଦୈତାରୀ ମହାକୁଡ଼ ସହାୟତା କରିଥିଲେ। ସେହିପରି ଧନେଶ୍ୱର ସାହୁ, ରଘୁନାଥ ନାହାକ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ସଫଳତା

ଚମ୍ପୁଆ,୧୨।୧(ସମିସ): ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଚମ୍ପୁଆ ଅଞ୍ଚଳର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ପଞ୍ଚବାର୍ଷିକ ଡାକଟିକଟ ପ୍ରଦର୍ଶନୀ ଉପଲକ୍ଷେ କେନ୍ଦୁଝର ମହିଳା




ମହାବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଚମ୍ପୁଆର ଅଧିକାଂଶ ଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସାଇପ୍ରକାଶ ମହାନ୍ତ (୫ମ) ପ୍ରଥମ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଗିରିଜା ଶଙ୍କର ବେହେରା(୯ମ) ପ୍ରଥମ ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତ(୮ମ) ଦ୍ୱିତୀୟସ୍ଥାନରେ କୃତକାର୍ଯ୍ୟ ହୋଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥି ନିମନ୍ତେ ବିଦ୍ୟାଳୟ ପରିଚାଳନା ମୁଖ୍ୟ କେଶବ ଚନ୍ଦ୍ର ମହାନ୍ତ ଏବଂ ଅଧ୍ୟକ୍ଷ ରୁସକିନ ନେଷା ମେଟିଲ୍, ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ମକର ବୁଡ଼ ପାଇଁ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ

ତୁରୁମୁଙ୍ଗା,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ରାଜନଗର ରଘୁନାଥଜିଉ ମଠ ସଂଲଗ୍ନ ବୈତରଣୀ ନଦୀ ଘାଟରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମକର ସଂକ୍ରାନ୍ତିରେ ବୁଡ଼ ପକାଇବେ। ଏ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୧୧୮/୨୬ରେ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସୁପରଭିଜନ ପାଇଁ ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ବୈତରଣୀ ନଦୀ ଘାଟ ପାଇଁ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ମଠ ପାଇଁ ବିଡିଓ ମାନସ କୁମାର ଦଣ୍ଡ ପାଟ, ଚେଞ୍ଜିଂରୁମ ଦାୟିତ୍ୱରେ ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ପ୍ରମୁଖ ଦାୟିତ୍ୱରେ ରହିବେ। ଏ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ପ୍ରସ୍ତୁତ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳ କର ଦାଗୁଡୁ, ଚମ୍ପୁଆ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ, ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାୟକ ଉପସ୍ଥିତ ଥାଇ ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ପାଟଣା ଅଗ୍ନିଶମ ବାହିନୀ ତରଫରୁ ଅଗ୍ନିଶମ ଅଧିକାରୀ ଗୌର ହେମ୍ବ୍ରମଙ୍କ ନେତୃତ୍ୱରେ ବୁଡ଼ାଳିମାନେ ବୁଡ଼ ପକାଇବା ସ୍ଥାନ ବୈତରଣୀ ନଦୀ ପାଣିରେ ପଶି ଯାଞ୍ଚ କରିଛନ୍ତି।








# ଅଭିଯୋଗ ଶୁଣାଣିକୁ ଆସିଲେନି ଜିଲ୍ଲାପାଳ, ଏସ୍‌ପି



ହାଟଡ଼ିହୀ,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍‌ରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଥିଲା। ହେଲେ ଏହି ଶିବିରକୁ ଜିଲ୍ଲାପାଳ କିମ୍ବା ଏସ୍‌ପି କାର୍ଯ୍ୟକ୍ରମକୁ ନଆସିବାରୁ ଫିକା ପଡ଼ିଥିଲା ଶୁଣାଣି। ଏହି ଅଭିଯୋଗ ଶୁଣାଣି ପାଇଁ ଶହ ଶହ ଲୋକଙ୍କ ସମାଗମ ହୋଇଥିବା ବେଳେ ଜିଲ୍ଲାପାଳ ଆସୁନଥିବା ଜାଣି ଅନେକ ଲୋକ ଅଭିଯୋଗ ନକରି ଫେରିଯାଇଥିବା ଦେଖିବାକୁ ମିଳିଥିଲା। ହାଟଡ଼ିହୀ ବ୍ଲକ୍‌ର ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଏସ୍.ପି ସ୍ନେହାଶିଷ ସାହୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିନୋଦ ବିହାରୀ ମିଶ୍ର ପ୍ରମୁଖ ଯୋଗଦେଇ ୧୪୦ଟି ଅଭିଯୋଗର ଶୁଣାଣି କରିଥିଲେ। ଗତ ୩ମାସ ଅନ୍ତରରେ ଏହି ଶୁଣାଣି ହେଉଥିବାରୁ ବହୁ ଦୂରଦୂରାନ୍ତରୁ ଶହ ଶହ ଲୋକ ନିଜ ନିଜର ଅଭିଯୋଗ ନେଇ ଧାଇଁ ଆସିଥିଲେ ବି ଜିଲ୍ଲାପାଳଙ୍କ ଅନୁପସ୍ଥିତି ଯୋଗୁଁ ତୀବ୍ର ଅସନ୍ତୋଷ ପ୍ରକାଶ କରି ଅନେକ ଲୋକ ଫେରିଯାଇଥିଲେ। ଆଜିର ଅଭିଯୋଗ ଶୁଣାଣିରେ ଭତ୍ତା, ରାସନ୍ ସାମଗ୍ରୀ ବଣ୍ଟନ, ବିଦ୍ୟାଳୟ ସମସ୍ୟା, ଗ୍ରାମୀଣ ଆବାସ ସଂକ୍ରାନ୍ତୀୟ ଅଭିଯୋଗ, ମନରେଗା ଯୋଜନା ସଂକ୍ରାନ୍ତୀୟଅଭିଯୋଗ, ରାଜସ୍ୱବିଭାଗରସମସ୍ୟା, ରାସ୍ତା ସମସ୍ୟା ଆଦି ଅଭିଯୋଗ ମାନ ଆସିଥିଲା। ନୂଆଗାଁ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ନୂଆଗାଁ ଗ୍ରାମବାସୀ ମାନେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସମସ୍ତ ତଥ୍ୟ ସହିତ କୋର୍ଟରାୟର ଦସ୍ତାବିଜ୍ ପ୍ରଦାନ କରିଥିଲେ ବି ରାଜସ୍ୱ ଗ୍ରାମ ଘୋଷଣାରେ କାହିଁକି ବିଳମ୍ବ ଘଟୁଛି ବୋଲି ଅଭିଯୋଗ କରିଛନ୍ତି। ସେହିପରି ବଞ୍ଝୋ ଗ୍ରାମରେ କିଛି ବ୍ୟକ୍ତି ରାସ୍ତା ଜବରଦଖଲ କରିଥିବାରୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ମରିଗାଁ - ବଳିପୁର ରାସ୍ତା ନିର୍ମାଣରେ ସରକାର ଅହେତୁକ ବିଳମ୍ବ ଘଟାଉଥିବାରୁ ସାତଟି ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଥିବା ନେଇ ନନ୍ଦିପଦା ଗ୍ରାମର ସମାଜସେବୀ ଭଗବାନ ରାଉତ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିବା ସହିତ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନେବାକୁ ଜଣାଇଥିଲେ। ଛଅ ଜଣ ଭିନ୍ନକ୍ଷମଙ୍କୁ ନୂତନ ବ୍ୟାଟେରୀ ଚାଳିତ ସାଇକେଲ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ତହସିଲଦାର ଶିବବ୍ରତ ତ୍ରିପାଠୀ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା, ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପରିଡ଼ା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦଣ୍ଡପାଟ, ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ହାଟଡ଼ିହୀ ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ, ବ୍ଲକ ଶ୍ରମ ଅଧିକାରୀ ଶାଶ୍ୱତ ପଲେଇ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କରୁଣାକର ନନ୍ଦ, ଯନ୍ତ୍ରୀ ରଜତ କୁମାର ସେଠୀ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ କେଳୁ ଚରଣ ଦଳେଇ, ସିଡିପିଓ ଉମାମଣି ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇଥିଲେ। ବ୍ଲକ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ମକର ସଂକ୍ରାନ୍ତି ପାଇଁ ଜଗନ୍ନାଥ ମନ୍ଦିରରେ ସତନ୍ତ୍ର ରୀତିନୀତି

ବାରିପଦା, ୧୨।୧(ସମିସ): ବୁଧବାର ମକର ସଂକ୍ରାନ୍ତି ନିମନ୍ତେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପ୍ରଭୁ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରେ ସତନ୍ତ୍ର ବିଧି ଅନୁସାରେ ପୂଜାର୍ଚ୍ଚନା ହେବ। ମନ୍ଦିରରେ ମକର ଚାଉଳର ଭୋଗ ଲାଗିବ। ସତନ୍ତ୍ର ଭାବେ ନବାଙ୍ଗ



ବେଢା ନୀତି ଅନୁଷ୍ଠିତ ହେବ। ମଙ୍ଗଳବାର ସାଢେ ଚାରି ବେଢା ଓ ସଂକ୍ରାନ୍ତି ଦିନ ବୁଧବାର ବାକି ସାଢେ ଚାରି ବେଢା ମୋଟ ନଅ (ନବାଙ୍ଗ) ବେଢା ପରିକ୍ରମା କରିବେ। ରୀତିନୀତି ଅନୁଯାୟୀ, ସକାଳୁ ମନ୍ଦିରର ପହଡ଼ ଖୋଲିବା ପରେ ସତନ୍ତ୍ର ଅବକାଶ ନୀତି ହୋଇଥାଏ। ସଂକ୍ରାନ୍ତିରେ ମହାଲକ୍ଷ୍ମୀ ବାପଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଥିବାବେଳେ ମଦନମୋହନଙ୍କ ସାଥିରେ ବେଢ଼ା ପରିକ୍ରମାରେ ସାମିଲ ହେବେ। ଏଥିସହିତ ମନ୍ଦିରର ଅନ୍ୟାନ୍ୟ ଦେବଦେବୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯିବ। ମକର ଚାଉଳରେ ଗୁଡ଼, ଆଖୁ, ଦୁଧ, ଦହି, କେଶର ଆଳୁ, କନ୍ଦମୂଳ, ନଡ଼ିଆ, କଦଳୀ ସହ ଅନ୍ୟାନ୍ୟ ଫଳ ଦ୍ୱାରା ପ୍ରସ୍ତୁତ ମକର ଚାଉଳର ଭୋଗ ଲାଗି ହେବ ବୋଲି ମନ୍ଦିର ପୂଜକ କହିଛନ୍ତି। ଏଥିସହିତ ମକର ସଂକ୍ରାନ୍ତି ପାଇଁ ସତନ୍ତ୍ର ଖେଚୁଡ଼ି ଭୋଗ ଲାଗିବାର କାର୍ଯ୍ୟକ୍ରମ ରହିଛି। ମନ୍ଦିର ସମସ୍ତ ପୂଜକ ଓ ସେବାୟତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା ହୋଇଥାଏ। ପରେ ପୂର୍ବ ପରି ମନ୍ଦିରରେ ସନ୍ଧ୍ୟା ଧୂପ ଓ ରାତିରେ ପହଡ଼ ପଡ଼ିବ।

## ମକର ପାଇଁ ଚାଲିଛି ପ୍ରସ୍ତୁତି ଜୋର୍‌ଦାର

ଉଦଳା,୧୨।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ମକର ପର୍ବକୁ ନେଇ ଗାଁଠାରୁ ସହର ଉତ୍ସବ ମୁଖର। ସେଥିପାଇଁ ଅଞ୍ଚଳ ସାରା ଚାଲିଛି ପ୍ରସ୍ତୁତି। ସହରଠାରୁ ଗାଁ ପର୍ଯ୍ୟନ୍ତ ମକରର ମହକ ଦେଖିବାକୁ ମିଳିଲାଣି। ଦୋକାନ ବଜାରରେ ବିଭିନ୍ନ ମକର



ସାମଗ୍ରୀ କିଣିବାଠୁ ଆରମ୍ଭ କରି ଘରେ ଘରେ ଲୋକମାନେ ଏହି ପର୍ବକୁ ପାଳନ କରିବା ପାଇଁ ଚଳାଇଛନ୍ତି ବ୍ୟାପକ ପ୍ରସ୍ତୁତି। ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହି ଗଣପର୍ବ ମକରକୁ ଲୋକମାନେ ବେଶ ଧୁମ୍‌ଧାମରେ ପାଳନ କରିଥା'ନ୍ତି। ଏହି ମକର ସଂକ୍ରାନ୍ତିକୁ ପାଳନ କରିବା ପାଇଁ ଲୋକମାନେ ୫ ଦିନ ପୂର୍ବରୁ ପ୍ରସ୍ତୁତି କରିଥା'ନ୍ତି। ବିଶେଷକରି ଏହି ମକର ପର୍ବକୁ ଲୋକମାନେ ଅପେକ୍ଷା କରିଥା'ନ୍ତି। ଏହି ଦିନରେ ବନ୍ଧୁବାନ୍ଧବଙ୍କ ସହ ମିଶି ପିଠାପଣା ସହିତ ମାଂସ ଖାଇବା ସହିତ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବାର ବେଶ ମଜା ନେଇଥା'ନ୍ତି। ମକର ପାଇଁ ଉଦଳା ବଜାରରେ ଭିଡ଼ ଦେଖିବାକୁ ମିଳୁଛି। ଲୋକମାନେ ନୂଆ ବସ୍ତ୍ର ଚୁଡ଼ା, ତିଲଉ ଓ ଗୁଡ ଚିନି କିଣିବା ପାଇଁ ଭିଡ଼ ଜମାଉଛନ୍ତି। ଆଦିବାସୀ ପରିବାର ଲୋକେ ଘର ଲିପାପୋଛା କରିବା ସହ ରଙ୍ଗ ଓ ତୂଳୀରେ ଘରକୁ ସୁସଜ୍ଜିତ କରୁଛନ୍ତି। ଏହି ପର୍ବକୁ ଆଦିବାସୀ ପରିବାର ୭ ଦିନ ଧରି ପାଳନ କରିବା ସହିତ ନାଚଗୀତରେ ମଜ୍ଜି ଯାଆନ୍ତି। ମକର ପର୍ବରେ କୁକୁଡ଼ା ଲଢେଇ ଲୋକଙ୍କ ମୁଖ୍ୟ ଆକର୍ଷଣ ଥାଏ। ମହିଳାମାନେ ହାତରେ ମେହେନ୍ଦୀ ଓ ପାଦରେ ଅଳତା ଲଗାଇ ସଜେଇ ହୁଅନ୍ତି। ବିଶେଷ କରି ଆଦିବାସୀ ପରିବାରର ପ୍ରଥା ଓ ପରମ୍ପରା ଅନୁଯାୟୀ ମକର ପୂର୍ବରୁ ପ୍ରସ୍ତୁତି ହୋଇଥିବା ପଲାକୁ ମକର ସଂକ୍ରାନ୍ତିରେ ଭୋରରୁ ମକର 'ପଲାରେ ପୂଜା ଅର୍ଚ୍ଚନା କରି ପଲାରେ ଅଗ୍ନି ସଂଯୋଗ କରିଥା'ନ୍ତି। ପରେ ନୂଆ ବସ୍ତ୍ର ପରିଧାନ କରି ପ୍ରସ୍ତୁତ କରିଥିବା ବିଭିନ୍ନ ପ୍ରକାର ପିଠା ଖାଇ ନାଚଗୀତରେ ମଜ୍ଜିଯାଇନ୍ତି।

**ମକର ଲାଗି ସବୁଠି ଉତ୍ସବର ମାହୋଲ**

## ଆଜି ବାଉଣ୍ଡି, କାଲି ମକର; ଗାଁରୁ ସହର ଉତ୍ସବ ମୁଖର







ବାରିପଦା, ୧୨।୧(ସମିସ):





ଶୀତ ସାଙ୍ଗକୁ ଆମ୍ବ ବଉଳର ସମ୍ଭାର ନେଇ ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ 'ମକର ସଂକ୍ରାନ୍ତି' ଆସିଛି। ନୂଆ ଧାନ ଅମଳ ହୋଇ ଆସିବା ସହିତ ଆନନ୍ଦ ଉଲ୍ଲାସର ମାହୋଲ ନେଇ ମକର ସଂକ୍ରାନ୍ତି ଆସୁଥାଏ। ସମଗ୍ର ଜିଲ୍ଲାରେ ସେ ନେଇ ସବୁଠି ଆଗ୍ରହ ଉଦ୍ଦୀପନା। ଜିଲ୍ଲା ବ୍ୟାପି ଲୋକମାନେ ଘର ଲିପା ପୋଛାଠୁ ନେଇ ଖଳାରେ

### ମକର ମଉଜ ପାଇଁ ସବୁଠି ନାହିଁ ନ ଥିବା ଭିଡ଼

ଧାନ ଅମଳ କାମ ମଧ୍ୟ ଶେଷ କରିଛନ୍ତି। ମକର ପର୍ବ ପାଇଁ କେବଳ ଗାଁରେ ନୁହେଁ, ସବୁଆଡେ ମକର ହାଟ ଲାଗିଛି। ମଙ୍ଗଳବାର ବାଉଣ୍ଡି ଥିବାବେଳେ ବୁଧବାର ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି। ଆଉ ଗଣପର୍ବ ମକରକୁ ଆନନ୍ଦ ଉଲ୍ଲାସରେ ପାଳନ ପାଇଁ ଜିଲ୍ଲାର ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇଉଠିଛି।

ମକର ପର୍ବର କିଣାକିଣି ପାଇଁ ଜିଲ୍ଲାବ୍ୟାପି ଦୋକାନ ବଜାର, ପରିବା ମାର୍କେଟ ସବୁଠି ପ୍ରବଳ ଜନଗହଳି ଲାଗି ରହିଛି। ମକର ପାଳିବା ଲାଗି କିଏ ନୂଆ ପୋଷାକ କିଣିବାରେ ଲାଗିଛନ୍ତି ତ ଆଉ କିଏ ଘରେ ପିଠାପଣା ପ୍ରସ୍ତୁତ କରିବା ପାଇଁ ହାଟରେ ଗୁଡ଼, ବିରି ଆଦି ସରଞ୍ଜାମ କିଣିବାର ବ୍ୟସ୍ତ। ଏ ନେଇ ଜିଲ୍ଲାର ୪ଟି ଉପଖଣ୍ଡ ସମେତ ବାରିପଦା ସହରରେ ଛୋଟବଡ଼ ଦୋକାନରେ ମଧ୍ୟ ନାହିଁ ନ ଥିବା ଲୋକଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଗତ ଦୁଇ ସପ୍ତାହ ତଳୁ ଧୀରେ ଧୀରେ ଭିଡ଼ ବଢ଼ିବାରେ ଲାଗିଥିଲା। ତେବେ ବୁଧବାର ମକର ସଂକ୍ରାନ୍ତି ପାଇଁ ଓ ତହିଁ ପରଦିନ ଗୁରୁବାର ଜିଲ୍ଲା ପାଇଁ ସ୍ୱତନ୍ତ୍ର ସରକାରୀ ଛୁଟି ଥିବାବେଳେ ତା' ପୂର୍ବରୁ ହାଟ, ଦୋକାନ ବଜାରରେ ଭାରି ଭିଡ଼ ଲାଗିଛି। ହାଟରେ କିଏ ନୂଆ ଲୁଗାପଟା କିଣିବାରେ ବ୍ୟସ୍ତ ତ କିଏ ବାଉଁଶ ତିଆରି କୁଲା, ପାଛିଆ, ମାଟି ପାତ୍ର କେଉଁଠି ନୂଆ ଗୁଡ଼, ଚାଉଳ ଦୋକାନରେ ଭିଡ ଲାଗିଛି। କେବଳ ବଡ଼ମାନେ ନୁହଁନ୍ତି ସାନ ପିଲାମାନେ ମଧ୍ୟ ମକରକୁ ନେଇ ବେଶ ଉଦ୍ଦୀପନାରେ ଦେଖିବାକୁ ମିଳିଛି। ମକର ବେଳେ ମୟୂରଭଞ୍ଜ ଜିଲ୍ଲାର ସ୍ପେଶାଲ 'ତିଳଉ' କିଣି ଘରକୁ ନେବାକୁ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ ଆଗ୍ରହ ରହିଥିଲା। ସେପଟେ ମକର ପାଇଁ ଦୋକାନରେ ଗ୍ରାହକଙ୍କ ଭିଡ ଲାଗୁଥିବାବେଳେ ଚଳିତ ବର୍ଷ ଭଲ ବ୍ୟବସାୟ ନେଇ ଆଶା ପ୍ରକାଶ କରିଛନ୍ତି। ନୂଆ ଚାଉଳରେ ଘର ଠାକୁରାଣୀ ଓ ଆଦିବାସୀଙ୍କ କୁମାରୀ ଦେବୀ 'ଟୁସୁ'ଙ୍କୁ ପ୍ରଥମ ଭୋଗ ଲାଗୁବ, ଯାହାକି 'ମକର ଚାଉଳ' ଭାବେ ଜଣାଶୁଣା। ଟୁସୁ ବାହାଘର ମେଳାରେ ମକର ମଉଜ ନେଇ ଗାଁରୁ ସହର ସବୁଠି ପ୍ରସ୍ତୁତି ହୋଇଛି।

ମକର ପାଇଁ ଜିଲ୍ଲା ବାହାରେ ରହୁଥିବା ଲୋକମାନେ ନିଜ ନିଜ ଘରମୁହାଁ ହୋଇଛନ୍ତି। ଏଣୁ ବିଭିନ୍ନ ଗାଡ଼ିମୋଟର ସାଙ୍ଗକୁ ବସ୍‌ରେ ମଧ୍ୟ ପ୍ରବଳ ଭିଡ଼ ମଧ୍ୟ ପରିଲକ୍ଷିତ ହୋଇଛି। ସହର ମଧ୍ୟରେ ଆବଶ୍ୟକ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ କରାଯାଇ ନ ଥିବାରୁ ମାର୍କେଟିଂ କରିବାକୁ ଆସୁଥିବା ଗ୍ରାହକ ମନଇଚ୍ଛା ଯିଏ ଯେଉଁଠି ପାରିଲା ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରିବା ଯୋଗୁଁ ଟ୍ରାଫିକ ସମସ୍ୟା ଉପୁଜିଛି। ପୂରା ଜିଲ୍ଲାବ୍ୟାପି ମକର ପର୍ବ ପାଇଁ କୋଳାହଳପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ଗଣପର୍ବ ମକର ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଥିବା ମୟୂରଭଞ୍ଜିଆମାନେ ଗୋଟିଏ ଦିନ ପାଇଁ ହେଉ ପଛକେ ଘରମୁହାଁ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳାର ଆୟୋଜନ ମଧ୍ୟ ହୋଇଛି। ବୁଧବାର ଲୋକମାନେ ଭୋରୁ ମକର ବୁଡ଼ ପକାଇବା ସହିତ ଦେବ ପୀଠରେ ପୂଜାର୍ଚ୍ଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ବିଶେଷତଃ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରି ନିରୋଗ ଜୀବନ ତଥା ଭଲ ଚାଷବାସ ଲାଗି ପୂଜାର୍ଚ୍ଚନା କରାଯାଇଥାଏ। ଆତ୍ମୀୟତାର ପର୍ବ ମକର ପାଇଁ ଚଳିତ ମାସ ସାରା ଲାଗି ପୂରା ଜିଲ୍ଲା ଉତ୍ସବ ମୁଖର ହେବ। ବିଶେଷକରି ସତନ୍ତ୍ର ଖାଦ୍ୟପେୟ ସହ ମାଦଳର ତାଳେ ତାଳେ ନାଚ ଗୀତ ହେବ।

## ଚାନ୍ଦୁଆ ହାଟରେ ଅସମ୍ଭାଳ ଭିଡ଼



କୁଳିଅଣା,୧୨।୧(ସମିସ): କୁଳିଅଣା ବ୍ଲକ୍ ଚାନ୍ଦୁଆ ପଞ୍ଚାୟତ ପକ୍ଷରୁ ସପ୍ତାହିକ ହାଟ ଚାନ୍ଦୁଆରେ ପ୍ରତ୍ୟେକ ସପ୍ତାହ ୨ଦିନ ସୋମବାର ଓ ଗୁରୁବାର ହେଉଛି। ମକର ପାଇଁ ଆଜି ବେଶ ଗହଳି ହୋଇଥିବା ଦେଖିବାକୁ ମିଳିଥିଲା। ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ସହିତ ଝାଡ଼ଖଣ୍ଡର ବେପାରୀ ଆସି ବ୍ୟବସାୟ କରନ୍ତି। ଆଜି ଚାନ୍ଦୁଆ ବାଉଣ୍ଡି ହାଟ ପୂର୍ବ ଦିନ ହାଟ ଥିବାରୁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ୫୦ ଲକ୍ଷ ଉର୍ଦ୍ଧ୍ୱ କାରବାର ହୋଇଥିବା ଜଣାପଡିଛି। ଯେହେତୁ ବହୁତ ପୁରୁଣା ହାଟ ଚାନ୍ଦୁଆ ସମସ୍ତ ଆଦିବାସୀଙ୍କ ସହିତ ଓଡ଼ିଆ ଲୋକଙ୍କ ଜନଗହଣି ଲାଗି ରହିଥିଲା। ଚାନ୍ଦୁଆହାଟରେ ମହାସୁଲ ବେଶୀ ହୋଇଥିବାରୁ କିଛି ବେପାରୀ ଅଧିକ ମହାସୁଲ ଦେଇଛନ୍ତି ବୋଲି ଆମ ନଜରକୁ ଆସିଥିଲା। ଏ ଦିଗରେ ଚାନ୍ଦୁଆ ସରପଞ୍ଚ ଉଚିତ ପଦକ୍ଷେପ ନେବେ ବୋଲି ଆଶା ପ୍ରକାଶ କରାଯାଇଛି।

**କପ୍ତିପଦା ମହୋତ୍ସବ ଉଦ୍‌ଯାପିତ**

## ମାରାଂ ବୁରୁ ଆମୋଦ ଅକାରେ ଗୀତରେ ଝୁମିଲେ ଦର୍ଶକ



କପ୍ତିପଦା,୧୨।୧(ସମିସ): ଏଠାରେ ଚାଲିଥିବା କପ୍ତିପଦା ମହୋତ୍ସବ ଉଦ୍‌ଯାପିତ୍ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉଦଳା ବିଡିଓ ସମରଜିତ କର, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମ୍ମାନିତ ଅତିଥି ଭାବେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ସତ୍ୟଜିତ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ନୋଟ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ନାୟକ, ପେଡାଗଡି ସମିତି ସଭ୍ୟ ଚନ୍ଦନ ପ୍ରଧାନ, କମିଟି ସଭାପତି ମାକୁ ସିଂ, ସଂପାଦକ ତପନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉଦଳା ବିଡିଓ ସତ୍ୟଜିତ କର, କାର୍ଯ୍ୟକ୍ରମ ସଂଯୋଜକ ସଞ୍ଜୀବ ଦଳେଇ, କପ୍ତିପଦା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ସିଂ ରାଏ ମୁର୍ମୁ, କୃତି ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାୟିକା ଅଙ୍କିତା ପାତ୍ର, ଆଦିବାସୀ ଗାୟକ ମଙ୍ଗଳ ହାଁସଦା, ଗାୟିକା ପାରାୟନୀଙ୍କ ଗୀତ ଓ ନାଚରେ ଦର୍ଶକ ଝୁମିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ କୋଲକତାରୁ ଆସିଥିବା ସର୍ମିଷ୍ଠା ସରକାରଙ୍କ ବଙ୍ଗଳା ଗୀତରେ ଝୁମିଥିଲେ ଦର୍ଶକ। ପରେ କପ୍ତିପଦା ଅଞ୍ଚଳର ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଥିବା ବିଭିନ୍ନ ଛାତ୍ରଛାତ୍ରୀ, ପ୍ରଶାସନିକ ଅଧିକାରୀ, ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା

## ରସାୟନ ବିଜ୍ଞାନ ବିଭାଗର ଜାତୀୟ ଆଲୋଚନାଚକ୍ର



ବାରିପଦା, ୧୨।୧(ସମିସ):

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ପ୍ରଥମ ଦିବସର ଉଦ୍‌ଘାଟନୀ ପର୍ବରେ କୁଳପତି ପ୍ରଫେସର ପ୍ରମୋଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ସିଏସ୍‌ଆଇଆରର ଏମିରେଟସ ବୈଜ୍ଞାନିକ ଭାବେ ଅବସ୍ଥାପିତ ପ୍ରଫେସର ନିଗମାନନ୍ଦ ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ସାଂପ୍ରତିକ ସ୍ଥିତିରେ ରସାୟନ ବିଜ୍ଞାନର ଅଗ୍ରଗତି ସମ୍ବନ୍ଧରେ ସାରଗର୍ଭକ ଅଭିଭାଷଣ ରଖିଥିଲେ। "ରସାୟନ ବିଜ୍ଞାନ ଓ ସନ୍ତୁଳିତ ପରିବେଶ' ଶୀର୍ଷକ ଏହି ଆଲୋଚନାଚକ୍ରରେ ଜାମସେଦପୁରସ୍ଥ ସିଏସ୍‌ଆଇଆର୍ ଏନ୍‌ଏମ୍‌ଏସର ମୁଖ୍ୟ ବୈଜ୍ଞାନିକ ପ୍ରଫେସର ତ୍ରିଲୋଚନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରସାୟନ ବିଜ୍ଞାନକୁ ପରିବେଶର ସନ୍ତୁଳନରେ କିପରି ଉପଯୋଗ କରାଯାଇପାରିବ, ସେ ସଂପର୍କରେ କହିଥିଲେ। ମୁଖ୍ୟବକ୍ତା ଭୁବନେଶ୍ୱରସ୍ଥ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିରେନ୍ଦ୍ର ନାଥ ଘୋଷ ଯୋଗଦାନ କରି ରସାୟନ ବିଜ୍ଞାନର ଅଲଟ୍ରାଫାଷ୍ଟ ସ୍ପେଟ୍ରୋସ୍କୋପୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ଆବାହକ ବିଭାଗୀୟ ପ୍ରଫେସର ରାଜେଶ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ଲିଙ୍ଗରାଜ ବେହେରା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିବାବେଳେ ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ଅମର ଦୋରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପିଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାୟକ ସରକାରୀ ବ୍ୟବସ୍ଥାରେ ଗବେଷଣା ଓ ଆଲୋଚନାଚକ୍ର ପାଇଁ ପ୍ରୋତ୍ସାହନ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ରସାୟନ ବିଜ୍ଞାନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ଆଶୀଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ପଶ୍ଚିମବଙ୍ଗର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ସୁମିତା ରଏ, ଭୁବନେଶ୍ୱର ଆଇସିଟିର ସହଯୋଗୀ ପ୍ରଫେସର ଡକ୍ଟର ନିମାଇଁ ମିଶ୍ର, ବ୍ରହ୍ମପୁର ଆଇଜରର ବିଭାଗ ମୁଖ୍ୟ ଡକ୍ଟର ମଳୟ ରଣା, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରକାଶ ମିଶ୍ର, ଡକ୍ଟର ଅଞ୍ଜନ ବେଜ, ଭୁବନେଶ୍ୱର ଆଇଆଇଟି ପ୍ରଫେସର ତାବ୍ରେଜ ଖାନ, ଭୁବନେଶ୍ୱରର ପ୍ରଫେସର ପ୍ରିୟବ୍ରତ ମହାପାତ୍ର ଯୋଗଦାନ କରି ଆଲୋଚନା କରିଥିଲେ। ମୁଖ୍ୟଅତିଥି ଆଲୋଚନାଚକ୍ରର କାର୍ଯ୍ୟକ୍ରମ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ସାତଜଣ ଗବେଷକ ମୌଖିକ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଓ ଆଠଜଣ ଗବେଷକ ପୋଷ୍ଟର ଉପସ୍ଥାପନ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ଅନୁବନ୍ଧିତ ମହାବିଦ୍ୟାଳୟର ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିନ ସନ୍ଧ୍ୟାରେ ଗବେଷିକା ସନ୍ଧ୍ୟାରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନ 'ବନ୍ଦେ ଉତ୍କଳ ଜନନୀ' ଗାନରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯାଇଥିଲା। ଭବାନୀ ମହାନ୍ତ, ଚିନ୍ମୟ ବେହେରା, ହରିଶଙ୍କର ବେହେରା, ନିଳୀମା ତ୍ରିପାଠୀ, ରୀକା ପଣ୍ଡା ଓ ଗଣେଶ୍ୱର ମୁଖୀ ପ୍ରମୁଖ ସହଯୋଗ କରିଥିଲେ।

୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାହିଁ ଚାହିଁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ।
-ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## ଶକ୍ତିର ଅହଂକାର ଓ ଅଶାନ୍ତ ବିଶ୍ୱ

ଭେନେଜୁଏଲା ଭଳି ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଯେଉଁଭଳି ଘରୁ ଉଠାଇ ନେଇ ଆମେରିକା ଗରିଫ କରିଛି ତାହା କେବଳ ଅଚିନ୍ତନୀୟ ନୁହେଁ, ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥା ପ୍ରତି ଖୋଲା ଆହ୍ୱାନ। କିନ୍ତୁ କୂଟନୈତିକ ସ୍ତରରେ ଆମେରିକା କୌଣସି ଚାପର ସମ୍ମୁଖୀନ ହୋଇନାହିଁ। ବରଂ ଟ୍ରମ୍ପଙ୍କ ସ୍ପର୍ଦ୍ଧା ବହୁଗୁଣିତ ହୋଇଛି। ସଦାମ ହୁସେନଙ୍କ ଭଳି ମାଦୁରୋଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଭିତ୍ତିହୀନ ପ୍ରମାଣିତ ହୋଇଛି। ଆମେରିକା କଂଗ୍ରେସର ବିନା ଅନୁମୋଦନରେ ନିଜ ଦେଶର ତୈଳ କମ୍ପାନୀର ବ୍ୟବସାୟିକ ଫାଇଦା ପାଇଁ ମାଦୁରୋଙ୍କୁ ବନ୍ଦୀ କରି ଭେନେଜୁଏଲାର କାମଚଳା ସରକାର ଉପରେ ଚାପ ପ୍ରୟୋଗ କରିବାରେ ଟ୍ରମ୍ପ ସଫଳ ହୋଇଛନ୍ତି। ଏହାକୁ ଏକ ଦୃଷ୍ଟାନ୍ତ ରୂପେ ଉପସ୍ଥାପନ କରି କଲମ୍ବିଆ, ମେକ୍ସିକୋ ଓ ଚିଲି ଭଳି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଉପରେ ଚାପ ପ୍ରୟୋଗ ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡକୁ ମଧ୍ୟ ନିଜ ଅଧୀନକୁ ଆଣିବା ପାଇଁ ନାଟୋ ସହଯୋଗୀ ଡେନମାର୍କକୁ ନାଲିଆଖି ଦେଖାଇଛନ୍ତି। ବିଶ୍ୱର ଅନ୍ୟ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଚୀନ ଓ ରୁଷର ପ୍ରତିକ୍ରିୟାରେ ପରିଲକ୍ଷିତ ଶିଥିଳତାରୁ ସ୍ପଷ୍ଟ ହୋଇଛି ସେମାନେ ମଧ୍ୟ ତାଇୱାନ ଓ ୟୁକ୍ରେନ କ୍ଷେତ୍ରରେ ନିଜର ସ୍ୱାର୍ଥରକ୍ଷା ପାଇଁ ପରୋକ୍ଷରେ ଆମେରିକା ସହ ସାଲିସ କରିଛନ୍ତି। ଏହି ପରିସ୍ଥିତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମ୍ରାଜ୍ୟରେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ କରଦ ରାଜ୍ୟ। ସମ୍ରାଟଙ୍କ ଇଚ୍ଛାପୂର୍ତ୍ତି ପାଇଁ ସମସ୍ତେ ଜୀହଜୁର କରିବାକୁ ବାଧ୍ୟ।

ଏହି ଘଟଣାକ୍ରମ ପରେ ଭାରତ ସହ ଆମେରିକାର ବାଣିଜ୍ୟିକ ସଂପର୍କ ନେଇ ଚାଲିଥିବା କଥାବର୍ତ୍ତା ହଠାତ୍ ଦିଗ ପରିବର୍ତ୍ତନ କରିଛି। ଗତ ସପ୍ତାହରେ ଆମେରିକାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମନ୍ତବ୍ୟ ଦ୍ୱିପାକ୍ଷିକ କୂଟନୈତିକ ସଂପର୍କ ସମସ୍ତ ସୀମା ଟପିଯାଇଛି। ଭାରତ ସହ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ତାହା ନିଷ୍ଫଳ ହୋଇଛି। ଏହାର ପୃଷ୍ଠଭାଗରେ କୌଣସି ନୀତିଗତ ପାର୍ଥକ୍ୟ ନ ଥିଲେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଠିକଣା ସମୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥାବାର୍ତ୍ତା ହେବା ପ୍ରସ୍ତାବକୁ ଆଗ୍ରାହ୍ୟ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ପାରସ୍ପରିକ ବୁଝାମଣାର ଭିତ୍ତିଭୂମି କୌଣସି ସମୟରେ ଏକପାଖିଆ ନୁହେଁ। ଦୁଇ ଦେଶ ପରସ୍ପରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଳଚାଲ କରିଥା'ନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ କିମ୍ବା ମୋଦୀଙ୍କ ଭୂମିକା ଆସିଲା କେଉଁଠୁ? ପରୋକ୍ଷରେ ଭାରତକୁ ଆମେରିକା ଅନୁଗୃହୀତ କରୁଛି ଏବଂ ମୋଦୀ ସେଥିସକାଶେ କୃତଜ୍ଞତା ଜ୍ଞାପନ କରିବାକୁ ଲୁଟ୍‌ନିକ ତାଙ୍କ ବକ୍ତବ୍ୟରେ ଇଙ୍ଗିତ କରିଛନ୍ତି। ଏହି କୃତଜ୍ଞତା ମାଧ୍ୟମରେ ଟ୍ରମ୍ପଙ୍କ ସବୁ ମିଛ ସହ ଭାରତକୁ ସାଲିସ କରିବାକୁ ହେବ। କୂଟନୈତିକ ସଂପର୍କ ଓ ସହଯୋଗରେ ପରିଲକ୍ଷିତ ଏହି ନିମ୍ନ ରୁଚିରୁ ସ୍ପଷ୍ଟ ହେଉଛି ଯେ କ୍ଷମତା ଓ ଶକ୍ତିର ଅହଂକାର ସମସ୍ତ ସଂଭ୍ରମ ଓ ଶାଳୀନତାକୁ ଅତିକ୍ରମ କରିଛି। ଲୁଟ୍‌ନିକ ଏକଥା କହିଛନ୍ତି ଯେ ଟାରିଫକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଅବସାନ ପାଇଁ ଆମେରିକା ଏସୀୟ ରାଷ୍ଟ୍ର ଭିଏତନାମ ଓ ଇଣ୍ଡୋନେସିଆ ସହ ବୁଝାମଣା ପୂର୍ବରୁ ୨୦୨୫ ରେ ଭାରତକୁ ଦିଆଯାଇଥିବା ତିନିଟି ସୁଯୋଗକୁ ମଧ୍ୟ ହାତଛଡ଼ା କରିଛି। ଭାରତର ବୈଦେଶିକ ବିଭାଗ ମୁଖପାତ୍ର ଏହି ଅଭିଯୋଗର ଯଥାର୍ଥ ଉତ୍ତର ଦେଇ କହିଛନ୍ତି ଯେ ୨୦୨୫ ରେ ପ୍ରଧାନମନ୍ତ୍ରୀ ମୋଦୀ କେବଳ ବାଣିଜ୍ୟ ନୁହେଁ, ବୈଷୟିକ ଜ୍ଞାନକୌଶଳ ଏବଂ ବିଶ୍ୱ ନିରାପତ୍ତା ପ୍ରସଙ୍ଗ ଉପରେ ୮ ଥର କଥାବାର୍ତ୍ତା କରିଛନ୍ତି। ତେଣୁ ଆମେରିକା ପକ୍ଷରୁ ଯେଉଁ ରଙ୍ଗ ରୂପ ଦେଇ ଘଟଣାକ୍ରମର ବର୍ଣ୍ଣନା କରାଯାଇଛି ତାହା ଆଦୌ ଠିକ୍ ନୁହେଁ। ଅମେରିକାର ଅସ୍ପଷ୍ଟ ନୀତି ଓ ବ୍ୟକ୍ତିଗତ ବିଦ୍ୱେଷରୁ ଏହି ପରିସ୍ଥିତି ଉପୁଜିଛି।

ବିଶ୍ୱର ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ସ୍ୱାବଲମ୍ବୀ ଓ ନିଜ ଶକ୍ତି ତଥା ସାମର୍ଥ୍ୟରେ ସବୁ ପରିସ୍ଥିତିକୁ ସମ୍ମୁଖୀନ ହେଉଛି। ବିଶ୍ୱବଜାର ଅର୍ଥନୀତିର ନିର୍ଭରଶୀଳତା ଦୃଷ୍ଟିରୁ ବିଚାର କଲେ ଭାରତର ସର୍ବବୃହତ ବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସଂକୀର୍ଣ୍ଣ ଭୂ-ରାଜନୈତିକ ରଣନୀତିରେ ଅଂଶୀଦାର ହେବାକୁ ସେ ଚାହେଁ ନାହିଁ। ଭାରତର ଏହି ସ୍ପଷ୍ଟ ଅଭିମୁଖ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଧିକ କ୍ଷୁବ୍ଧ କରିଛି। ରୁଷରୁ ତୈଳ, ପ୍ରାକୃତ ଗ୍ୟାସ ଓ ୟୁରାନିୟମ ସଂଗ୍ରହ କରୁଥିବା ରାଷ୍ଟ୍ରଉପରେ ୫୦୦ ପ୍ରତିଶତ ଟାରିଫ ଲାଗୁ କରିବା ସକାଶେ ସେ ଘୋଷଣା କରିଛନ୍ତି। ଭାରତ କ୍ଷେତ୍ରରେ ମଧ୍ୟ ଏହା ଲାଗୁ କରାଯିବ। ଆମ ସହ ଚୀନ ଓ ବ୍ରାଜିଲକୁ ମଧ୍ୟ ସଂଯୁକ୍ତ କରାଯାଇଛି। ଏ ସଂପର୍କରେ ଆମେରିକା ସୁପ୍ରିମକୋର୍ଟରେ ହୋଇଥିବା ଆବେଦନର ରାୟ ଜାନୁଆରୀ ୧୪ ରେ ପ୍ରକାଶ ପାଇବ। ତେବେ ୧୯୭୭ ରେ ଜାରି ହୋଇଥିବା ଆନ୍ତର୍ଜାତିକ ଜରୁରୀ ଆର୍ଥିକ କ୍ଷମତା ଆଇନ (ଇପା) ବଳରେ ଆମଦାନୀ ଉପରେ ଟାରିଫ ଲାଗୁ କରାଯାଇ ପାରିବ ବୋଲି ଆମେରିକା ଦର୍ଶାଯାଇଛି।

ଭେନେଜୁଏଲ ଘଟଣାକ୍ରମ ନିରଙ୍କୁଶ ଓ ନିର୍ବାଧାରେ ଅତିକ୍ରମ କରି ଯିବା ପରେ ରାଷ୍ଟ୍ରପତି ଟ୍ରମ୍ପ ଅପେକ୍ଷାକୃତ ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି। ତେଣୁ ଯେକୌଣସି ପ୍ରକାରେ ଗ୍ରୀନଲାଣ୍ଡକୁ ଆମେରିକାର ଅକ୍ତିଆରକୁ ଆଣିବା ସକାଶେ ସେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡ ଏକ ସ୍ୱୟଂସଂପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିଲେ ମଧ୍ୟ ଦେଶର ବୈଦେଶିକ ଓ ପ୍ରତିରକ୍ଷା ନୀତି ପାଇଁ ଡେନମାର୍କ ଉପରେ ନିର୍ଭରଶୀଳ। ଟ୍ରମ୍ପଙ୍କ ପ୍ରସ୍ତାବକୁ ଦୁଇରାଷ୍ଟ୍ର ଦୃଢ଼ ବିରୋଧ କରିଛନ୍ତି। ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ ଫ୍ରେଡେରିକ୍‌ସନ ସ୍ପଷ୍ଟ କରିଦେଇଛନ୍ତି ଯେ ଏକ୍ଷେତ୍ରରେ ଆମେରିକା ବଳପ୍ରୟୋଗ କଲେ ନାଟୋ ଭୁଶୁଡ଼ି ପଡ଼ିବ। ସେହିଭଳି ଆମେରିକାକୁ କୋକେନ୍ ଚୋରାଚାଲାଣ କରୁଥିବା ଦର୍ଶାଇ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କ ସହ ମୁହାଁମୁହିଁ ହୋଇଛନ୍ତି ଟ୍ରମ୍ପ। ଏବେ ତୃତୀୟ ଦିଗଟି ହେଲା ଇରାନ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଚାପରେ ଯେ କୌଣସି ସମୟରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଆମେରିକା। ଉଭୟ ପକ୍ଷ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

କ୍ଷମତା ଅଂକାରର ସ୍ଥିତି ଓ ବିସ୍ମୃତି ସବୁକାଳେ ସୀମିତ ସମୟ ପାଇଁ। ଟ୍ରମ୍ପଙ୍କୁ ଏକଥା ବୁଝାଇବାକୁ ବେଶୀଦିନ ଲାଗିବ ନାହିଁ। ଭାରତ ଆମେରିକାର ସ୍ୱାଭାବିକ ସହଯୋଗୀ। ସ୍ଥିର ରାଜନୀତି ଓ ବିଶାଳ ବଜାର ବ୍ୟବସ୍ଥାକୁ ନେଇ ନିଜର ଆର୍ଥିକ ସାମର୍ଥ୍ୟ ଜାହିର କରୁଥିବା ଭାରତ ଦକ୍ଷିଣ-ଏସିଆ କୂଟନୈତିକ କ୍ଷେତ୍ରକୁ ବଳ ଦେଇ ଆମେରିକାର ପ୍ରମୁଖ ସହଯୋଗୀ ହୋଇପାରିବ। ଏବେ ଭେନେଜୁଏଲାରୁ ତୈଳ ସଂଗ୍ରହ ପାଇଁ ଭାରତକୁ ସୁଯୋଗ ଦେଇ ଟ୍ରମ୍ପ ଆଗକୁ ସ୍ଥିତି ସୁଧାରିବେ ବୋଲି ଆଶା କରାଯାଇପାରେ।

# ସଫଳ କର୍ମ ସମ୍ପାଦନ ଓ ବ୍ୟବସ୍ଥିତ ବିଶ୍ରାମ

**ଡ.ଉଷାରାଣୀ ଦାଶ**

ବିଶ୍ରାମ ମଣିଷର ଶକ୍ତି, ସ୍ୱାସ୍ଥ୍ୟ, ସୃଜନଶୀଳତା, ସଫଳ କର୍ମ ସମ୍ପାଦନ ଓ ଜୀବନର ଉତ୍କର୍ଷ ପାଇଁ ଏକ ପ୍ରମୁଖ ଉପାଦାନ। ପରନ୍ତୁ ମାତ୍ରାଧିକ ବସ୍ତୁବାଦୀ ଚିନ୍ତାଧାରା, ସାମାଜିକ ଗଣମାଧ୍ୟମର ଚାପ, ମୋବାଇଲ, କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତ୍ତାର କରାଳଛାୟାର ପ୍ରଭାବ ସହିତ ଅତିରିକ୍ତ ଘରୋଇକରଣର ବିଷପ୍ରକ୍ରିୟାରେ ଆଜି ମଣିଷ ଜୀବନରୁ ବିଶ୍ରାମ ଶବ୍ଦଟି ଅପହରଣ ହୋଇ ସଂଜ୍ଞା ହରାଇଥିବା ପରି ଜଣାପଡ଼େ। ପିଲାଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶରୀର ଓ ମନକୁ ଅବିରତ ଅର୍ଥ ପଛରେ ନିୟୋଜିତ କରି ମାନସିକ, ଶାରୀରିକ ଓ ଆର୍ଥିକ ଭାରସାମ୍ୟ ହରାଇ ବସିଛି। ତଥାପି ଇନ୍‌ଫୋସିସର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପରି କିଛି ଉଦ୍ୟୋଗପତି ଭାରତର ଯୁବଶକ୍ତି ଦିନକୁ ୧୨ଘଣ୍ଟାରୁ ଅଧିକ ପରିଶ୍ରମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଚାଲିଛନ୍ତି। ଯଦିଓ ସରକାରଙ୍କ ନିୟମ ଅନୁସାରେ ଜଣେ ବ୍ୟକ୍ତି ଦିନକୁ ୮ ଘଣ୍ଟା କାର୍ଯ୍ୟ କରି ଠିକ ପାରିଶ୍ରମିକ ପାଇବାକୁ ହକଦାର, ତଥାପି ପ୍ରାୟ ୯୦ ପ୍ରତିଶତରୁ ଅଧିକ ଘରୋଇ ସଂସ୍ଥାରେ ଯୁବକଯୁବତୀମାନେ ଦୀର୍ଘବର୍ଷ ଧରି ଅଳ୍ପ ପାରିଶ୍ରମିକରେ ଦିନକୁ ୧୨ ରୁ ୧୬ ଘଣ୍ଟା କାମ କରି ଆସୁଛନ୍ତି, ଯାହା ସରକାରଙ୍କୁ ବା ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନଙ୍କ ପାଇଁ ଅଣଦେଖା ହୋଇରହିଯାଏ। କାରଣ ସେଠାରେ ମାନବିକତା ତୁଳନାରେ ଅର୍ଥାଗମକୁ ଗୁରୁତ୍ୱ ଦିଆଯାଏ। ମଣିଷର ଲୁହଲହୁରୁ ସେମାନେ ଆୟକୁ ଅନୈତିକ ଉପାୟରେ ବହୁଗୁଣିତ କରନ୍ତି।

ଯଦିଓ ଶ୍ରମ ବିନା ଜୀବନ ଅର୍ଥହୀନ, ବିଶ୍ରାମ ବିନା ଜୀବନ କ୍ଳାନ୍ତିମୟ ଓ ରୋଗାକ୍ରାନ୍ତ ହୋଇପଡ଼େ। ଆଧୁନିକ ଯୁଗରେ ମଣିଷ ଅତ୍ୟଧିକ ବ୍ୟସ୍ତତା, ପ୍ରତିଯୋଗିତା ଓ ଚାପରେ ରହି ବିଶ୍ରାମର ମୂଲ୍ୟକୁ ଅନେକ ସମୟରେ ଭୁଲିଯାଉଛି। କିନ୍ତୁ ଏହା ନିରାଟ ସତ୍ୟ ଯେ ବିଶ୍ରାମ ବିନା କୌଣସି ମଣିଷ ଦୀର୍ଘକାଳ ସୁସ୍ଥ, ସୁଖୀ ଓ ସଫଳ ହୋଇ ରହିପାରିବ ନାହିଁ। ବିଶ୍ରାମକୁ ଆଳସ୍ୟ କୁହାଯାଇ ନ ପାରେ, ବରଂ ଏହା ଶକ୍ତିର ପୁନଃଜାଗରଣ, ଯାହା କେବଳ କାମ ବନ୍ଦ କରି ଶୋଇ ରହିବାକୁ ସୂଚାଇବା ବଦଳରେ ଶରୀର ଓ ମନକୁ କ୍ଳାନ୍ତିରୁ ମୁକ୍ତ କରି ନୂତନ ଶକ୍ତି ସଞ୍ଚୟ କରିବାର ପ୍ରକ୍ରିୟାକୁ ବୁଝାଇଥାଏ। ଶୋଇବା, ଆରାମ କରିବା, ସଙ୍ଗୀତ ଶୁଣିବା, ପ୍ରକୃତି ସହ ସମୟ କାଟିବା ଆଦି ବିଶ୍ରାମର ରୂପ, ଯାହାକୁ ଶ୍ରମର ସଫଳତାର ଗୁପ୍ତ ମନ୍ତ୍ର, ଯନ୍ତ୍ରଣା ଉପଶମ ଓ ଆରୋଗ୍ୟ ପାଇଁ ତଥା ଅସ୍ୱସ୍ତି ଦୂର କରିବା ପାଇଁ ଏକ ଅବଧି ବୋଲି ଧରାଯାଇପାରେ।

ପ୍ରାଚୀନକାଳରୁ ବିଶ୍ରାମକୁ ମଣିଷ ଜୀବନର ଏକଅଂଶ ଭାବରେ ଗ୍ରହଣ କରାଯାଇଛି। ବୈଷ୍ଣବ ଧର୍ମରେ ଏହାକୁ ଭକ୍ତି ଅଭ୍ୟାସ ଏବଂ କ୍ଳାନ୍ତିରୁ ଉପଶମ ମାର୍ଗ କୁହାଯାଇଥିବା ବେଳେ ଆୟୁର୍ବେଦର 'ଅଷ୍ଟାଙ୍ଗ ହୃଦୟମ୍' ଅନୁସାରେ ଭଲ ଜୀବନ ସୁନିଶ୍ଚିତ କରିବା ପାଇଁ ସୁଷମ ଖାଦ୍ୟ, ସଂଯମ ଆଚରଣ ଓ ବିଶ୍ରାମ ବା ଭଲ ନିଦ୍ରା ହେଉଛି ତିନୋଟି ସ୍ତମ୍ଭ। ସେହିପରି ଭାରତୀୟ ଇତିହାସ ଓ ସ୍ୱାସ୍ଥ୍ୟ ବିଜ୍ଞାନରେ ଏହା ଆରାମ, ଆରୋଗ୍ୟ ଓ ଯନ୍ତ୍ରଣା ଉପଶମର ମାର୍ଗ ଭାବରେ ଗୃହୀତ। ଭାରତୀୟ ସଂସ୍କୃତିରେ ଯୋଗ ଓ ଧ୍ୟାନ ବିଶ୍ରାମର ରୂପ ସହିତ ବେଦ, ଉପନିଷଦ ଓ ଗୀତାରେ କର୍ମ ସହିତ ବିଶ୍ରାମର ସନ୍ତୁଳନର କଥା କୁହାଯାଇଛି। ବୌଦ୍ଧବାଣୀରେ 'ନ ଅତ୍ୟଧିକ ଭୋଗ, ନ ଅତ୍ୟଧିକ କଷ୍ଟ' ଓ 'ସାଙ୍ଖ୍ୟାନ-ଗୃହ୍ୟ-ସୂତ୍ର' ଅନୁସାରେ ବିଶ୍ରାମ ହେଉଛି ମଣିଷର ଆଶୀର୍ବାଦପୂର୍ଣ୍ଣ ଓ ଆନନ୍ଦମୟ ଗୃହ। ସେହିପରି ବାଲ୍ମୀକି ରାମାୟଣ ଅନୁସାରେ ବିଶ୍ରାମ ଶବ୍ଦଟି ଶାନ୍ତିର ଏକ ଅବସ୍ଥାକୁ ବୁଝାଏ। ସେଥିପାଇଁ କୁହାଯାଏ ବିଶ୍ରାମ ହେଉଛି ଜୀବନର ରିଚାର୍ଜ ବଟନ୍।

ଆଜିକାଲି ଅଧିକାଂଶ ଲୋକ ଲୋଭ, ଧନ ଓ ଛଦ୍ମ ସଫଳତା ପଛରେ ଧାବମାନ କାରଣରୁ ବିଶ୍ରାମକୁ ଅବହେଳା କରୁଛନ୍ତି, ଯାହା ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ବିଶ୍ରାମ ଅଭାବରେ ଟାଇପ୍ ୨ ମଧୁମେହ, ହୃଦରୋଗ, ସ୍ଥୂଳତା, ଅବସାଦ, ଦୁର୍ବଳତା, ପାକସ୍ଥଳୀ ସମସ୍ୟା, ଅନ୍ତଃସ୍ରାବୀ ରୋଗ, ମେଟାବୋଲିକ୍ ସିଣ୍ଡ୍ରୋମ୍, ସ୍ନାୟୁଗତ ବ୍ୟାଧି, ଚିଡ଼ିଚିଡ଼ାପଣ, ମାନସିକ ଚାପ ଆଦି ସମସ୍ୟା ସୃଷ୍ଟି ହୋଇ ପ୍ରାଣଘାତକ ହେଉଛି। ଯଦିଓ ଜୀବନରେ ଅର୍ଥ ଓ ପ୍ରକୃତ ସଫଳତା ଜରୁରୀ, କିନ୍ତୁ ସେଥିପାଇଁ ବିଶ୍ରାମକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ସମୟମତେ ବିଶ୍ରାମ ନେଲେ ଶରୀର ସୁସ୍ଥ ରହିବ ଓ ସଫଳତା ମଧ୍ୟ ଦୀର୍ଘକାଳୀନ ହେବ। ବିଶ୍ରାମହୀନତା ମଣିଷର କାର୍ଯ୍ୟକ୍ଷମତା କମାଇବା ସହିତ ଆୟୁକୁ ହ୍ରାସ କରିଥାଏ। ତେଣୁ 'ବେଟର ଲେଟ ଦାନ ନେଭର' ପ୍ରତି ଆମେ ଯତ୍ନଶୀଳ ହେବା ଜରୁରୀ।

ପୁରୁଣା ଦିନରେ ଲୋକମାନେ ଜାଣୁଥିଲେ ଯେ କାମ ଓ ବିଶ୍ରାମର ସନ୍ତୁଳନ ରହିଲେ ହିଁ ଜୀବନ ସୁସ୍ଥ ଓ ସୁଖମୟ ହୁଏ। ସେମାନଙ୍କର ଜୀବନଶୈଳୀ ସରଳ ଥିଲା ଏବଂ ପ୍ରକୃତି ସହ ଗଭୀର ସମ୍ପର୍କ ଥିବାରୁ ବିଶ୍ରାମ ସ୍ୱାଭାବିକ ଭାବେ ତାଙ୍କ ଜୀବନର ଏକ ଅଂଶ ଥିଲା। ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କର୍ମରତ, ମଧ୍ୟାହ୍ନରେ ବିଶ୍ରାମ ଓ ସନ୍ଧ୍ୟାରେ ପରିବାର ଓ ପଡ଼ୋଶୀଙ୍କ ସହ ସମୟ କାଟିବା ଥିଲା ଏକ ଚିରାଚରିତ ବିଶ୍ରାମ ପ୍ରକ୍ରିୟା। ଗାଁ ଚଉପାଟିରେ ଗପ, ଗୀତ ଓ ଭାଗବତ ଟୁଙ୍ଗୀରେ ଭଜନ ଆଦି ମାଧ୍ୟମରେ ମନକୁ ଶାନ୍ତ କରି ରାତିରେ ପର୍ଯ୍ୟାପ୍ତ ନିଦ୍ରାରେ ଶୋଇଯାଉଥିଲେ। ପର୍ବପର୍ବାଣି ଓ ଉତ୍ସବଗୁଡ଼ିକ ମଧ୍ୟ ବିଶ୍ରାମର ଏକ ଉପାୟ ଥିଲା। ରଜ, ନୂଆଖାଇ, ଦୀପାବଳୀ ପରି ପର୍ବଗୁଡ଼ିକରେ କାମକୁ କମ୍ କରି ସମସ୍ତେ ବିଶ୍ରାମ ଓ ବିନୋଦନରେ ମନ ଦେଉଥିଲେ। ଶାରୀରିକ କାମ ସହ ମାନସିକ ସନ୍ତୁଳନ ପାଇଁ ଯୋଗ, ପ୍ରାଣାୟାମ, ଧ୍ୟାନ ଓ ଭଜନର ଅଭ୍ୟାସ ଥିଲା। ଏହା ମନକୁ ସ୍ଥିର ରଖୁଥିଲା ଓ ଚିନ୍ତା ଦୂର କରୁଥିଲା। ଭାରତର ପାରମ୍ପରିକ ବିଶ୍ରାମ ବ୍ୟବସ୍ଥାମାନଙ୍କ ମଧ୍ୟରେ ଆଷାଢ଼ରୁ ଆଶ୍ୱିନ ପର୍ଯ୍ୟନ୍ତ ଚାରିମାସରେ ପାଳିତ ଚାତୁର୍ମାସ୍ୟ ବ୍ରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କେବଳ ମଣିଷମାନେ ବିଶ୍ରାମ ନେଉ ନଥିଲେ, ପ୍ରକୃତି ମଧ୍ୟ ବିନା ବାଧା ଓ ପ୍ରଭାବରେ ପୁନର୍ଜୀବିତ ହୋଇ ପାରୁଥିଲା। ଏତଦ୍‌ବ୍ୟତୀତ ଭାରତୀୟ ପରମ୍ପରାରେ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଆଦି ମାସିକ ଓ ପାକ୍ଷିକ ବିଶ୍ରାମ ଉପବାସ ମାଧ୍ୟମରେ ସ୍ଥିର ହୋଇଥିଲା, ଯାହା ଶରୀର ପାଇଁ ବିଶ୍ରାମ।

ଆଧୁନିକ ସହରୀ ଜୀବନରେ ଚାକିରିଜୀବୀମାନେ, ବିଶେଷକରି ବେସରକାରୀ ଅନୁଷ୍ଠାନର କର୍ମଚାରୀମାନେ, ଦୀର୍ଘସମୟ ପରିଶ୍ରମ କିମ୍ବା କମ୍ପ୍ୟୁଟର ସାମ୍ନାରେ ବସି କାମ କରନ୍ତି। ଟାର୍ଗେଟ୍ ପୂରଣର ଚାପ ହେତୁ ଘରକୁ ଫେରିଲେ ମଧ୍ୟ ଇମେଲ୍ ଓ ଅତିରିକ୍ତ କାମକୁ ମୋବାଇଲ୍ ଓ ଲାପଟପ୍‌ରେ କରିବାକୁ ବାଧ୍ୟ ହୁଅନ୍ତି। ସେମାନେ ସ୍ୱଳ୍ପ ପାରିଶ୍ରମିକରେ ଭବିଷ୍ୟତ ସୁଖଆଶାରେ ଦିନରାତି କାମ କରି ଶାରୀରିକ ରୋଗ ଓ ମାନସିକ ଚାପର ବଶବର୍ତ୍ତୀ ହେଉଛନ୍ତି। ପରିବାର ସହ ସମୟ କାଟିବା କିମ୍ବା ନିଜ ପାଇଁ କିଛିସମୟ ଦେବାକୁ ଭୁଲିଯାଉଛନ୍ତି। ଫଳରେ ପାରିବାରିକ ସୁଖଶାନ୍ତି ବ୍ୟାହାତ ହେଉଛି। ଛାତ୍ରଛାତ୍ରୀମାନେ ସଫଳତା ପାଇଁ ଅତ୍ୟଧିକ ଚାପରେ ରହି ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଶ୍ରାମ ପାଉ ନ ଥିବାରୁ ଶାରୀରିକ ଓ ମାନସିକ ଥକ୍କାପଣର ସମ୍ମୁଖୀନ ହେଉଛନ୍ତି।

ପାରମ୍ପରିକ ଜ୍ଞାନ ପରି ଆଧୁନିକ ଗବେଷଣାରୁ ଜଣାଯାଇଛି ବିଶ୍ରାମ ମଧ୍ୟ କାର୍ଯ୍ୟ ପରି ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଶରୀରକୁ ବିଶ୍ରାମ ଦେଉ ତେବେ ବ୍ୟସ୍ତବହୁଳ ଜୀବନଶୈଳୀରୁ ଜାତ ରୋଗରୁ ନିଜକୁ ସୁସ୍ଥ ରଖିପାରିବା। ତେଣୁ ଆମ ଜୀବନରେ ପୁଣି ଥରେ ଶୈଳୀ ଅନୁସାରେ ବିଶ୍ରାମ ନେବାର ସମୟ ଆସିଛି। ସେଥିପାଇଁ ସର୍ବପ୍ରଥମେ ୨୪ ଘଣ୍ଟିଆ କାର୍ଯ୍ୟ କରିବାର ସଂସ୍କୃତିକୁ ତ୍ୟାଗ କରିବାକୁ ପଡ଼ିବ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ଶୋଇବା ନିମିତ୍ତ ବିନିଯୋଗ କରିବାକୁ ପଡ଼ିବ। କାର୍ଯ୍ୟସମୟ ବାହାରେ କାର୍ଯ୍ୟ-ସମ୍ବନ୍ଧୀୟ ଯୋଗାଯୋଗକୁ ଅଣଦେଖା କରିବାକୁ ହେବ। ବ୍ୟକ୍ତି, ସମାଜ, କାର୍ଯ୍ୟାଳୟ ଓ ସରକାର ବିଶ୍ରାମକୁ ମାନବୀୟ ଅଧିକାର ଭାବରେ ସ୍ୱୀକାର କରି ଏକ ସ୍ପଷ୍ଟ ନୀତି, ନିୟମ କିମ୍ବା ସଂକଳ୍ପ ନେବା ଆବଶ୍ୟକ। ବିଶ୍ରାମ ଅଧିକାରକୁ ସଂରକ୍ଷିତ କରିବା ପାଇଁ ପ୍ରସ୍ତାବିତ 'ଅଧିକାର ବିଚ୍ଛିନ୍ନ ବିଲ୍' ର ନୂତନତମ ସଂସ୍କରଣ ଉପରେ ସଂସଦରେ ହୋଇଥିବା ବିତର୍କ ସ୍ୱାଗତଯୋଗ୍ୟ। ଆମେ ନିଜ ଜୀବନ ଓ ପରିସଂସ୍ଥା ପାଇଁ ସକ୍ରିୟ ଭାବରେ ବିଶ୍ରାମକୁ ଅନୁସରଣ କରିବା ଆବଶ୍ୟକ। ପ୍ରତ୍ୟେକ କାର୍ଯ୍ୟନିର୍ଘଣ୍ଟ ୮ ଘଣ୍ଟାରୁ ଅଧିକ ହେବା ଉଚିତ ନୁହେଁ ଏବଂ କାର୍ଯ୍ୟସ୍ଥଳରେ 'ସ୍ୱଳ୍ପବିଶ୍ରାମ'ର ଏକ ନିର୍ଘଣ୍ଟର ଆବଶ୍ୟକ। ସରକାରୀ ବା ବେସରକାରୀ ସଂସ୍ଥାରେ ସମାନ କାର୍ଯ୍ୟ ପାଇଁ ସମାନ ବେତନ ବ୍ୟବସ୍ଥା କଡ଼ାକଡ଼ି ଭାବରେ ପାଳନ ହେବା ଆବଶ୍ୟକ, ଯାହା ସମସ୍ତ କର୍ମଚାରୀଙ୍କୁ ସମ୍ମାନର ସହିତ କାର୍ଯ୍ୟ କରିବା ସହିତ ଗୁଣାତ୍ମକ ଫଳାଫଳ ଦେଇପାରିବ।

ଭାରତୀୟ ସଂସ୍କୃତିରେ ଜୀବନକୁ କେବଳ କର୍ମମୟ ନୁହେଁ, ବରଂ ଶ୍ରମ ଓ ବିଶ୍ରାମର ସନ୍ତୁଳନ ଭାବରେ ଦେଖାଯାଇଛି। ଆଧୁନିକ ଯୁଗରେ ଯଦିଓ ସପ୍ତାହାନ୍ତ ଦିନେ ବା ଦୁଇଦିନ ଛୁଟି ପ୍ରଦାନ କରାଯାଉଛି, ଭାରତୀୟ ପରମ୍ପରାରେ ଦିନ, ମାସ ଓ ଋତୁ ଆଧାରିତ ବିଶ୍ରାମ ବ୍ୟବସ୍ଥା ରହିଥିଲା। ଭାରତୀୟ ଜୀବନଦର୍ଶନରେ ବିଶ୍ରାମକୁ ଶରୀର, ମନ ଓ ପ୍ରକୃତିକୁ ସନ୍ତୁଳିତ ରଖିବାର ଉପାୟ ଭାବରେ ଦେଖାଯାଇଛି। ଯୋଗ, ଧ୍ୟାନ, ବ୍ରତ, ଉପବାସ ଓ ପର୍ବପର୍ବାଣୀ ସବୁର ମୂଳରେ ବିଶ୍ରାମର ତତ୍ତ୍ୱ ଲୁକ୍କାୟିତ ହୋଇ ରହିଛି। ତେଣୁ ବିଶ୍ରାମ ଶରୀରର ମୌନ ଚିକିତ୍ସା ଓ ସଫଳ କର୍ମ ସମ୍ପାଦନର ମାର୍ଗ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

# ଜୀବେ ଦୟା

**ଡ଼ ସୀତାକାନ୍ତ ତ୍ରିପାଠୀ**

ଅନେକ ବ୍ୟବସାୟୀ ରାସ୍ତାରେ ପାରାମାନଙ୍କୁ ଖାଇବାକୁ ଦେଉଥିବାରୁ ତାଙ୍କୁ ଏକ ଅଦାଲତ ପାଞ୍ଚହଜାର ଟଙ୍କା ଜୋରିମାନା କରିଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ସାଧାରଣ ଜନମାନସରେ ଅନେକ ଅବୁଝା ପ୍ରଶ୍ନ ଉଙ୍କି ମାରିଛି। ଜୀବମାନଙ୍କୁ ଦୟା କରିବା ପାଇଁ ସମସ୍ତ ଧର୍ମର ଶାସ୍ତ୍ରପୁରାଣଗୁଡ଼ିକ ଉତ୍ସାହିତ କରିଥା'ନ୍ତି। ଏଥିପାଇଁ କେତେ ଗଳ୍ପ, ଆଖ୍ୟାୟିକା ଓ ଉଦାହରଣ ମଧ୍ୟ ରହିଛି। ତେବେ ଅଦାଲତଙ୍କର ଇଏ କି ଅଜବ ନିର୍ଦ୍ଦେଶନାମା? କଥା ହେଉଛି ପାରାମାନଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ପାଇବା ଫଳରେ ସେମାନଙ୍କ ମଳରୁ ଅନେକ ରୋଗର ଉତ୍ପତ୍ତି ହେଉଛି, ଯେଉଁଥିପାଇଁ ସ୍ଥାନୀୟ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପାରାମାନଙ୍କର ବଂଶବୃଦ୍ଧି ସହିତ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କର ଖାଦ୍ୟଦାନର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ସେମାନଙ୍କୁ ଶିକାର ନକରି ଅଭୟ ପ୍ରଦାନ କରୁଥିବା ଲୋକମାନେ ମଧ୍ୟ 'ଜୀବେଦୟା' ଦର୍ଶନର ବିଶ୍ୱାସୀ ନୁହଁନ୍ତି କି?

ପରିବେଶଗତ ସନ୍ତୁଳନ ପାଇଁ ପ୍ରାକୃତିକ ଭାବେ ଖାଦ୍ୟ ଶୃଙ୍ଖଳ ରହିଛି। ଏଥିରେ ଖାଦ୍ୟ ଓ ଖାଦକର ସମ୍ପର୍କ ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଥାଏ। ସେହିକ୍ରମରେ ଦେଖିବାକୁ ଗଲେ ମଣିଷ ପ୍ରାକୃତିକ ଭାବେ ଖାଦକ ନୁହେଁ। ତେବେ ବିଭିନ୍ନ କାରଣରୁ ସିଏ ପଶୁ-ପକ୍ଷୀମାନଙ୍କୁ ଶିକାର କରିଥାଏ। ଯାହାଫଳରେ କିଛି ପ୍ରଜାତିର ପଶୁ-ପକ୍ଷୀ ଏବେ ବିଲୋପ ହେବାକୁ ବସିଲେଣି। ଅନେକ ସମୟରେ 'ଜୀବେଦୟା'କୁ ଲୋକମାନେ ଏକ ନିର୍ଦ୍ଦିଷ୍ଟ ପଶୁ କିମ୍ବା ପକ୍ଷୀଙ୍କୁ ବୁଝିଥା'ନ୍ତି। ଏଥିପାଇଁ କିଏ ରାସ୍ତାକଡ଼ରେ କୁକୁରମାନଙ୍କୁ ଖାଇବା ପାଇଁ ଦେଉଥିବା ବେଳେ ଆଉ କେହି ଉଇହୁଙ୍କାରେ ରହୁଥିବା ସାପମାନଙ୍କୁ କ୍ଷୀର ଦେବା ପାଇଁ ଚେଷ୍ଟା କରିଥା'ନ୍ତି କିମ୍ବା ପିମ୍ପୁଡ଼ି ଗାତରେ ଚିନି ଭରିଥା'ନ୍ତି। ଯେଉଁ ସାପମାନଙ୍କୁ ଜଣେ ଭକ୍ତ ମନ୍ଦିରରେ କିମ୍ବା ଉଇ ହୁଙ୍କାରେ କ୍ଷୀର ଦେଇଥାଏ, ସେଇମାନଙ୍କୁ ଅନ୍ୟ ଜାଗାରେ ମାରିବା ପାଇଁ ସିଏ ପଛାଏ ନାହିଁ। ଅନ୍ୟ କେତେକ କ୍ଷେତ୍ରରେ ତଥାକଥିତ ଦୟାଳୁମାନେ ଖାଦ୍ୟଦାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ପ୍ରୟାସ କରୁଥିବା ବେଳେ ନିଜ ଘରେ ଥିବା ବୟସ୍କ ବ୍ୟକ୍ତି, ସାହି ପଡ଼ିଶା ତଥା ଅଧସ୍ତନ କର୍ମଚାରୀମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର, ଅଭଦ୍ରୋଚିତ ବ୍ୟବହାର କିମ୍ବା ହତାଦର କରିବା ପାଇଁ ପଛଘୁଞ୍ଚା ଦେଇ ନଥା'ନ୍ତି। ତେଣୁ 'ଜୀବେଦୟା'ର ପ୍ରକୃତ ଅର୍ଥ କ'ଣ?

ଜଣକ ପ୍ରତି ଦୟାଶୀଳ ହେବା ବେଳେ ଅନ୍ୟମାନଙ୍କ ପ୍ରତି ସଠିକ ଆଚାର ବ୍ୟବହାର ପ୍ରତି ମଧ୍ୟ ଲକ୍ଷ୍ୟ କରିବାର ଅଛି। ଜଣଙ୍କର ଉନ୍ନତି ଆଉ କାହାର କ୍ଷତିର କାରଣ ନ ହେବା ଦରକାର। ସେହି ନ୍ୟାୟରେ କାହାର ବଂଶବୃଦ୍ଧି ଏବଂ ଆଉ କାହାର ବଂଶବିନାଶର କାରଣ ନହେବା ଉଚିତ୍। ସେକଥା ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷମାନଙ୍କୁ କ'ଣ ଅଜଣା? ଯେଉଁମାନେ ଲୋକମାନଙ୍କୁ ଅନ୍ନଦାନ କରି ପୁଣ୍ୟାର୍ଜନ କରିବା ପାଇଁ ପ୍ରୟାସ କରିଥା'ନ୍ତି କିମ୍ବା ସମାଜରେ ଆଦୃତ ହେବା ପାଇଁ ଚାହିଁଥା'ନ୍ତି ନେପଥ୍ୟରେ ସେମାନେ ଚାଉଳରେ ଗୋଡ଼ି ମିଶାଇ କିମ୍ବା ଖାଦ୍ୟରେ ଅପମିଶ୍ରଣ କରି ଲୋକମାନଙ୍କର ପ୍ରାଣଘାତକ ହୋଇଥିବାର ଉଦାହରଣ ଆମ ସମାଜରେ ମଧ୍ୟ ଦେଖାଯାଇଥାଏ। ତେଣୁ 'ଜୀବେଦୟା'କୁ ଆମେ କେଉଁ ସଂଜ୍ଞା ଦେବା ତାହା ଏକ ପ୍ରଶ୍ନବାଚୀ ନୁହେଁ କି?

ଆମ ଶାସ୍ତ୍ର କହେ 'କୀଟ ପତଙ୍ଗ ତରୁ ତୃଣ, ସବୁଠି ବିଜେ ନାରାୟଣ'। ଏହି ଦର୍ଶନକୁ ଆଧାର କରି ପଥର, କାଠ, ନଦୀ, ବୃକ୍ଷ, ଲତା, ଜୀବ, ଜନ୍ତୁ ସବୁଙ୍କୁ ଧାର୍ମିକ ଆଧାରରେ ପୂଜା କରାଯାଏ। ଯାହାଫଳରେ ସନ୍ତୁଳିତ ପରିବେଶ ବଜାୟ ରହିବା ସହିତ ସାମାଜିକ ସହାବସ୍ଥାନ ରହିପାରିବ। 'ଜୀବେଦୟା'ର ଅର୍ଥ ନୁହେଁ ମୁଖରେ ହରି, ପେଟରେ ଛୁରୀ। ଜଣଙ୍କୁ ଆଦର ଅଭ୍ୟର୍ଥନା କରିବା ସମୟରେ ଅନ୍ୟମାନଙ୍କୁ ହତାଦର କରିବା ମାନବିକତାର ପରିପନ୍ଥୀ। ପଶୁ-ମଣିଷ ଲଢ଼େଇର ଦ୍ୱାହି ଦେଇ ଆମେ ବଣ୍ୟଜନ୍ତୁମାନଙ୍କୁ ଶିକାର କରିବା, ଉତ୍ପାଦନ ବୃଦ୍ଧି ପାଇଁ ଜମିରେ ବିଷ ପ୍ରୟୋଗ କରିବା, ଖଣି ଓ କଳ କାରଖାନା ସ୍ଥାପନ ପାଇଁ ସବୁଜ ବନାନି ଓ ପାହାଡ଼ମାନଙ୍କୁ ଧ୍ୱଂସ କରିବା ଏ ସମସ୍ତ କଥା ହେଉଛି 'ଜୀବେଦୟା'ର ପରିପନ୍ଥୀ। ତେବେ ଆମେ କ'ଣ ଏସବୁକୁ ବ୍ୟବହାର ନ କରି ବଞ୍ଚିପାରିବା? ଏହାର ବିକଳ୍ପ କ'ଣ?

କଥାରେ ଅଛି, ମଣିଷର ଆବଶ୍ୟକତା ପୂର୍ଣ୍ଣ ପାଇଁ ପ୍ରକୃତି ସବୁକିଛି ଦେଇ ପାରିବ, କିନ୍ତୁ ତା'ର ଲୋଭ ଓ ଅହଙ୍କାର ପାଇଁ ଏହା ଧ୍ୱଂସ ହୋଇଯିବ। ତେଣୁ ପରିବେଶ ସନ୍ତୁଳନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସର୍ବୋପରି ଏକ ସୁସ୍ଥ ସମାଜ ପାଇଁ 'ଜୀବେଦୟା'ର ପ୍ରକୃତ ଅର୍ଥକୁ କାମରେ ଲଗାଇବାର ଅଛି। 'ଜୀବେଦୟା'ର ସଂଜ୍ଞା ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ଅଲଗା ହୋଇଥାଏ। କାହାରି ପ୍ରତି ଦୟା କରୁଥିବା ବେଳେ ସିଏ ଯେମିତି ଅନ୍ୟ କାହାର କ୍ଷତିର କାରଣ ନହେବ ସେଥିପ୍ରତି ଦୟାଳୁ ବ୍ୟକ୍ତିଜଣକ ଦୃଷ୍ଟି ଦେବାର ଅଛି। କାହା ପ୍ରତି କେତେବେଳେ ଓ କେଉଁ ଢଙ୍ଗରେ ଦୟା କରାଯିବା ଉଚିତ୍ ତାହା ବିଚାର୍ଯ୍ୟ। ନହେଲେ ଜଣଙ୍କ ପ୍ରତି 'ଜୀବେଦୟା' ଅନ୍ୟପ୍ରତି ଜୀବହିଂସାର ସଂଜ୍ଞା ଭାବେ ରୂପାନ୍ତରିତ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇପାରେ।

ଅର୍ଣ୍ଣପାଳ(ଭଦ୍ରକ)
ମୋ: ୯୭୭୮୭୬୪୩୯୪

# ନାରୀର ଲୁହ ଓ ପୁରୁଷର ମନ

## ବିଜ୍ଞାନ ବାର୍ତ୍ତା

**ଶ୍ରୀନନ**

ଲୁହକଥା ଚିନ୍ତା କଲେ ପ୍ରଥମେ ମନକୁ ଆସେ ସୁପ୍ରସିଦ୍ଧ ହିନ୍ଦୀ କବି ଜୟଶଙ୍କର ପ୍ରସାଦଙ୍କ 'ଆଁଶୁ' କବିତାର ଫକ୍ତିଟିଏ। ଏହାର ଓଡ଼ିଆ ଅନୁବାଦ ହେଲା - 'ଯାହାଥିଲା ଘନୀଭୂତ ପୀଡ଼ା, ସ୍ମୃତି ରୂପେ ଏ ମୋର ମାନସେ, ଏ ଦୁର୍ଦ୍ଦିନେ ଅଶ୍ରୁରୂପେ ସେ ଆଜି ବରଷେ।' ଅବଶ୍ୟ ତାଙ୍କ କଥା ଅନେକାଂଶରେ ସତ୍ୟ। କାରଣ, କେବେ କେମିତି ଆମେ ଆନନ୍ଦାଶ୍ରୁ ବୁହାଇଲେ ମଧ୍ୟ ଅଧିକାଂଶ ସମୟରେ ଦୁଃଖରେ ହିଁ ଅଶ୍ରୁପାତ କରିଥାଉ। ଏ ଉଭୟପ୍ରକାର ଭାବପ୍ରବଣତା ଜନିତ ଲୁହର ରାସାୟନିକ ସଂରଚନା ଭିନ୍ନ ଭିନ୍ନ। ଏହାବ୍ୟତୀତ ଆଖିରେ ଯନ୍ତ୍ରଣା ହେଲେ ମଧ୍ୟ ଲୁହ ଝରିଥାଏ, ଯାହାକି ଭିନ୍ନ ଧରଣର।

ଏହି ସବୁଗୁଡ଼ିକ ମଧ୍ୟରେ ଦୁଃଖରେ କାନ୍ଦିବାର ଲୁହ ଅଧିକ ଶକ୍ତିଶାଳୀ। ଏଥିସହିତ ଶରୀରରୁ ନିଷ୍କାସିତ ହୋଇଯାଏ ଆମ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ। ଫଳରେ ମନ ହାଲୁକା ହୋଇଯାଏ। ପୁନଶ୍ଚ ନାରୀ ଓ ପୁରୁଷଙ୍କ ଲୁହର ରାସାୟନିକ ସଂରଚନାରେ ମଧ୍ୟ ପ୍ରଭେଦତା ରହିଛି। ତେବେ ତନ୍ମଧ୍ୟରୁ ନାରୀର ଲୁହ ଅଧିକ ପ୍ରଭାବଶାଳୀ। ଏଥିରେ ଥିବା କିଛି ରସାୟନ ଆଘ୍ରାଣ କଲେ ପୁରୁଷର ଆକ୍ରମଣାତ୍ମକ ସ୍ୱଭାବ ପ୍ରଶମିତ ହୁଏ ବୋଲି ଜଣାପଡ଼ିଛି। ଏହା ଅନୁଯାୟୀ ପ୍ରତ୍ୟେକ ଲୋକର କ୍ରନ୍ଦନ ଜନିତ ଲୁହ ତା' ସଂସ୍ପର୍ଶରେ ଆସୁଥିବା ଅନ୍ୟ ପ୍ରତି ଏକ ରାସାୟନିକ ସଂକେତ ବହନ କରିଥାଏ। ତେବେ ପୁରୁଷ ଉପରେ ନାରୀ ଲୁହର ପ୍ରଭାବ ସର୍ବାଧିକ ବୋଲି କିଛିବର୍ଷ ତଳେ ଗବେଷଣା ପତ୍ରିକା 'ସାଇନସ୍'ରେ ସୂଚୀତ କରିଥିଲେ ଇସ୍ରାଏଲର ୱିଜ୍‌ମ୍ୟାନ୍ ଇନଷ୍ଟିଚ୍ୟୁଟ୍ ସ୍ନାୟୁବିଜ୍ଞାନୀ ନୋଆମ ସୋବେଲ୍। ତାଙ୍କ ସହଯୋଗୀମାନେ ସେମାନଙ୍କ ଅଧ୍ୟୟନ ଅନୁସାରେ ଏହା ପୁରୁଷଠାରେ ଅକ୍ରମଣାତ୍ମକ ମନୋଭବ ଏବଂ ଯୌନ ପ୍ରବଣତାକୁ ବହୁମାତ୍ରାରେ ପ୍ରଶମିତ କରି ତା' ମନରେ ସକାରାତ୍ମକ ଚିନ୍ତାଧାରାର ଉଦ୍ରେକ ଘଟାଏ। ସେମାନେ ତାଙ୍କ ଅଧ୍ୟୟନରେ ନେଇଥିବା ଦୁଇଦଳ ପୁରୁଷମାନଙ୍କ ମଧ୍ୟରୁ ଗୋଟିକୁ ନାରୀମାନଙ୍କଠାରୁ ସଂଗୃହୀତ ଲୁହ ଏବଂ ଅନ୍ୟଟିକୁ ସାଧାରଣ ଲୁଣ ପାଣି ଆଘ୍ରାଣ କରିବାକୁ ଦେଇ ସେମାନଙ୍କ ଭାବପ୍ରବଣତାରେ ଅସୁଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରିଥିଲେ।

ଅବଶ୍ୟ ଆଜି ପର୍ଯ୍ୟନ୍ତ ଏ ଅଧ୍ୟୟନ କରାଯାଇଛି ସୀମିତ ରୂପେ। ତେବେ ତହିଁରେ ବ୍ୟବହୃତ ହୋଇଛି ବହୁ ଉନ୍ନତ ପ୍ରଯୁକ୍ତିବିଦ୍ୟା। ଫଳରେ ଏ ସମୟରେ ପୁରୁଷର ଶରୀରରେ ଫୁହରମୋନ 'ଟେଷ୍ଟୋଷ୍ଟେରନ'ର ମାତ୍ର ହ୍ରାସ ହେବାର ଜଣାପଡ଼ିଛି। ପୁନଶ୍ଚ ତା' ମସ୍ତିଷ୍କରେ ସାମୟିକ ଗାଠନିକ ପରିବର୍ତ୍ତନ ଏବଂ ତା'ଠାରେ ଯୌନ ପ୍ରବଣତା ହ୍ରାସ ହେବାର ମଧ୍ୟ ଦେଖାଯାଇଛି। ସୋବେଲ୍‌ଙ୍କ ମତରେ ନାରୀ ଲୁହ ଏପରି ରାସାୟନିକ ସଂକେତ ଦିଏ, ଯାହାକୁ ଏକ ଭାଷା ବୋଲି ମନେ କରାଯାଇପାରିବ। ପୁରୁଷର ମସ୍ତିଷ୍କ ତାହା ବୁଝିପାରେ ଏବଂ ତା'କୁ ଆକ୍ରମଣାତ୍ମକ କିମ୍ବା ଯୌନପ୍ରବଣ ହେବାରୁ ନିବୃତ୍ତ କରେ। ଅବଶ୍ୟ ଏହି ପ୍ରତିକ୍ରିୟାଗୁଡ଼ିକ ନିର୍ଦ୍ଦିଷ୍ଟ ରୂପେ ବୁଝିବାକୁ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା ବୋଲି ତାଙ୍କର ମତ।

ପୁନଶ୍ଚ ସୋଗଲେ କହନ୍ତି ଯେ ଲୁହର ଏପ୍ରକାର ରାସାୟନିକ ସଂକେତ ପ୍ରଦାନକାରୀ ପ୍ରକ୍ରିୟା କେବଳ ମଣିଷ ମଧ୍ୟରେ ସୀମିତ କି ଅନ୍ୟ ଜୀବମାନଙ୍କ ପ୍ରତି ପ୍ରଯୁଜ୍ୟ ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ। ତେବେ ମୂଷାଠାରେ ହୋଇଥିବା ଏକ ପରୀକ୍ଷାରୁ ଏଭଳି ସମ୍ଭାବନା ଥିବାର ମନେ ହେଉଛି। ଏଥିରେ ମାଇମୂଷାମାନଙ୍କଠାରୁ ସଂଗୃହୀତ ଲୁହକୁ ଅଣ୍ଡିରା ମୂଷାମାନଙ୍କ ମୁହଁରେ ବୋଳି ଦଆଯାଇଥିଲା। ତାହା ତାଙ୍କ ଉଦ୍ଦାମତା ଓ ଯୌନପ୍ରବଣତାକୁ ହ୍ରାସ କରିବାର ଦେଖାଯାଇଥିଲା। ସେମାନେ ଶାନ୍ତ ଆଚରଣ ଦେଖାଇଥିଲେ। ଅତଏବ ଏଥିରୁ ମନେହୁଏ ଯେ ଏପ୍ରିକ୍ରିୟା ହୁଏତ ଜୀବଜଗତର ଅନ୍ୟକେତକ ପ୍ରାଣୀମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA
ମଙ୍ଗଳବାର ୧୩ ଜାନୁଆରୀ, ୨୦୨୬



## ପ୍ରଦୂଷଣ ପ୍ରମାଣପତ୍ର ନାମରେ ଲୁଟ୍‌ର ପ୍ରତିବାଦ

# ଗର୍ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ବାରିପଦା, ୧୨।୧(ସମିସ): ପ୍ରଦୂଷଣ ପ୍ରମାଣପତ୍ର ନାମରେ ବିଜେପି ସରକାର ସାଧାରଣ ଲୋକଙ୍କୁ ଲୁଟୁଛି। ଏପରି ଅଭିଯୋଗ କରି ସୋମବାର ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜନ କରିଛନ୍ତି। ସରକାରଙ୍କ ଏହି

### ଜିଲ୍ଲାପାଳଙ୍କ ଅଫିସ୍ ଘେରଉ

ଜନବିରୋଧୀ ନୀତି ବିରୋଧରେ ଏକ ବିଶାଳ ପ୍ରତିବାଦ ସଭା କରାଯାଇଥିଲା। ଯୁବ ଓ ଛାତ୍ର ନେତାମାନେ ରାଜ୍ୟ ସରକାରଙ୍କ ଅନ୍ଧନୀତିକୁ କଟୁ ଆଲୋଚନା କରିଥିଲେ।

ମୟୂରଭଞ୍ଜ ଯୁବ ସଭାପତି ଅରୁଣ ବରାଡ଼ ଓ ଛାତ୍ର ସଭାପତି ସୁନୀଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ବିଜୁ ଛାତ୍ର ସଭାପତି ଇପସିତା ସାହୁ, ମୟୂରଭଞ୍ଜ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଥିଲେ। ସେମାନେ କହିଥିଲେ ଯେ ସରକାରଙ୍କ ଏହି ଅନ୍ଧନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ରାଜ୍ୟବାସୀ ଦହଗଞ୍ଜ ହେଉଛନ୍ତି। ପରେ ଦଳ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ




ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ଶ୍ରୀନାଥ ସୋରେନ୍, ରାଇସେନ୍ ମୁର୍ମୁ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଧୀରେନ ନାୟକ, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ଉପନଗର ପାଲ ସୀମା ଦାସ, ପ୍ରଭାତ ନାୟକ, ପ୍ରଭାତ ମହାନ୍ତି, ସୁଧନ୍ୟା ନାୟକ, ସୁନ୍ଦର ସିଂ, ନରେନ୍ଦ୍ର ହାଁସଦା, ସୁବୋଧ ମାର୍ଣ୍ଡି, ଅବଦୁଲ ହବିବ, ଆଭାସ ଦେ, ରାଜୀବ ଜେନା, ରଜନୀକାନ୍ତ ମହାନ୍ତ, ହରେକୃଷ୍ଣ ଦାସ, ଦେବଜିତ ପଟ୍ଟନାୟକ, ବିକାଶ ମହାନ୍ତ, ଶିବଶଙ୍କର ପାତ୍ର, ଆଶୀର୍ବାଦ ଦାସ, କାମିନୀକାନ୍ତ ପରିଡା, ସେକ୍ ହାକିମ, ଧାନି କିସ୍କୁ, ମଝିଆ ଟୁଡୁ, ନିରଜ୍ ଦାସ, ସରୋଜ୍ ବୋସ, ଅନନ୍ତ ଦାସ, ଦେବାଶିଷ ପାତ୍ର, ସୁଜିତ ମହାନ୍ତି, ସୁଧୀର ବାରିକ, କୁମାର ମୁଖି, ପ୍ରଭାତୀ ପୃଷ୍ଟି, ଅମର ସେଠୀ, ସୁକେଶିନୀ ସେଠୀ, ରାଜ ଗୁପ୍ତା, ଅନୁରାଧା ମହାନ୍ତି, ବିଶ୍ୱଜିତ୍ ପରିଛା, ଚିତେଶ୍ୱର ବେହେରା, ମନିସଙ୍କର ବାରିକ୍, ଖେଲାରମ୍ ଟୁଡୁ, ସାଗର ସାହୁ, ଚନ୍ଦ୍ରଶେଖର ସାହୁ, ଅମ୍ବିକା ରାଉତ୍, ସେକ୍ ଅମନ୍‌ଉଲ୍ଲା, ଗୋବିନ୍ଦ ବେହେରା, ବାବୁ ସେଜପଡ଼ା, ଭବାନୀ ଧଡା, ଶୈଳେଶ ବିଶ୍ୱାଳ, ଆଶିଷ ଦାସ, ଅଭିଜିତ କଲିଆ, ଦେବବ୍ରତ ସେନାପତି, ଅମରଜିତ୍ ସେଠୀ, ସୁଶାନ୍ତ ପଷା, ଦୀପକ ମଡୁଆଳ, ଭୀଷ୍ମ ମହାନ୍ତ, ନୀହାର ରଞ୍ଜନ ମହାପାତ୍ର, ସୁମନ୍ତ ମହାନ୍ତ, ଅଶ୍ୱିନୀ ମହାନ୍ତ, ଅକ୍ଷୟ ସାହୁ, ସତ୍ୟଜିତ ଦତ୍ତ, ବାପି ମହାନ୍ତ, ଅମିତ ମହାକୁଡ, ଅମିତ ବୈଠାଙ୍କ ସମେତ ବହୁ ଯୁବ ସ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ବିବାହ ସମ୍ପର୍କିତ ନିଷ୍ପତ୍ତିରେ ସାବାଳିକା ଝିଅର ସମ୍ମତି ନିଆଯିବା ଉଚିତ

କଟକ,୧୨।୧(ସମିସ): ବାଧ୍ୟତାମୂଳକ ବିବାହକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପରିବାର ତଥା ଅଭିଭାବକଙ୍କ ପକ୍ଷରୁ ବିବାହ ଭଳି ସାମାଜିକ ବନ୍ଧନ ନେଇ କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ଜଣେ ସାବାଳିକା ଝିଅର ନିଷ୍ପତ୍ତି ହିଁ ସର୍ବୋପରି ଏବଂ ତାଙ୍କର ସମ୍ମତି ନିହାତି ଆବଶ୍ୟକ। ବିଶେଷକରି ଜବରଦସ୍ତି ବିବାହ କରାଇବା ଏକ ସୁସ୍ଥ ସମାଜ ପାଇଁ ଅନୁକୂଳ ନୁହେଁ। ପିତାମାତା ସେମାନଙ୍କ ନିଷ୍ପତ୍ତି ଯେଭଳି ଜଣେ ପ୍ରାପ୍ତବୟସ୍କା ଝିଅ ଉପରେ ନ ଲଦିବେ, ସେନେଇ ପ୍ରଶାସନ ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଝିଅ ନିଖୋଜ ଥିବା ଅଭିଯୋଗ ନେଇ ବାପାଙ୍କ ତରଫରୁ ଦାୟର ଏକ ପିଟିସନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି।

ଝିଅଜଣଙ୍କ ରହୁଥିବା ସ୍ଥାନକୁ ଯେପରି ସହଜରେ ଫେରିବେ ଏବଂ ତାଙ୍କ ଜୀବନରେ ଅଭିଭାବକ ଓ ତଥା କଥିତ ସ୍ୱାମୀଙ୍କ ଯେପରି କୌଣସି ହସ୍ତକ୍ଷେପ ନ ରହିବ, ତାହା ସୁନିଶ୍ଚିତ କରିବାକୁ ପୁଲିସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଝିଅର ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ଆବେଦନର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ କାକଟପୁର ଅଞ୍ଚଳର ଝିଅ ନିଖୋଜ ଥିବା ନେଇ ବାପା ଅଭିଯୋଗ କରିଥିଲେ। ଏହା ପରେ ନିଖୋଜ ଝିଅକୁ ଉଦ୍ଧାର ପାଇଁ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୋବାଇଲ ନମ୍ବରରୁ ଝିଅକୁ ଠାବ କରି ପୁଲିସ ଯୋଗାଯୋଗ କରିଥିଲା। ଝିଅ ନିଜ ଇଚ୍ଛାରେ ରାଜ୍ୟ ବାହାରକୁ ଯାଇ ଏକ ସଂସ୍ଥାରେ କାର୍ଯ୍ୟ କରୁଥିବା ନେଇ ପୁଲିସକୁ ଅବଗତ କରିଥିଲା। ଏହାପରେ ହାଇକୋର୍ଟ ଝିଅକୁ ବ୍ୟକ୍ତିଗତ ଭାବେ ହାଜର କରାଇବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଝିଅ ଜଣକ ହାଜର ହୋଇକହିଥିଲେ ଯେ, ତାଙ୍କ ସମ୍ମତି ବିନା ଜୋର ଜବରଦସ୍ତ ବିବାହ ଦିଆଯାଇଥିଲା। ସେ ଏବେ ପ୍ରାପ୍ତବୟସ୍କା ଏବଂ ରୋଜଗାରକ୍ଷମ ହୋଇଥିବାରୁ ସ୍ୱାମୀ କିମ୍ବା ପରିବାର ସହ ରହିବାକୁ ଚାହୁଁନାହାନ୍ତି ବୋଲି ସ୍ପଷ୍ଟ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅମୀୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଟାଙ୍ଗୀରେ ଅବକାରୀ ଚଢ଼ଉ: ୨୯ ଲକ୍ଷର ବ୍ରାଉନସୁଗର ଜବତ

କଟକ,୧୨।୧(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ନିଶା କାରବାର ସୂଚନା ପାଇ ଟାଙ୍ଗୀ ଅଞ୍ଚଳରେ ବଡ ଧରଣର ଚଢଉ କରିଛି। ସେଠାରୁ ୨ ଜଣ ପେସାଦାର ନିଶା ବେପାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ସୋଲାର ଗାଁର ପ୍ରକାଶ କୁମାର ମହାପାତ୍ର(୪୭) ଓ ପର୍ଶୁରାମ ସାହୁ(୩୪)। ଏମାନଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି।

ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ଜାତୀୟ ରାଜପଥର ଟାଙ୍ଗୀ ଛକ ନିକଟରେ ପ୍ରକାଶ ନିଶାଦ୍ରବ୍ୟ ଧରି ବସ ଅପେକ୍ଷାରେ ଛିଡା ହୋଇଥିଲା। ଏହି ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ତାକୁ ଗିରଫ କରିଥିଲା। ସହଯୋଗୀ ପର୍ଶୁରାମ ମଧ୍ୟ ନିଶାଦ୍ରବ୍ୟ ଧରି ଆସିଥିବା ସମ୍ପର୍କରେ ପ୍ରକାଶ ପାଖରୁ ସୂଚନା ମିଳିଥିଲା। ଏହାପରେ ଅବକାରୀ ଟିମ ନିକଟସ୍ଥ ଗୋବିନ୍ଦପୁର ଓଭରବ୍ରିଜ ନିକଟରେ ଚଢଉ କରିଥିଲା। ସେଠାରେ ଗ୍ରାହକ ଅପେକ୍ଷାରେ ଥିବା ପର୍ଶୁରାମକୁ ଗିରଫ କରାଯାଇଥିଲା। ଉଭୟଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କା ହେବ। ଉଭୟ ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ଯାଜପୁର ସମେତ ଟାଙ୍ଗୀ, ଛତିଆ ଅଞ୍ଚଳରେ କାରବାର କରୁଥିବା ଜଣାପଡିଛି। ଏମିତିକି ସେମାନେ ବସ ଯୋଗେ ନିଶାଦ୍ରବ୍ୟ ଧରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଜଣାପଡିଛି। ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାକାଶରେ ପିଏସ୍‌ଏଲ୍‌ଭି...

ଗତିପଥରୁ ବାହାରି ଯାଇଥିଲା। ତୃତୀୟ ପର୍ଯ୍ୟାୟରେ ତ୍ରୁଟି ଯୋଗୁଁ ଏହା ଫେଲ୍ ମାରିଥିଲା। ସୂଚନାଯୋଗ୍ୟ ଯେ ଇସ୍ରୋ ପକ୍ଷରୁ ଆଜି ସୁଦ୍ଧା ୬୪ ଥର ପିଏସ୍‌ଏଲ୍‌ଭିର ଉତ୍କ୍ଷେପଣ କରାଗଲାଣି। ଏଥିମଧ୍ୟରୁ ପିଏସ୍‌ଏଲ୍‌ଭି ୫ ଥର ବିଫଳ ହୋଇଛି। ଏହା ଇସ୍ରୋର ଖରାପ ପ୍ରଦର୍ଶନ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଭାବେ ଇସ୍ରୋର ମହାକାଶ କାର୍ଯ୍ୟକ୍ରମ ପାଇଁ ଝଟକା ବୋଲି କୁହାଯିବ। କାରଣ ପିଏସ୍‌ଏଲ୍‌ଭି ସହିତ ବ୍ରିଟେନ, ବ୍ରାଜିଲ ଓ ନେପାଳ ସମେତ ଅନେକ ଦେଶର ଉପଗ୍ରହ ପ୍ରେରଣ କରାଯାଇଥାଏ। ଆଜି ପିଏସ୍‌ଏଲ୍‌ଭି ସହିତ ହାଇଦ୍ରାବାଦ ସ୍ଥିତ ଧ୍ରୁବ ମହାକାଶ ସଂସ୍ଥାର ୭ଟି ଉପଗ୍ରହ ଖଞ୍ଜା ହୋଇଥିଲା। ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ଏହା ନୈରାଶ୍ୟଜନକ ହୋଇଛି। ପିଏସ୍‌ଏଲ୍‌ଭିକୁ ଭାରତ ସବୁଠାରୁ ନିର୍ଭରଯୋଗ୍ୟ ରକେଟ ଭାବେ ବିବେଚନା କରାଯାଏ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରେ।

### ମିଳିବନି ୮୦୦ ଟଙ୍କା...

ନାହିଁ ବୋଲି ଗୁପ୍ତ ନିଷ୍ପତ୍ତି ହୋଇଛି। ଏମଏସପି ଧାନ କୁଇଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିଲେ ମଧ୍ୟ ତାହା ଦିଆଯାଉ ନାହିଁ। କଟନିଛଟନି ଏକ ନିୟମରେ ପରିଣତ ହୋଇସାରିଛି। ତେଣୁ ସରକାର ପୂର୍ବରୁ ଯେଉଁ ଘୋଷଣା କରିଥିଲେ, ତାହାକୁ ପାଳନ କରନ୍ତୁ ବୋଲି ସେ କହିଛନ୍ତି।

### ପୁଣି ଫେରିଲା...

ଆଗାମୀ ୩ ଦିନ ପର୍ଯ୍ୟନ୍ତ ଉପକୂଳଠୁ ନେଇ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଦେଖିବାକୁ ମିଳିବ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଶୀତକୁ ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବୌଦ୍ଧ, ଅନୁଗୋଳ ଓ ଝାରସୁଗୁଡ଼ା ରହିଛି। ସେହିପରି ପରବର୍ତ୍ତୀ ୨ ଦିନ ପାଇଁ ମଧ୍ୟ ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

### ବିନା ବନ୍ଧକରେ...

ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣରେ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକବର୍ଷରେ ଏହା ୨୪.୫%କୁ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକବର୍ଷଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣଗୁଡ଼ିକ ବିନା ବନ୍ଧକରେ ଦିଆଯାଇଛି, ତେଣୁ ସେଗୁଡିକର ବର୍ଦ୍ଧିତ ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି। ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣରେ ଦେଶର ସରକାରୀ ବ୍ୟାଙ୍କଗୁଡିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଅଂଶ ୩୮% ରହିଛି। ସେହିପରି ଏଥିରେ ବିଦେଶୀ ବ୍ୟାଙ୍କଗୁଡ଼ିର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି। କୌତୂହଳର ବିଷୟ ହେଉଛି, ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ନିକଟରେ ଡିସେମ୍ବରରେ ଆର୍‌ବିଆଇ ଏହାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ୍ୟ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି। ଫିନଟେକ୍ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି। ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ୍ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍‌ପିଏ ରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି।

### ବଢ଼ିଲା ନିର୍ବାଚନମଣ୍ଡଳୀ...

ସଂଖ୍ୟା ୨୦୦ ଛୁଇଁବ ବୋଲି ଦେଇଥିବା ଟିପ୍ପଣୀ ରାଜ୍ୟରେ ରାଜନୈତିକ ମହଲକୁ ଉଷ୍ମ କରି ଦେଇଛି। ରାଜ୍ୟରୁ ଜାତୀୟ ସ୍ତର ଯାଏଁ ବିଭିନ୍ନ ଚର୍ଚ୍ଚା, ଆଲୋଚନା ପ୍ରକାଶ ପାଉଛି।

ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ରାଜ୍ୟ ବିଧାନସଭା ଅଛି, ସେଥିରେ ଅତି ବେଶିରେ ଆଉ ୩-୪ ଜଣ ବସିପାରିବେ। ନୂଆଦିଲ୍ଲୀରେ ଯେପରି ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଛି, ଠିକ୍ ସେପରି ଭାବେ ରାଜ୍ୟରେ ନୂଆ ବିଧାନସଭା ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଡିଲିମିଟେସନ ପ୍ରକ୍ରିୟାରେ ପ୍ରାୟ ୫୦ଟି ବିଧାନସଭା ଆସନ ବଢ଼ି ଏହା ୨୦୦ରେ ପହଞ୍ଚିବାର ସମ୍ଭାବନା ରହିଛି। ଆଗାମୀ ୫୦ରୁ ୧୦୦ ବର୍ଷକୁ ଆଖି ଆଗରେ ରଖି ୩୦୦ ସିଟ୍ ବିଶିଷ୍ଟ ବିଧାନସଭା ସୌଧ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ମନ୍ତବ୍ୟ ପରେ ସାଧାରଣରେ ଏନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ସମ୍ବିଧାନର ଅନୁଚ୍ଛେଦ ୮୨ (ଲୋକସଭା) ଓ ୧୭୦ (ବିଧାନସଭା) ଅନୁଯାୟୀ ପ୍ରତ୍ୟେକ ଜନଗଣନା ପରେ ସୀମା ପୁନର୍ନିର୍ଦ୍ଧାରଣ ହେବାର ବ୍ୟବସ୍ଥା ରହିଛି। ଶେଷଥର ପାଇଁ ୧୯୭୧ ଜନଗଣନାକୁ ଆଧାର କରି ଦେଶରେ ଲୋକସଭା ତଥା ବିଭିନ୍ନ ରାଜ୍ୟର ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ହୋଇଥିଲା। ୨୦୦୧ ଜନଗଣନା ଆଧାରରେ ୨୦୦୮ରେ ଲୋକସଭା ଓ ବିଧାନସଭା ଆସନ ପୁନଃସୀମା ନିର୍ଦ୍ଧାରଣ ହୋଇଥିଲା। ରାଜ୍ୟର ଲୋକସଭା ଆସନ ସଂଖ୍ୟା ବଦଳି ନଥିଲେ ମଧ୍ୟ ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା। ତେବେ ଆସନ୍ତା ୨୦୨୭ ମସିହା ମାର୍ଚ୍ଚ ମାସରେ ଦେଶବାପୀ ଜନଗଣନା କାର୍ଯ୍ୟକ୍ରମ କରାଯିବ। ଏହାପରେ ଦେଶବ୍ୟାପୀ ଡିଲିମିଟେସନ ପ୍ରକ୍ରିୟାକୁ ଆଗେଇ ନିଆଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ଉଭୟ ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ନେଇ ସଙ୍କେତ ଦେଇ ସାରିଛନ୍ତି। ଏସବୁକୁ ବିଚାରକୁ ନେଲେ ରାଜ୍ୟରେ ପ୍ରାୟ ୬ରୁ ୭ଟି ଲୋକସଭା ଆସନ ବଢ଼ିବାର ସମ୍ଭାବନା ରହିଛି।

ଅପରପକ୍ଷେ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ପୁନର୍ନିର୍ଦ୍ଧାରଣ ସମ୍ଭାବନା ସଂଖ୍ୟା କମ୍ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ୨୦୧୧ ମସିହାରେ ଜନଗଣନା ହୋଇଥିଲା। ୨୦୧୩ ମସିହା ଏପ୍ରିଲ ମାସରେ ଜନଗଣନାର ସମ୍ପୂର୍ଣ୍ଣ ତଥ୍ୟ କେନ୍ଦ୍ର ସରକାର ପ୍ରକାଶ କରିଥିଲେ। ତେଣୁ ୨୦୨୭ରେ ହେବାକୁ ଥିବା ଜନଗଣନାର ତଥ୍ୟ ସମ୍ପୂର୍ଣ୍ଣ ଭାବେ ୨୦୨୯ ମାର୍ଚ୍ଚ ବେଳକୁ ପ୍ରକାଶ ପାଇପାରେ। ଏପରିସ୍ଥଳେ ୨୦୨୯ ସାଧାରଣ ନିର୍ବାଚନ ସୀମା ପୁନର୍ନିର୍ଦ୍ଧାରଣ ଆଧାରରେ ଅନୁଷ୍ଠିତ ହେବା ସମ୍ଭବ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ଯଦି ସରକାର ଆଗୁଆ ତଥ୍ୟ ପ୍ରକାଶ କରନ୍ତି, କିମ୍ବା ଆନୁମାନିକ ଜନସଂଖ୍ୟା ଆଧାରରେ ଆଗୁଆ ସୀମା ପୁନର୍ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପନ୍ନ କରନ୍ତି, ତାହେଲେ ୨୦୨୯ ସାଧାରଣ ନିର୍ବାଚନ ଅଧିକ ଲୋକସଭା ଆସନରେ ଲଢ଼ାଯିବ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ସୀମା ପୁନର୍ନିର୍ଦ୍ଧାରଣରେ ଯଦି ଜନସଂଖ୍ୟାକୁ ମାନଦଣ୍ଡ ରୂପେ ନିଆଯାଏ ତାହେଲେ ଏଥିରେ ଓଡ଼ିଶା ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ହ୍ରାସ ଘଟିବାର ସମ୍ଭାବନା ଥିବା ନେଇ ସବୁ ରାଜ୍ୟମାନେ ଆଶଙ୍କା କରୁଛନ୍ତି। ଗତ ୨୦୨୪ ମସିହା ମାର୍ଚ୍ଚ ମାସରେ ଚେନ୍ନାଇରେ ଏନେଇ ବିଭିନ୍ନ ଦଳମାନେ ବୈଠକ କରି ଏନେଇ ଉଦବେଗ ପ୍ରକାଶ କରିଥିଲେ। ବୈଠକରେ ଏକ ଭିଡିଓ ବାର୍ତ୍ତାରେ ନବୀନ କହିଥିଲେ ଯେ କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ଜନ୍ମହାର ହ୍ରାସ ଦିଗରେ ଓଡ଼ିଶା ସଫଳତାର ସହ କାର୍ଯ୍ୟ କରିଛି। ମାତ୍ର ଜନସଂଖ୍ୟା ମାନଦଣ୍ଡ ହେଲେ ଆମେ ଉଭୟ ଲୋକସଭା ଏବଂ ବିଧାନସଭାରେ ଆସନ ହରାଇବୁ। ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଯେଉଁମାନେ ବର୍ଷ ବର୍ଷ ଧରି ନିରନ୍ତର ପ୍ରୟାସ ପରେ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିଛନ୍ତି ସେମାନଙ୍କୁ ନିରୁତ୍ସାହିତ କରାଯିବା ଉଚିତ୍ ନୁହେଁ। କେନ୍ଦ୍ର ସରକାର ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ସହିତ ଏନେଇ ବିସ୍ତୃତ ଆଲୋଚନା କରି ଦ୍ୱନ୍ଦ ଦୂର କରିବାକୁ ନବୀନ ଦାବି କରିଥିଲେ। ତେବେ ଆଜିର ସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କର ଉପରୋକ୍ତ ବକ୍ତବ୍ୟ ପୁଣିଥରେ ଡିଲିମିଟେସନ ଡିବେଟ୍‌କୁ ଖୋରାକ ଯୋଗାଇଛି।

### ପତ୍ନୀଙ୍କୁ ଦେବେ...

ରାଧା ଭେମ୍ବୁ ଏବଂ ଭାଇ ଶେଖରଙ୍କୁ ଦେଇଛନ୍ତି। ରାଧା ବର୍ତ୍ତମାନ କମ୍ପାନୀର ପ୍ରାୟ ୪୭.୮% ଅଂଶଧନ ରଖିଥିବାବଳେ, ଭେମ୍ବୁ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶେଖରଙ୍କ ପାଖରେ ୩୫.୨% ଅଂଶଧନ ରହିଛି। ଭେମ୍ବୁଙ୍କ ନିକଟରେ କେବଳ ୫% ଅଂଶଧନ ରହିଛି, ଯାହାର ମୂଲ୍ୟ ୨୨୫ ନିୟୁତ ଆମେରିକୀୟ ଡଲାର। ଶ୍ରୀଧର ଭେମ୍ବୁ ତାଙ୍କ ପତ୍ନୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରିଛନ୍ତି, ଏହାକୁ ସେ ଏକ ମନଗଢ଼ା କାହାଣୀ ବୋଲି କହିଛନ୍ତି। ଭେମ୍ବୁ ୨୦୨୧ ଅଗଷ୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Laxmipur, no. 01, dated 02.01.2026, I, TILAI MINYAKA, W/o - Lala Minyaka, D/o - Lambudhar Mandiga, currently residing At - Bandikar, PO - Burja, PS - Laxmipur, Dist-Koraput, Pin - 765013, declare that SANJI MANDIGA, and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**AFFIDAVIT**

I, Khushbu Sharma, W/o- Aniket resident of Gourpada, Ward No.11, Bargarh, Po./Ps./ Dist.- Bargarh state by this affidavit no. 1355 dtd.11.12. 2025 that, my minor daughter's actual name is Dhwani Sharma and Date of Birth is 25.11.2024 but in her Aadhar card her name has been wrongly mentioned as Pankhudi Sharma. That, **Dhwani Sharma** and **Pankhudi Sharma**, D/o- Khushbu Sharma (mother) & Aniket (father) is same and one person.

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ବାରିପଦା ଅନୁବିଭାଗୀୟ ଗୃହନିର୍ମାଣ ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୬.୦୨.୨୦୨୬ରିଖ ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ସମିତିର ବାଘଡା ରୋଡ ସ୍ଥିତ କାର୍ଯ୍ୟାଳୟ ଠା ରେ ଅନୁଷ୍ଠିତ ହେବ । ତେଣୁ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ଉକ୍ତ ବାର୍ଷିକ ସାଧାରଣ ସଭା ରେ ଯୋଗ ଦେବା ପାଇଁ ଅନୁରୋଧ ।

ସ୍ୱା/- ସଭାପତି

**OFFICE OF THE HEAD MASTER KGBV, GUDIALI, GANJAM**

Letter No. 01/2026 DT: 10.01.2026

**KASTURBA GANDHI BALIKA VIDYALAYA, GUDIALI, BLOCK-KABISURYANAGAR, PIN-761104**

**TENDER CALL NOTICE**

Sealed Tenders are invited from the registered/reputed firms and manufacturers for supply of the following items like Grocery, Cosmetics & Toilet items, Office and student's stationeries, Dress materials, sleeper, sport shoes & school Bag, to the Kasturba Gandhi Balika Vidyalaya, GUDIALI, KAFISURYANAGAR Block, District-GANJAM for the Year-2025-26 interested parties/firms can purchase The Tender form from the Office of the KGBV, GUDIALI, KABISURYANAGAR BLOCK w.e.f. 13/01/2026 to 19/01/2026 in working days from 10:00 am to 04:00 p.m. on payment of 500/-(Five hundred Rupees only) non refundable in cash or Bank draft payable in the Bank State Bank of India, Kabisuryanagar, GANJAM. The tenders completed in all respect along with requisite documents and Earnest Money(Refundable) in shape of Bank Draft in favour of the HM KGBV GUDIALI payable at State Bank of India KABISUYANAGAR, IFSC-SBIN0002073. The tender forms along with other particulars, the list of items and details instructions can also be downloaded from the dist website **www.ganjam.nic.in.** Tender form should be submitted without EMD will be summarily rejected. Last date of receipt of Tender form is upto 04:00 PM dated 20/01/2026. The KGBV Level Purchase committee meeting will be held on 21/01/2026 at 11.00 AM. in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.

**For more details please contact H.M. PH No- 9861380494**

*SD/-HEAD MISTRESS, KGBV, GUDIALI*

Office of the
**Jaleswar Municipality, Jaleswar** C-2066
Dist.: Balasore, Odisha – 756032Ph.: (06781) 222407
Email: jaleswarmunicipality@gmail.com

No. 144 Date 12.01.26

**SHORT QUOTATION CALL NOTICE**

Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of: 1) 3.3 KW capacity Elec. Vehicle Charging Station. 2) 4.4 KW Panel Capacity Solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage. 3) Electric Semi High Mast Light equipment (as per specification mentioned – list & Terms & Condition can be seen at Office). Available documents from 13.01.2026 to 21.01.2026 up to 01.00 PM (in Office hours). The quotation should reach to the undersigned on or before 22.01.2026 at 03.00 PM through speed post / Registered Post / courier / by hand. The Quotation will be opened on 22.01.2026 at 04.00 PM in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

OIPR- **Executive Officer**
**Jaleswar Municipality**

C-2057

**BHUBANESWAR MUNICIPAL CORPORATION**

Auction Sale Notice for Parking lots in BMC Area for Khandagiri Mela-2026

No.: 149/BMC Date: 07/01/2026 File No.: 13/26

Sealed Quotations are invited from the intending parties for **Auction of Parking Lots for 14 days** and they are requested to drop it in Tender Box ONLY addressed to the Zonal Commissioner (South West), BMC Bhubaneswar. The Quotations should be submitted in the prescribed format and should be filled up properly. The intending parties may participate for one or more parking lots, but the applications/Quotations will be considered individually for each parking lot. The intending parties must submit the quotation separately for each parking lot. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and **BMC Website – http://bmc.gov.in.**

The envelope, containing the tender paper, should be superscribed with **"Auction for Individual Parking Lot (Name and Location) in BMC area".**

The important dates & information are as follows:–

1. Availability of Tender Paper: Downloadable from BMC Website: http://bmc.gov.in / Sale of Tender Paper at ZC (SW) Office from **09.01.2026 to 19.01.2026 (up to 11.00 AM)**
2. Last date for sale of Tender Paper at BMC South-West Zone Office: **19.01.2026 (Up to 11.00 AM)**
3. Last date for submission of Tender Paper: **19.01.2026 up to 3.00 P.M.**
4. Earnest Money Deposit (EMD): **10% of Offset Price**
5. Tender Cost (Non-refundable): **Rs. 500/-** (Rupee Five hundred only)
6. Opening of tender papers: **19.01.2026 at 4.00 PM**

OIPR- **Zonal Commissioner (South West)**
**Bhubaneswar Municipal Corporation**

O-2020 E-Mail:rw.kamakhyanagar@yahoo.co.in

**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**

e-procurement Notice No 23 / Road Work / 2025-26.

| | | |
|---|---|---|
| 1. | Name of the work | : Road Work |
| 2. | Total No. of Works | : 7 (Two) Nos |
| 3. | Tender Cost | : Rs.5.08 to 42.37 lakhs |
| 4. | Class Contractor | : D, C & B equivalent |
| 5. | Period of Completion | : 2 calendar months |
| 6. | Availability of Tender online for bidding | : 12.01.2026. at 11.00 A.M to 19.01.2026 up to 5.00 P.M |
| 7. | Last Date & Time of seeking tender clarification | : 17.01.2026 up to 5.00 PM |
| 8. | Date & Time of opening of Bid | : 20.01.2026 at 11.00 AM |

Other Details can be seen from the website http://tendersorissa.gov.in.

OIPR- **Superintending Engineer**
**Rural Works Division-II, Dkl**
**Kamakhyanagar**

**AFFIDAVIT**

I, **Sherien Shaike,** S/o: Mastan Shaik, Resident At: Niladri Vihar, 1st Line, Berhampur, PIN-760001, PS:Town Thana, Dist: Ganjam, Odisha, Declare by this Affidavit No-715, dt 09.01.2026. That now on wards I shall be known as **SHERIEN SHAIK** for all features purposes

**AFFIDAVIT**

I, **Umesha Chandra Tripathy,** S/o: Pitabas Tripathy, Resident At: Ramakrishnapur, Seragada, Kachakhandi, PIN-761106, PS:Seragada, Dist: Ganjam, Odisha Declare by this Affidavit No: 710, dt 09.01.2026. That now on wards I shall be known as **UMESH CHANDRA TRIPATHY** for all features purposes

**AFFIDAVIT**

By virtue of an affidavit no.3046 before the Executive Magistrate, Sukinda, Jajpur, dtd.06.12.2025 I, Arjuna Barik, Vill- Baragadia, PO- Baragadia, PS- Kalinganagar, Dist.- Jajpur-755026 do hereby declare that I have changed my minor daughter's name from Jyotirmayee Barik, D/o- Arjun Barik to Jyotirmayee Barik, D/o- Arjuna Barik. Henceforth, she shall be known as **Jyotirmayee Barik** for all purposes.

**Sd/- Arjuna Barik**

**AFFIDAVIT**

By virtue of an affidavit sworn before Executive Magistrate Patnagarh, Affidavit no. 660 on Dated 31.12.2025, I GHASHIRAM BHUE, S/O LATE BHUE, AT : BAGHAPALI, TAMIAN,PS :LARAMBHA, DIST : BALANGIR,ODISHA declare that I have changed my name from GHASI BHUE to GHASHIRAM BHUE. so henceforth I shall be known as GHASHIRAM BHUE for all purposes.

**AFFIDAVIT**

By virtue of an affidavit no.3243 before the Executive Magistrate, Phulbani, dtd.11.12.2025 I, Gopali Malik, At: Pidiaguda, PO: Dimiriguda, PS: Phiringia, District: Kandhamal-762011 hereby declare that I have changed my name from Sundurupi Mallik to Gopali Malik . Henceforth, I shall be known as **Gopali Malik** for all purposes.

**Sd/- Gopali Malik**

**AFFIDAVIT**

By virtue of an affidavit sworn before the Executive Magistrate Padampur District Bargarh dated 10th December 2025, CF No.- 01, I Saudamini Sahu wife of Abadhut Sahu, resident of village- Dunguripali, Po.- Loudidarha, Ps.- Jagdalpur, Block- Jharbandh, Dist.- Bargarh, Pin-768042 hereby declares that for and on behalf of my minor doughter Payal Sahu. I have changed my minor doughter's name from **Pays Sahu** to **Payal Sahu.** Hence she will be known as Payal Sahu for all future purposes.

**AFFIDAVIT**

By virtue of an affidavit (CF No. 01, dtd- 12/01/2026) sworn before the Executive Magistrate, Padampur. I, Padmalochan Meher, S/o- Laba Meher, permanent & current resident of AT- Jhankarpali, PO- Khaliapali, PS- Padampur, Dist- Bargarh, PIN- 768036, Odisha declare that I have changed my minor daughter's name from **Saloni Meher to Shibani Meher.** Henceforth, she shall be known as **Shibani Meher** (new name) for all purposes.

**Padmalochan Meher**

**IN THE COURT OF THE ADDITIONAL DISTRICT JUDGE, KORAPUT**
**RFA Case No. 05 of 2016**

IN THE MATTER OF:
Rajesh Ku. Kher & Ors. ......... Appellants
Versus
Smt. P. Jyoti Rao & Ors. .... Respondents

It is brought to the notice of the respondents namely, (1) Smt. P. Jyoti Rao, Aged about 69 years, Wife of late P. Sankar Rao Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh); (2) P. Surya Prakash Rao @ China Rao, Aged about 56 years, son of late P. Ramaswamy, Resident of Bus stand, Jeypore, PS: Jeypore Town, District: Koraput (Odisha), (3) Shri P. Vivek Naidu, Aged about 36 years, Son of late P. Shankar Rao, Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh) that the appellant has preferred an appeal against the order/judgement dtd. 21.03.2014 passed by the Civil Judge (Sr. Div), Koraput in Civil Suit Case No. 07/2013 before this court and the said appeal stands posted to 06.02.2026 for hearing.

The respondents are hereby directed to appear in person or through an advocate duly instructed on the date fixed failing which the appeal will be heard in their absence.

Dated Koraput, this the 9th Day of December 2025

**Addl. District Judge, Koraput**

### ପ୍ରତିକୂଳ ବ୍ୟବସ୍ଥା ମଧ୍ୟରେ ଚାଲିଛି କରଞ୍ଜିଆ ଅଗ୍ନିଶମ କାର୍ଯ୍ୟାଳୟ

# ଅତ୍ୟାଧୁନିକ ମେସିନ ଓ କର୍ମଚାରୀ ନିଯୁକ୍ତି ଦାବି

କରଞ୍ଜିଆ, ୧୨।୧(ସମିସ): ପାଞ୍ଚପୀର ଉପଖଣ୍ଡର ସଦର ମହକୁମା କରଞ୍ଜିଆରେ ବିଗତ ୪ ୫ବର୍ଷ ଆଗରୁ ଅଗ୍ନିଶମ ବିଭାଗ ଖୋଲିଥିଲା। ସେବେଠାରୁ ଏହି ଅଗ୍ନିଶମ କାର୍ଯ୍ୟାଳୟ କରଞ୍ଜିଆ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଲୋକଙ୍କୁ ସେବା ଯୋଗାଇ ଆସୁଛି। କରଞ୍ଜିଆଗଡ଼ ସାହିରେ କାର୍ଯ୍ୟାଳୟର କିଛି କର୍ମଚାରୀ ଙ୍କ ଲାଗି ବାସଗୃହ ଥିଲେ ମଧ୍ୟ ସମସ୍ତ କର୍ମଚାରୀଙ୍କ ଆବଶ୍ୟକ ଗୃହ ନାହିଁ। ଏବେ ଅନେକ ପ୍ରତିକୂଳ ବ୍ୟବସ୍ଥା ମଧ୍ୟରେ ଏହି କାର୍ଯ୍ୟାଳୟ ଚାଲୁଛି। ବର୍ତ୍ତମାନ କରଞ୍ଜିଆ ସହର ମ୍ୟୁନିସିପାଲଟି ମାନ୍ୟତା ପାଇଛି। ଏହାର ଜନସଂଖ୍ୟା ବୃଦ୍ଧି ହୋଇଥିବାବେଳେ ଏହାର ଭୌଗୋଳିକ ଆକାର ବଢ଼ିଛି। ପୂର୍ବ ଅପେକ୍ଷା ଘର ବଢ଼ିଚାଲିଛି। ଏଣୁ ଲୋକଙ୍କୁ ସେବା ଦେବା ଲାଗି ଯେଉଁ ଅଭାବ ରହିଛି ତାକୁ ତୁରନ୍ତ ପୂରଣ କରିବା ପାଇଁ ପାଞ୍ଚପୀର ପ୍ରେସ୍ କ୍ଲବ୍ ଦାବି କରିଛି।



କରଞ୍ଜିଆ ସହରର ଆୟତନ ବୃଦ୍ଧି ପାଇଥିବାରୁ ପାଣିର ଉତ୍ସ ନାହିଁ। ଏଣୁ ସହରରେ ବିଭିନ୍ନ ଦିଗରେ ପାଣି ଗଚ୍ଛିତ ରଖିବା ପାଇଁ ବଡ଼ ବଡ଼ ଜଳାଶୟ (ରିଜର୍ଭର) ନିର୍ମାଣ କରିବା ଜରୁରୀ ହୋଇପଡ଼ିଛି। ବର୍ତ୍ତମାନ ଅଗ୍ନିଶମ ବିଭାଗର ଗୋଟିଏ ଛୋଟ ଟ୍ୟାଙ୍କର ରହିଛି। ଏହାର କ୍ଷମତା ମାତ୍ର ତିନି ହଜାର ଲିଟର। ଏହା ବଡ଼ ବଡ଼ ଅଗ୍ନିକାଣ୍ଡକୁ ତୁରନ୍ତ ଆୟତ୍ତ କରିବା ସମ୍ଭବପର ହେଉନାହିଁ। ଏଣୁ ସହରକୁ ସୁରକ୍ଷିତ ରଖିବାକୁ ଗୋଟିଏ ୧୫ ହଜାର ଲିଟର କ୍ଷମତା ବିଶିଷ୍ଟ ଟ୍ୟାଙ୍କର ଗାଡ଼ି ଯୋଗାଇବାକୁ ପ୍ରେସ କ୍ଲବ୍ ଦାବି କରିଛି। ଗ୍ୟାସରୁ ବର୍ତ୍ତିବା ପାଇଁ ବଡ଼ ସିଲିଣ୍ଡର ସହିତ ଏକ କମ୍ପ୍ରେସର ମେସିନର ଆବଶ୍ୟକତା ରହିଛି। ଏଠାରେ ୩ଟି ଦମକଳ ମଟର ଗାଡି ରହିଛି। ଏଥିପାଇଁ ଅତ୍ୟନ୍ତ ଆଉ ଦୁଇଜଣ ଚାଳକଙ୍କ ଦରକାର ହେଉଛି। ଏହାବ୍ୟତୀତ ଅଫିସର ଭାବେ ଜଣେ ଏଏସଆଇ ଓ ଆଉ ଜଣେ ହାବିଲଦାରଙ୍କ ଆବଶ୍ୟକତା ରହିଛି। ବାତ୍ୟା ସମୟରେ ରାସ୍ତା ଉପରେ ବିରାଟ ଗଛ ପଡ଼ିଯାଇଥାଏ, ନଚେତ ଘର ଉପରେ ଗଛ ପଡ଼ିବା ଦେଖାଦେଇଥାଏ। ଗଛ କାଟିବା ପାଇଁ ବଡ଼ କରତ ମେସିନର ଆବଶ୍ୟକତା ରହିଛି। ଫାୟାର ବୁଲେଟ ମେସିନ ଏହି କାର୍ଯ୍ୟାଳୟ ପାଇଁ ନିହାତି ଜରୁରୀ। ପୁଲିସ ଭଳି ସାନ୍ଧ୍ୟକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ଲୋକମାନେ ସଚେତନ ହେବା ସହିତ ତତକ୍ଷଣାତ ଦୁର୍ଘଟଣାକୁ ରୋକାଯାଇପାରିବ। ଏଥିସହିତ କରଞ୍ଜିଆ ଥାନା ଅଞ୍ଚଳ ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳ। ଏଠାରେ ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ଏଥିପାଇଁ ସ୍ୱତନ୍ତ୍ର ଦୁର୍ଘଟଣା ଆମ୍ବୁଲାନ୍ସ ଯୋଗାଇବାକୁ ଦାବି ହେଉଛି। ଅଗ୍ନିକାଣ୍ଡ ସମୟରେ ଧୂଆଁ ଓ ବାୟୁ ନିଷ୍କାସନ ବ୍ୟବସ୍ଥା କରାଗଲେ କର୍ମଚାରୀ ନିରାପଦରେ କାର୍ଯ୍ୟ କରିପାରିବେ। ଅନେକ ସମୟରେ ନଦୀ, ପୋଖରୀ ଭଳି ବଡ଼ ବଡ଼ ଜଳାଶୟରେ ଦୁର୍ଘଟଣା ଘଟେ। ବର୍ତ୍ତମାନ କରଞ୍ଜିଆ ନିକଟରେ ଦେଓ ଡ୍ୟାମ ରହିଛି। ଏଥିପାଇଁ ସଜାଗ ରହିବା ଓ ଉଦ୍ଧାର କାର୍ଯ୍ୟ ପାଇଁ ଗୋଟିଏ ସେଟ ୱାଟର କ୍ୟାମେରା ଦରକାର ହେଉଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ମଟର ଗାଡ଼ି ଉଠାଇବା ପାଇଁ କ୍ରେନର ଆବଶ୍ୟକତା ରହିଛି। ଏସବୁ ବିଷୟ ପ୍ରତି ସରକାର ଦୃଷ୍ଟି ଦେଇ ସମସ୍ୟାକୁ ସମାଧାନ କରିବାକୁ ପାଞ୍ଚପୀର ପ୍ରେସ କ୍ଲବ୍ ଦାବି କରିଛି।

## ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖା ବୈଠକ



ବାରିପଦା, ୧୨।୧(ସମିସ): ରାଜ୍ୟ ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାଯ୍ୟକରିଣୀ ବୈଠକ ମହାସଭାର ଯୁଗ୍ମ ସମ୍ପାଦକ ନରୋତ୍ତମ ପାଣିଗ୍ରାହୀଙ୍କ ବାସଗୃହରେ ସ୍ଥାୟୀ ସଭାପତି ଡାକ୍ତର ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ସ୍ୱାଗତ ଭାଷଣ ଦେଇ ମହାସଭାର ସମସ୍ତ ସଭ୍ୟଙ୍କୁ ଇଂରାଜୀ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସଂଗଠନକୁ ମଜଭୁତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସାଧାରଣ ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା ମହାସଭାର ଅତୀତର କାର୍ଯ୍ୟକ୍ରମର ବିବରଣୀ ଦେବା ସହିତ ଆଗାମୀ ବାର୍ଷିକ ଉତ୍ସବ ଫେବୃଆରୀ ମାସରେ କରିବାକୁ ପ୍ରସ୍ତାବ ଦେଇଥିଲେ। ତାହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ମହାସଭାର ମୁଖପତ୍ର ବ୍ରହ୍ମସନ୍ଦେଶ ପାଇଁ ଆଗାମୀ ୧୫ ତାରିଖ ସୁଦ୍ଧା ସମସ୍ତ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇବା ପାଇଁ ସମ୍ପାଦକ ନିବେଦନ କରିଥିଲେ। ବୈଠକରେ ସଭ୍ୟ ନୃସିଂହ ପଣ୍ଡା, ଅଶ୍ୱିନୀ ପଣ୍ଡା, ଦଳଗୋବିନ୍ଦ ଦାଶ, ହୃଦାନନ୍ଦ ଆଚାର୍ଯ୍ୟ, ନରୋତ୍ତମ ପାଣିଗ୍ରାହୀ ପ୍ରମୁଖ ନିଜସ୍ୱ ମତ ପ୍ରଦାନ କରିଥିଲେ। ଏହି ବୈଠକରେ ପୂର୍ବରୁ କୋଷାଧକ୍ଷ ଥିବା ଅଚ୍ୟୁତ ପ୍ରସାଦ ମହାପାତ୍ର ନିଜର ଶାରୀରିକ ଅକ୍ଷମତା ଦର୍ଶାଇ ପଦରୁ ଅବ୍ୟାହତି ପାଇଁ କରିଥିବା ନିବେଦନକୁ ଗ୍ରହଣ କରି ନୂତନ ଭାବେ ସୁରେଶ ପାଣିଗ୍ରାହୀଙ୍କୁ କୋଷାଧକ୍ଷ ପଦ ସର୍ବସମ୍ମତି କ୍ରମେ ପ୍ରଦାନ କରାଗଲା। ଅନ୍ୟମାନଙ୍କ ମଧ୍ୟରେ ଶଶୀଭୂଷଣ ମିଶ୍ର, ଆଶୁତୋଷ ଆଚାର୍ଯ୍ୟ, ଭଗବତୀ ଦାଶ, ପ୍ରହ୍ଲାଦ ନନ୍ଦ, ଡା. ଦୀପଙ୍କର ମିଶ୍ର, ଦେବବ୍ରତ ପ୍ରହରାଜ, ସିଦ୍ଧେଶ୍ୱର ଶତପଥୀ, ରତ୍ନାକର ତ୍ରିପାଠୀ, ସଚିନ କର, ରବୀନ୍ଦ୍ର ନାରାୟଣ ରଥ, ସାନ୍ଧ୍ୟରାଣୀ ପଣ୍ଡା, ସୌମ୍ୟରଞ୍ଜନ ମହାପାତ୍ର, ଅଶ୍ୱିନୀ ତ୍ରିପାଠୀ, ସୁଦର୍ଶନ ଦିବେଦୀ, ସୌମ୍ୟ ଷଡ଼ଙ୍ଗୀ ଓ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବ୍ଲକସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ



ବହଳଦା, ୧୨।୧ (ସମିସ): ବହଳଦା ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ସ୍ଥାୟୀ ଜୀବନ ଶୈଳୀ ଉପରେ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପରିବେଶ ଉପଯୋଗୀ ଓ ଦୀର୍ଘସ୍ଥାୟୀ ଉତ୍ତମ ସ୍ୱାସ୍ଥ୍ୟ ଜୀବନ ଶୈଳୀ କ୍ଷେତ୍ରରେ ଆବଶ୍ୟକ ହେଉଥିବା ପ୍ରକଳ୍ପ ଉପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୭ଟି ବିଷୟଭିତ୍ତିକ ଉର୍ଜା ସଂରକ୍ଷଣ, ଜଳ ସଂରକ୍ଷଣ, ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ବର୍ଜ୍ୟବସ୍ତୁ ଉତ୍ପାଦନ ହ୍ରାସ, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱାସ୍ଥ୍ୟ ଉପଯୋଗୀ ସ୍ଥାୟୀ ଖାଦ୍ୟ ପ୍ରଣାଳୀ, ସୁସ୍ଥ ଜୀବନ ଶୈଳୀ ଓ ଇ ଆବର୍ଜନା ହ୍ରାସ ଉପରେ ୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଭାରତ ସରକାରଙ୍କ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲାଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନରେ ଭାଗ ନେଇଥିବା ସମସ୍ତ ପ୍ରତିଭାଗୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ସୁଜାତା କର ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ସୂର୍ଯ୍ୟକାନ୍ତ ସାହୁ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ଦାସ, ସାମ୍ବାଦିକ ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଏବିଇଓ ତଥା ବିଆରସିସି ଭୂତନାଥ ସିଟ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ସଂଗ୍ରାମ କେଶରୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ୫ ଗୋରୁ ଉଦ୍ଧାର, ଜଣେ ଅଟକ

ଶୁଳିଆପଦା, ୧୨।୧(ସମିସ): ପଶ୍ଚିମବଙ୍ଗକୁ ଚୋରା ଚାଲାଣ ସମୟରେ ୫ ଗୋରୁ ଉଦ୍ଧାର ହୋଇଥିବାବେଳେ ଜଣଙ୍କୁ ଅଟକ ରଖାଯାଇଛି। ଅତି ନିର୍ମମ ଭାବେ ୫ଟି ଗୋରୁଙ୍କୁ ଦଉଡ଼ିରେ ବାନ୍ଧି ଚଲେଇ ଚଲେଇ ଗୁହାଳଡିହା ଜଙ୍ଗଲ ରାସ୍ତାରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବାବେଳେ ଶୁଳିଆପଦା ପୁଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଗୋରୁ ଖେଦାଳି ଶୁଳିଆପଦା ଥାନା ଅଧୀନ ଅସନବଣି ଗ୍ରାମର କାଳୀଚରଣ ସିଙ୍କ ପୁଅ ଦୁର୍ଗାପ୍ରସାଦ ସିଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା



ବଡ଼ସାହି, ୧୨।୧(ସମିସ): ମାଣତ୍ରୀସ୍ଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନଷ୍ଠିତ ହୋଇଯାଇଛି। ସମ୍ପାଦକ ଲୋକନାଥ କବାଟ ନେତୃତ୍ୱ ନେଇଥିଲେ। ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରା ଛକ ପରିକ୍ରମା ପରିକ୍ରମା କରି ଗୌଡଗାଁସ୍ଥ ଚନ୍ଦନପୁର (ପୁରାତନ) ଆଶ୍ରମ ସ୍କୁଲ ପଡ଼ିଆରେ ପହଞ୍ଚିଥିଲା। ମାଣତ୍ରୀ ହସ୍ପିଟାଲର ଡକ୍ଟର ରଜନୀ କାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ସୁବ୍ରତ ଗୁରୁଜୀ, ରାଜେନ୍ଦ୍ର ଗୁରୁଜୀ, ସାଧନା ଗୁରୁମା, ପ୍ରଭାତୀ ଗୁରୁମା, ସସ୍ମିତା ଗୁରୁମା, ବର୍ଷା ଗୁରୁମା, ଲଳିତା ଗୁରୁମା, ସନ୍ଧ୍ୟା ଗୁରୁମା, ମମତା ଗୁରୁମା, ନୀତୁ ଗୁରୁମା, କଣ୍ଢେଇ ଗୁରୁମା, ମାନସୀ ଗୁରୁମା ଖେଳ ପରିଚାଳନା କରିଥିଲେ। ଜୁନିୟର ଓ ସିନିୟର ବିଭାଗରେ ଦୌଡ, ସଙ୍ଗୀତ ଚୌକି, ବେଙ୍ଗ ଡିଆଁ, ହାଣ୍ଡି ଭଙ୍ଗା, ବତକ ଚାଲି, ବିସ୍କୁଟ ଦୌଡ, ଛୁଞ୍ଚି ସୂତା, ଗଣିତ କଷା, ସ୍କିଂ ଆଦି ଖେଳ ଅନଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ସଡ଼କ ସୁରକ୍ଷା ନେଇ ଛାତ୍ରଛାତ୍ରୀଙ୍କ ସଚେତନତା




ରାଇରଙ୍ଗପୁର, ୧୨।୧ (ସମିସ): ଜାନୁଆରି ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏ ଅବସରରେ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଚିନ୍ମୟୀ ମହାନ୍ତଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି। ରାଇରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏକ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କିତ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମହାବିଦ୍ୟାଳୟ ପରିସରରୁ ବାହାରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାରେ ଶୋଭାଯାତ୍ରାରେ ଟ୍ରାଫିକ ନିୟମକୁ କଡ଼ାକଡ଼ି ଅନୁପାଳନ କରି ସୁରକ୍ଷିତ ରହିବା ପାଇଁ ସଚେତନ କରାଯାଇଥିଲା। ସଚେତନତା ଫ୍ଲା କାର୍ଡ ପ୍ରଦର୍ଶନ କରିଥିଲେ। ନିଜେ ସୁରକ୍ଷିତ ରହିବା ସହ ପରିବାରକୁ ସୁରକ୍ଷିତ ରଖିବା ନେଇ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଅତିରିକ୍ତ ଅଧିକାରୀ ଶ୍ରୀମତୀ ମହାନ୍ତ, କଲେଜ ଅଧ୍ୟକ୍ଷ ମନହର ବାରିକଙ୍କ ନେତୃତ୍ୱରେ ଗାଡ଼ି ମୋଟର ଚାଳନା ସମୟରେ ସଡ଼କ ସୁରକ୍ଷା ସମ୍ପର୍କିତ ଟ୍ରାଫିକ ନିୟମକୁ ଅନୁପାଳନ କରିବା ନେଇ ଶପଥ ପାଠ କରିଥିଲେ। ଆଗାମୀ ଜାନୁଆରି ୩୧ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ 'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଉକ୍ତ ଶୋଭାଯାତ୍ରାରେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ଡ ତନ୍ମୟୀ ରଥ, ଆଦିତ୍ୟ ଆଚାର୍ଯ୍ୟ, ସସ୍ମିତା ଟୁଡୁ, ରେବତୀ ସିଂ, ମହେଶ୍ୱର ହେମ୍ବ୍ରମ, ନିମାଇଁ ଚରଣ ପ୍ରମୁଖ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ 'ବନ୍ଦେ ମାତରମ୍' ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଶୁଳିଆପଦା, ୧୨।୧(ସମିସ): 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୧ମରୁ ୧୨ଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟର ଶିକ୍ଷକ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିବାବେଳେ ଅତିଥି ଭାବେ ଶୁଳିଆପଦା ବିଡିଓ ଲକ୍ଷ୍ମୀସାଗର ମାଝୀ, ପଞ୍ଚାୟତ ସମିତି ଉଚ୍ଚମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ଶୋଭାକର ଆଚାର୍ଯ୍ୟ, ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଜୁଲୋଜୀ ଅଧ୍ୟାପିକା ଡଃ ସୁଧାଶ୍ରୀ ସେଠୀ, ଶୁଳିଆପଦା ଗୋଷ୍ଠୀ ସାଧନ କେନ୍ଦ୍ର ବିଆରସିସି/ଏବିଇଓ ସରୋଜ ସାହୁ, ଶୁଳିଆପଦା ବ୍ଲକ ମଙ୍ଗଳ ଅଧିକାରୀ ସୁମିତ୍ ବିକ୍ରମ ନାଏକ, କୁଜିଡିହି ସରକାରୀ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ସାହୁ, କାଣିମହୁଲିସରକାରୀବିଦ୍ୟାଳୟପ୍ରଧାନଶିକ୍ଷୟିତ୍ରୀଆରତୀଟୁଡୁପ୍ରମୁଖ ଯୋଗଦେଇ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ବିଭିନ୍ନ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାରିପଦା, ୧୨।୧(ସମିସ): ବାରିପଦା ସହରର ୧୩ନଂ ୱାର୍ଡସ୍ଥ ଶ୍ରୀପଦଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ବିଦୁଶ୍ରୀ



ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବ୍ରଜମୋହନ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି କନକଲତା ମାଝୀ, ମୁଖ୍ୟବକ୍ତା ଭାବେ ସରୋଜ ମହାପାତ୍ର, ସମ୍ମାନିତ ଅତିଥି ଭାବେ ତତ୍ତ୍ୱମସୀ ଅନୁଷ୍ଠାନର ସଭାପତି ରାଜେନ୍ଦ୍ର ସାମଲ, ବିଶେଷ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ପ୍ରେମଲତା ମହାନ୍ତି ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଲଲାଟ କିଶୋର ସି ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ଦେ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୋନାଲୀ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

**ମାଣତ୍ରୀ:** ସ୍ଥାନୀୟ ଶାନ୍ତିପ୍ରଭା ଇଂରାଜୀ ମାଧ୍ୟମ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା, ମୁଖ୍ୟବକ୍ତା ଶିକ୍ଷାବିତ୍ ସୁକାନ୍ତ ବିନ୍ଧାଣୀ, ସମ୍ମାନିତ ଅତିଥି ଡାକ୍ତର ରଜନୀକାନ୍ତ



ମହାପାତ୍ର, ସାମ୍ବାଦିକ ମନୋଜ କୁମାର ପଣ୍ଡା, ଟ୍ରଷ୍ଟି ଇଂ କିଶୋର ଗିରି ଯୋଗଦେଇ ଆଜିର ଶିଶୁ କାଲିର ଭବିଷ୍ୟତ ବୋଲି କହିଥିଲେ। କୋମଳମତି ପିଲାଙ୍କୁ ଉଚିତ ସଂସ୍କାର ଦେଇ ଭଲ ମଣିଷ ଭାବେ ଗଢି ତୋଳିଲେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ଅଧ୍ୟକ୍ଷ ସତ୍ୟନାରାୟଣ ସିଂହ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ନିହାରିକା ପଣ୍ଡା ଓ ଶିକ୍ଷକ ରାଧାଗୋବିନ୍ଦ ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ଅଭିଭାବକଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୃଦ୍ଧାଶ୍ରମ ସମ୍ପର୍କିତ କ୍ଷୁଦ୍ର ନାଟକ ପରିବେଷିତ ହୋଇଥିଲା। ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବଡ଼ସାହି:** ପତରାପଦା ପଞ୍ଚାୟତସ୍ଥ ଶ୍ରୀଗୁରୁ ସରକାରୀ ଉଚ୍ଚବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ସୁଶାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରମାକାନ୍ତ ସିଂହ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ପାତ୍ର, ବଳଭଦ୍ରପୁର କ୍ଲଷ୍ଟର ସିଆରସିସି ଅନୁସୂୟା ବାରିକ, ମନୋରଞ୍ଜନ ଗିରି, ମୁଖ୍ୟବକ୍ତା ଭାବେ ପ୍ରାଣୀ ଚିକିତ୍ସକ ଖଗେନ୍ଦ୍ର ସାହୁ, ବିଶିଷ୍ଟ ବକ୍ତା ଭାବେ ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପାଟ୍ରୋନ ତଥା ରାଜ୍ୟ ଜୁନିୟର ରେଡ଼କ୍ରସର ସିନିୟର ରିସୋର୍ସ ପାର୍ସନ ଡକ୍ଟର ରମାକାନ୍ତ ମହାନ୍ତ, ସମ୍ମାନିତ ବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ବିଜ୍ଞରାଜ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ସିଂ ବିବରଣୀ ପାଠ କରିଥିଲେ। ଜୁନିୟର ରେଡକ୍ରସର କାଉନସିଲର ଶିକ୍ଷୟିତ୍ରୀ ଯମୁନା ମହାନ୍ତଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନବିକତା, ପ୍ରକୃତି, ପରିବେଶ ଓ ସ୍ୱଚ୍ଛତାର ସୁରକ୍ଷା ବିଷୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଶାନ୍ତନୁ ଜେନା କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ମଧୁପ୍ରିୟା ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା:** ରାଡୋ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ କଳିକା' ପ୍ରଧାନ ଶିକ୍ଷୟିତ୍ରୀ



ମାଳତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଉମାକାନ୍ତ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମିନତି ମଞ୍ଜରୀ ପଣ୍ଡା, ମୁଖ୍ୟବକ୍ତା ଭାବେ ସେବା ନିବୃତ୍ତ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ନାୟକ, ସମ୍ମାନିତ ଅତିଥି ଭାବେ ରାଡୋ କ୍ଲଷ୍ଟର ସଂଯୋଜକ ଲଳିତ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରୀ ସ୍ମୃତିରେଖା ମାର୍ଣ୍ଡିଙ୍କୁ କଳିକା ଭାବେ ପୁରସ୍କୃତ କରାଯାଇଥିଲା। ଏଥିସହ କ୍ରୀଡ଼ାରେ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଶ୍ରୀ ନନ୍ଦ ଧନ୍ୟବାଦ ଦେଇଥିଲେ।

**ଉଦଳା:** ମୟୂରଭଞ୍ଜ ଜିଲ୍ଲା ନଚ୍ଛିପୁର ଅଧୀନସ୍ଥ ମନଭଙ୍ଗଆ ଆଞ୍ଚଳିକ ସାଧନା କେନ୍ଦ୍ର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରହ୍ଲାଦ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋଳିଅଳମ ପଞ୍ଚାୟତ ସରପଞ୍ଚ ତିଳୋତ୍ତମା ନାଏକ ଯୋଗଦାଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଅଜୟ ଦାସ, ସମ୍ମାନିତ ଅତିଥି ଭାବେ କ୍ଷୀରସିନ୍ଧୁ ନାଏକ, ଅସନବଣି ବିଦ୍ୟାଳୟ ପ୍ରଧାନଶିକ୍ଷକ ପଙ୍କଜ ବେହେରା, ପରିଚାଳନା କମିଟି ସଭାପତି ତ୍ରିଲୋଚନ ନାଏକ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁଚନ୍ଦନ ବାରିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ଭେଙ୍କେଟଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ରଶ୍ମିରଞ୍ଜନ ବେହେରା ସହଯୋଗ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଭେଙ୍କଟେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



**ପିଙ୍ଗୁ:** କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ପଞ୍ଚାୟତ ଅଧୀନସ୍ଥ ଇନ୍ଦିରା ଗାନ୍ଧୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଣବ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ସଞ୍ଜୟ ସୋରେନ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାନ୍ତନୁ ବିନ୍ଧାଣୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ନୁଦଡ଼ିହା କ୍ଲଷ୍ଟର ସିଆରସିସି ଶରତ ମଲ୍ଲିକ ଯୋଗ ଦେଇଥିଲେ। ଲାଲବାହାଦୂର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣନାଥ ମହାନ୍ତି, ଇନ୍ଦିରା ଗାନ୍ଧୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି




ସଭ୍ୟ ପ୍ରତାପ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁଶାନ୍ତ ମହାଜନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶର୍ମିଷ୍ଠା ଜେନା ମନ୍ତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ଅଞ୍ଜନା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଖେଳ ଶିକ୍ଷୟିତ୍ରୀ ଶୁଭଶ୍ରୀ ଶୁଭସ୍ମିତା ପରିଡ଼ା କୃତୀ ଛାତ୍ରୀଙ୍କ ନାମ ଘୋଷଣା କରିଥିଲେ ଓ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅର୍ପିତା ହାତୀ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଶିକ୍ଷକ କିଶୋର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**କରଞ୍ଜିଆ:** କରଞ୍ଜିଆ ବ୍ଲକ ଅନ୍ତର୍ଗତ ରଣମତଳା ଗ୍ରାମର ରଣମତଳା ସରକାରୀ ଉଚ୍ଚବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବିଜୟ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଆଶିଷ ବେହେରା, ସମ୍ମାନିତ ଅତିଥି ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ ତରୁ ନାୟକ, ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ, ଅନ୍ୟତମ ଅତିଥି ସିଆରସିସି କୁଶଦେବ ମହାନ୍ତ ଓ ଜିତେନ୍ଦ୍ର ରଣା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥଲେ। ଶିକ୍ଷକ ଚନ୍ଦନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଅବସରରେ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**କୁଆମରା:** ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ଉଚ୍ଚବିଦ୍ୟାଳୟର ୬୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ଡଃ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ବିଡିଓ



ପୃଥ୍ୱୀରାଜ ପରିଡ଼ା, ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ସାନଖୁଣ୍ଟା ସରପଞ୍ଚ ସୁମି ହାଁସଦା, ସିଆରସିସି ଯତିନ୍ଦ୍ର ନାଥ ମହାନ୍ତ, ଜିଲ୍ଲା ବିଜ୍ଞାନ ସଂଯୋଜକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନମୋହନ ମୁର୍ମୁ ପ୍ରମୁଖ ଯୋଗ ଦେଇ ଶିକ୍ଷାଠାରୁ ସଂସ୍କାର ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏ ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଆଦିତ୍ୟ ଜେନା, ବନିତା ଦାସ, ବିଶ୍ୱଜିତ ବେହେରାଙ୍କ ସମେତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା ସଞ୍ଚାଳନ କରିଥିଲେ। ଶିକ୍ଷକ ପଦ୍ମିନୀ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଉଦଳା:** ଉଦଳା ବ୍ଲକ ଅଧୀନ ରାଢ଼ ଲୁଇପା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଉଦଳା ବିଧାୟକ ଶ୍ରୀଯୁକ୍ତ ଭାସ୍କର ମଢେଇ ଓ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପ୍ରମିଳା ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ କଲେଜର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କଲେଜ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୃତ୍ୟଗୀତ ପରିବେଷଣ କରିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।




ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

# ରାଇରଙ୍ଗପୁରରେ ନାହିଁ ସିନେମା ହଲ - ସିନେମା ଦେଖିବାରୁ ବଞ୍ଚିତ ସିନେପ୍ରେମୀ

**ରାଇରଙ୍ଗପୁର, ୧୨।୧(ସମିସ):** ସିନେମା ଅଛି କିନ୍ତୁ ସିନେମା ଦେଖିବା ପାଇଁ ରାଇରଙ୍ଗପୁର ସହରରେ ସିନେମା ହଲ୍ ନାହିଁ। ଫଳରେ ବିକଶିତ ରାଇରଙ୍ଗପୁର ସହର ସିନେପ୍ରେମୀ ସିନେମା ଦେଖିବାରୁ ବଞ୍ଚିତ ହେଉଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତି ଆଉ ଦିନକ ପରେ ଥିବାବେଳେ ସମସ୍ତେ ଖୁସି ମଉଜରେ ଏହାକୁ ପାଳିତ କରିଥା'ନ୍ତି। କିନ୍ତୁ ରାଇରଙ୍ଗପୁରରେ ସିନେମା ହଲ ନ ଥିବାବେଳେ ସିନେମା ଦେଖିବା ପାଇଁ ଲୋକେ ବାରିପଦା, ଟାଟା, ବାଲେଶ୍ୱର କିମ୍ବା ଅନ୍ୟ ସ୍ଥାନକୁ ଯାଉଛନ୍ତି। ପୂର୍ବରୁ ଯେଉଁଠି କି ଚଳଚ୍ଚିତ୍ର ଦେଖିବା ପାଇଁ ଲୋକେ ଧାଇଁ ଯାଉଥିଲେ, ତାହା ଏବେ ଭାଙ୍ଗି ଗୋଦାମ ଗୃହ ସାଜିଛି।

ରାଇରଙ୍ଗପୁର ମୁଖ୍ୟ ବଜାରରେ ଅନେକ ବର୍ଷ ପୂର୍ବରୁ ଏକ ସିନେମା ହଲ ଥିବାବେଳେ ତାହା ଆଉ ନାହିଁ। ତେବେ ମହତାବ ଭବନ ନିକଟରେ ଏକମାତ୍ର ଘରୋଇ ସିନେମା ହଲଟି ରହିଥିଲା। ଯାହାକି ରାଇରଙ୍ଗପୁରବାସୀଙ୍କ ମନୋରଞ୍ଜନ ପାଇଁ ଚଳଚ୍ଚିତ୍ର ଦେଖିବାର ଏକମାତ୍ର ମାଧ୍ୟମ ଥିଲା। ତାହା ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବା ଆରମ୍ଭ ହୋଇଥିଲା। ୧୫ ବର୍ଷ ପୂର୍ବରୁ ଭଙ୍ଗା ଯାଇ ସେଠାରେ ଗୋଦାମ ଗୃହ ନିର୍ମାଣ ହୋଇଛି। ଏହାପରେ ଆଉ ସିନେମା ହଲ ରାଇରଙ୍ଗପୁର ସହରରେ ନାହିଁ। ସେତେବେଳେ ଉକ୍ତ ସିନେମା ହଲରେ ଚଳଚ୍ଚିତ୍ର ଦେଖୁଥିବା ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଗଲେ ସେଇ ପୁରୁଣା ଦିନର ସିନେମା ହଲ ଅନୁଭୂତି ମନେ ପଡ଼ିଯାଏ। କିନ୍ତୁ ତାଙ୍କ ମନୋରଞ୍ଜନ ଯୋଗାଇବାକୁ ଆଉ ସିନେମା ହଲଟି ନାହିଁ। ଦର୍ଶକଙ୍କୁ ହସ ଲୁହର ଅନୁଭୁତ ଦେଉଥିବା ସିନେମା ହଲଟି ଆଜି ହଜିଯାଇଛି।

**ପୂର୍ବର ସିନେମା ହଲ୍ ଏବେ ଗୋଦାମ ଗୃହ**

ମକର ସଂକ୍ରାନ୍ତି ପାଇଁ ଜିଲ୍ଲାବ୍ୟାପି ଉତ୍ସବ ମାହୋଲ ଆରମ୍ଭ ହୋଇଥିବାବେଳେ ଲୋକେ ଚଳଚ୍ଚିତ୍ର ଦେଖିବା ପାଇଁ ରାଇରଙ୍ଗପୁର ବାହାରକୁ ଯିବାକୁ ବାଧ ହେଉଛନ୍ତି। କଳା ସଂସ୍କୃତିର ମାଟି ମୟୂରଭଞ୍ଜ ଜିଲ୍ଲାରେ ସିନେ କଳାକାର ଭରି ରହିଛନ୍ତି। ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଅସିତ ପତିଙ୍କ ଭଳି ପୁରୁଖା କଳାକାରଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ହିରୋ ବାବୁସାନ ମହାନ୍ତି, ସ୍ୱରାଜ ବାରିକ, ପପୁ ପମପମ ଆଦି ଅନେକ ସିନେ କଳାକାର ରହିଛନ୍ତି। ଯେଉଁମାନେ କି ଓଡ଼ିଆ ସିନେମାରେ ସମଗ୍ର ଓଡ଼ିଶାରେ ସତନ୍ତ୍ର ପରିଚୟ ପାଇଛନ୍ତି। କିନ୍ତୁ ଓଡ଼ିଆ କଳାକାରଙ୍କ ନିଜସ୍ୱ ଜିଲ୍ଲାର ରାଇରଙ୍ଗପୁର ସହରରେ ସିନେମା ହଲ ନାହିଁ। ଯାହାକୁ ନିନ୍ଦନୀୟ ଅଟେ। ଏବେ ମୋବାଇଲରେ ହାତ ପାହାନ୍ତାରେ ଅନଲାଇନ ସିନେମା ଦେଖିବାର ସୁଯୋଗ ମିଳୁଥିବାରୁ କିଛି ଲୋକେ ସିନେମା ହଲକୁ ଭୁଲିଯାଇଛନ୍ତି। କିନ୍ତୁ ଯୁବପିଢ଼ି ବର୍ତ୍ତମାନ ମଲ୍ଟିପ୍ଲେକ୍ସ ସିନେମା ହଲରେ ଚଳଚ୍ଚିତ୍ର ଦେଖିବା ପାଇଁ ଚାହିଦା ବୃଦ୍ଧି ପାଉଛି।

ହଲ ନ ଥିବାବେଳେ ମନୋରଞ୍ଜନ ମାଧ୍ୟମ ମିଳୁନାହିଁ। ରାଇରଙ୍ଗପୁର ବର୍ତ୍ତମାନ ବିକଶିତ ସହର ହେବାକୁ ଯାଉଛି। କୋଟି କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ରାଇରଙ୍ଗପୁର ସହରକୁ ଆସିଛି। ଯାହାକୁ ନେଇ ରାଇରଙ୍ଗପୁର ସହର ଦିନକୁ ଦିନ ବୃଦ୍ଧି ପାଇବା ସହ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। କିନ୍ତୁ ଲୋକଙ୍କ ମନୋରଞ୍ଜନ ନିମନ୍ତେ ସିନେମା ହଲ ନାହିଁ। ଯାହାକି ନିହାତି ଆବଶ୍ୟକ ଅଟେ। ଏଥିପ୍ରତି ମନନିବେଶ କରି ସିନେମା ହଲ ସ୍ଥାପନ କରିବାକୁ ସିନେପ୍ରେମୀ ନିବେଦନ କରିଛନ୍ତି।

# କଂଗ୍ରେସର ୩୦୦ ୟୁନିଟ୍ ବିଜୁଳି ଛାଡ଼ ଦାବି



**ରାଇରଙ୍ଗପୁର, ୧୨।୧ (ସମିସ):** ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାର ପୂର୍ବ ଘୋଷଣା ମୁତାବକ ୩୦୦ ୟୁନିଟ ବିଜୁଳ ଛାଡ଼ ପାଇଁ ଦାବି ହୋଇଛି। ଏ ନେଇ ରାଇରଙ୍ଗପୁର, ବହଳଦା, ତିରିଂ, ଜାମଦା, ବିଶୋଇ ଓ ସାରସକଣା ଆଦି ବ୍ଲକରେ ଜନସାଧାରଣଙ୍କ ସହ ବୈଠକ ଅନୁଷ୍ଠିତ ହୋଇଛି। ସାଧାରଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ରାଜ୍ୟର ବିଜେପି ସରକାର ଶୋଷଣ କରୁଛନ୍ତି। ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ବିଜେପି ସରକାର ୩୦୦ ୟୁନିଟ ବିଜୁଳି ମାଗଣା ଦେବ କହି ନିର୍ବାଚନ ଜିତିବା ପରେ ତାହା ପୂରଣ କରିବାକୁ ଭୁଲି ଗଲେ। ଏବେ ରାଜ୍ୟ ସରକାର ଲୋକଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ଏଥିସହିତ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ କଂଗ୍ରେସ ସରକାର ସମୟରେ ପ୍ରଣୟନ କରିଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଉଦ୍ଦେଶ୍ୟମୂଳକ ଭାବେ ଗାନ୍ଧୀଙ୍କ ନାମ ହଟାଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅପମାନ କରିବା ସହିତ ଦେଶର ଇତିହାସକୁ ଦଳି ନଷ୍ଟ କରିବା ଭଳି ଅପଚେଷ୍ଟ କରିଛନ୍ତି। ଯାହାକି ଆଗାମୀ ଦିନରେ ଆନ୍ଦୋଳନ ରୂପ ନେଇ କଂଗ୍ରେସ ଦଳ ପକ୍ଷରୁ ବିଜେପି ସରକାର ବିରୁଦ୍ଧରେ ପଞ୍ଚାୟତ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଲକ୍ଷ୍ମୀଧର ସିଂ, ଏସ୍-ଏସ୍‌ଟି ସେଲ ଜିଲ୍ଲା ସଭାପତି ବେରେଲ ସିର୍କା, ସେକ ମହମ୍ମଦ, ହେଲେନ ବାଗ, ଯୋଗେନ୍ଦ୍ର ବାନରା, ବେଣୁଧର ମହାନ୍ତ, ରୂପକ ମହାନ୍ତି, ଶଙ୍କର ଲାଲ ଖତରୀ, ତରୁଣ ଗିରିଙ୍କ ସମେତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିବେକାନନ୍ଦଙ୍କ ଜୟନ୍ତୀ



**ଖୁଣ୍ଟା, ୧୨।୧(ସମିସ):** ଖୁଣ୍ଟା ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବିସିପୁରଠାରେ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଯୁବ ଦିବସ ପାଳନ କରାଯାଇଛି। ସକାଳେ ସୁସଜ୍ଜିତ ବିବେକାନନ୍ଦ ରଥ ସହିତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ନଗର ପରିକ୍ରମା କରିଥିଲେ। ନଗର ପରିକ୍ରମା ସମୟରେ 'ଭାରତ ମାତା କି ଜୟ' ଓ 'ସ୍ୱାମୀ ବିବେକାନନ୍ଦ ଜୀ କି ଜୟ' ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ବିଦ୍ୟାଳୟର ସ୍ଥାୟୀ ସଭାପତି ନିଶାମଣି ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭା ପ୍ରାରମ୍ଭରେ ଭାରତ ମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟା ମଧୁସ୍ମିତା ସାମଲ, ବିଦ୍ୟାଳୟ କାର୍ଯ୍ୟକାରିଣୀ ସମ୍ପାଦକ ଶାନ୍ତି ପ୍ରବୀର ରାଉତ, ସମସ୍ତ ଗୁରୁଜୀଗୁରୁମା ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀରୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଛାତ୍ର ସମାଜ ନିମନ୍ତେ ବିବେକାନନ୍ଦଙ୍କ ଅବଦାନ' ପ୍ରସଙ୍ଗରେ ବକ୍ତୃତା ପ୍ରତିଯୋଗିତା

**ବାଦାମପାହାଡ-କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ**

# ଜମି ସୀମା ନିର୍ଦ୍ଧାରଣ ସର୍ଭେ ଆରମ୍ଭ

**ବାରିପଦା/କରଞ୍ଜିଆ, ୧୨।୧(ସମିସ):** ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଆଦେଶ ଓ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାରଠାରୁ ବାଦାମପାହାଡ-କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ ସନ୍ଦର୍ଭରେ ରେଳୱେ ଆଇନ, ୧୯୮୯ ର ଧାରା ୨୦(ବି) ଅନୁଯାୟୀ ଜମି ସୀମା ନିର୍ଦ୍ଧାରଣ (ଡିମାର୍କେସନ୍) ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ସର୍ଭେ କାର୍ଯ୍ୟ କରଞ୍ଜିଆ ତହସିଲ ଅନ୍ତର୍ଗତ ଧକାଟା, ବିରାଜାଦୁନାଥପୁର ଓ ଘୋସାଡ଼ା ଗ୍ରାମ, ଶୁକ୍ରୁଳି ତହସିଲ୍ ଅନ୍ତର୍ଗତ କୁସୁନାପୁର ଗ୍ରାମରେ କରାଯାଉଛି। ଏହି ସର୍ଭେର ଉଦ୍ଦେଶ୍ୟ ପ୍ରସ୍ତାବିତ ରେଳପଥ ପାଇଁ ଆବଶ୍ୟକ ଜମିର ସଠିକ ସୀମା ଚିହ୍ନଟ, ରେକର୍ଡ ସହ ସ୍ଥଳ ସତ୍ୟାପନ ଓ ଆଗାମୀ ଭୂମି ଅଧିଗ୍ରହଣ ପ୍ରକ୍ରିୟାକୁ ସୁଚାରୁ ଭାବେ ତ୍ୱରାନ୍ୱିତ କରିବା। ସମ୍ପୃକ୍ତ ତହସିଲ୍ ପ୍ରଶାସନ ଓ ରେଳୱେ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସର୍ଭେ କାର୍ଯ୍ୟ ଚାଲୁ ରହିଛି। ସମ୍ପୃକ୍ତ ରାୟତଙ୍କୁ ସର୍ଭେ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।



# ୧୮ ରୁ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା

**ରାଇରଙ୍ଗପୁର, ୧୨।୧(ସମିସ):** ରାଇରଙ୍ଗପୁର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମିଳିତ ଉଦ୍ୟମରେ ରାଇରଙ୍ଗପୁରରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ସୋମବାର ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁର କଚେରୀ ଷ୍ଟାଡ଼ିୟମରେ ମେଳାର ଆୟୋଜନ ହେବାକୁ ଯାଉଛି। ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୪୦ରୁ ଅଧିକ ଅଭିଜ୍ଞ ବୈଦ୍ୟଙ୍କ ସମାଗମ ହେବ। ପ୍ରାଚୀନ ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀକୁ ଆଧାର କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଚେରମୂଳୀ ହର୍ବାଲ ଔଷଧ ବିକ୍ରୟ ହେବ। ଲୋକଙ୍କ ମଧ୍ୟରେ ଆୟୁର୍ବେଦିକ ଚିକିତ୍ସାର ପ୍ରଚାର ପ୍ରସାର ପାଇଁ ଏହା ଏକ ପ୍ରୟାସ ଅଟେ। ଏଥିସହିତ ଅଭିଜ୍ଞ ସରକାରୀ ସ୍ୱୀକୃତିପ୍ରାପ୍ତ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ସୁବିଧା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରି ଉକ୍ତ ମେଳାକୁ ସାଫଲ୍ୟ ମଣ୍ଡିତ କରିବାକୁ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର ନିବେଦନ କରିଛନ୍ତି। ଉକ୍ତ ସମ୍ମିଳନୀରେ ବନ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ୍‌ର ପୂର୍ବତନ ଅଧିକାରୀ ବିଜୟ ପଣ୍ଡାଙ୍କ ପରଲୋକ

**ବାରିପଦା, ୧୨।୧(ସମିସ):** ଇସ୍ପାତ ନଗରୀ ଜାମସେଦପୁର ଟାଟା ଷ୍ଟିଲର ପୂର୍ବତନ ବରିଷ୍ଠ ଅଧିକାରୀ ଇଂ ବିଜୟ କୁମାର ପଣ୍ଡା (୮୮)ଙ୍କ ପରଲୋକ ହୋଇଯାଇଛି। ଏ ନେଇ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଗୁଣ୍ଡୁପୁରରେ ଜନ୍ମିତ ସ୍ୱର୍ଗତ ପଣ୍ଡା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ଆଇଆଇଟି)ରୁ ୧୯୫୮ରେ କୃତିତ୍ୱର ସହ ବିଟେକ୍ ପାସ କରିବା ପରେ ଦୁଇବର୍ଷ ପାଇଁ ଅଧ୍ୟାପନା କରି ୧୯୬୦ରେ ଟାଟା ଷ୍ଟିଲରେ ଗ୍ରାଜୁଏଟ ଟ୍ରେନି ଭାବେ ଯୋଗଦେଇ ଥିଲେ। ଜଣେ ସୁଦକ୍ଷ ଯନ୍ତ୍ରୀ ଭାବେ ସୁପରିଚିତ ସ୍ୱର୍ଗତ ପଣ୍ଡା ନିଜର ଅସାଧାରଣ କର୍ମକୁଶଳତା ଓ ଆଧୁନିକ ବୈଷୟିକ ଅଭିଜ୍ଞତା ବଳରେ ଟାଟା ଷ୍ଟିଲର ଅନ୍ୟତମ ଆଗ ଧାଡ଼ିର ବରିଷ୍ଠ ଅଧିକାରୀ ଭାବେ ପ୍ରଶଂସିତ ହୋଇଥିଲେ। ଅବସର ପରେ ବିଭିନ୍ନ ସାମାଜିକ, ଧାର୍ମିକ, ଶୈକ୍ଷିକ ଓ ସାଂସ୍କୃତିକ ସଂଗଠନର ଉନ୍ନତି ପାଇଁ ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ।



ତାଙ୍କ ଏକାଦଶାହରେ ଜାମସେଦପୁର ଅଞ୍ଚଳର ଓଡ଼ିଆ ଲୋକଙ୍କ ସମେତ ଅନ୍ୟ ଭାଷାଭାଷୀ ଅଗଣିତ ଜନସାଧାରଣ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ପୁତ୍ର ଡାକ୍ତର ସୁମନ ପଣ୍ଡା ଟାଟା ମେନ୍ ହସ୍ପିଟାଲର ମେଡିସିନ ବିଭାଗର ମୁଖ୍ୟ ଓ ପୁତ୍ରବଧୂ ଡାକ୍ତର ବିନୀତା ପଣ୍ଡା ନିଶ୍ଚେତକ ବିଭାଗର ଚିକିତ୍ସକ ଥିବାବେଳେ କନ୍ୟା ଡକ୍ଟର ସୁଧା ପଣ୍ଡା କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ଜାମାତା ବିଭାସ ପଣ୍ଡା ଭାରତ ସରକାରଙ୍କ ସେବାନିବୃତ୍ତ ବରିଷ୍ଠ ଅଧିକାରୀ ଅଟନ୍ତି।

# ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର



**ରାଇରଙ୍ଗପୁର, ୧୨।୧(ସମିସ):** ବାମନଘାଟୀ ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ଓ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଅଭିଯୋଗର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ।

ଉକ୍ତ ଶିବିରରେ ଜନସାଧାରଣଙ୍କଠାରୁ ୯୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବାବେଳେ ଏଥିରେ ୭୩ଟି ବ୍ୟକ୍ତିଗତ ୧୭ଟି ସାମୂହିକ ସମସ୍ୟା ଥିଲା। ଏଥିରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗଗୁଡିକ ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

**୯୦ଟି ଅଭିଯୋଗର ହେଲା ଶୁଣାଣି**

# କପ୍ତିପଦା ଥାନାରେ ଯୋଗଦେଲେ ନୂଆ ଅଧିକାରିଣୀ



**କପ୍ତିପଦା, ୧୨।୧(ସମିସ):** କପ୍ତିପଦା ଥାନା ଦାୟିତ୍ୱରେ ଥିବା ବବୀତା ରାଣୀ ପୁହାଣଙ୍କ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ପୁଲିସ ମୁଖ୍ୟାଳୟରେ ଥିବା ମଧୁସ୍ମିତା ମହାନ୍ତି ଯୋଗ ଦେଇଛନ୍ତି। ସେ ପୂର୍ବରୁ କୋଳିଅଣା, ବାଲେଶ୍ୱର ସଦର, ସୋର, ବାସୁଦେବପୁର ଥାନାରେ କାର୍ଯ୍ୟରତ ଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ବଳରେ ସେ କପ୍ତିପଦା ଅଞ୍ଚଳରେ ଥିବା ସମସ୍ୟାର ଦୃଢ ସମାଧାନ କରିବା ସହିତ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କ ଯୋଗଦାନ ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଜାତୀୟ ଯୁବ ଦିବସ ପାଳନ





**ବାରିପଦା, ୧୨।୧(ସମିସ):** ୨୦୨୫ ନଭେମ୍ବର ୭ତରୁ ୨୦୨୬ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବର୍ଷ ବ୍ୟାପୀ ଭାରତର ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ କରାଯାଉଛି। ଏ ପରିପ୍ରେକ୍ଷୀରେ ସୋମବାର ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ତଥା ଜାତୀୟ ଯୁବ ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ'ର ସାମୂହିକ ଗାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଯୋଗ ଦେଇଥିବାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ରାଷ୍ଟ୍ର ଚେତନାକୁ ଜାଗ୍ରତ କରୁଥିବା ଭାବପୂର୍ଣ୍ଣ ରାଷ୍ଟ୍ରୀୟ ବନ୍ଦନାକୁ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରି ଶ୍ରଦ୍ଧାର ସହିତ ସମସ୍ତେ ସମୂହ ଭାବେ ଗାନ କରିଥିଲେ। ପରେ ଜିଲ୍ଲାପାଳ, ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଆତ୍ମନିର୍ଭର ଭାରତ ଗଠନ ନେଇ ସ୍ୱଦେଶୀ ସଂକଳ୍ପ ପତ୍ର ଶପଥ ପାଠ କରାଇ କହିଥିଲେ, ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଅମର କୃତୀ ୧୮୭୫ ନଭେମ୍ବର ୭ ତାରିଖରେ 'ବଙ୍ଗଦର୍ଶନ' ନାମକ ସାହିତ୍ୟ ପତ୍ରିକାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ପରେ ସେ ଏହାକୁ ତାଙ୍କ ଅମର ଉପନ୍ୟାସ 'ଆନନ୍ଦ ମଠ'ରେ ସମ୍ମିଳିତ କରିଥିଲେ। ପରବର୍ତ୍ତୀ ସମୟରେ ବଙ୍କିମ ଚନ୍ଦ୍ରଙ୍କ ଏହି ଅମର କୃତୀକୁ ଆମ ଦେଶର ରାଷ୍ଟ୍ରୀୟ ଗୀତ ଭାବେ ଅଙ୍ଗୀକାର କରାଯାଇଥିଲା। 'ବନ୍ଦେ ମାତରମ୍' ଗୀତ ଭାରତର ଭୌଗୋଳିକ ସୌନ୍ଦର୍ଯ୍ୟ, ସଭ୍ୟତା, ରାଜନୈତିକ ଓ ସାଂସ୍କୃତିକ ଚେତନାର ଏକ ଅଭିନ୍ନ ଅଂଶ। ଏହି ସମୂହ ରାଷ୍ଟ୍ରୀୟ ସଙ୍ଗୀତ ଗାନ ଅବସର ଆମ ସମସ୍ତଙ୍କୁ ଏହି ଅମର ସଙ୍ଗୀତର ନିରନ୍ତର ବାର୍ତ୍ତା ଏକତା, ତ୍ୟାଗ ଓ ଦେଶ ଭକ୍ତିର ଆଦର୍ଶ ପ୍ରତି ପୁନର୍ବାର ସମର୍ପିତ ହେବା ପାଇଁ ଜାଗ୍ରତ କରିଛି ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଡଃ ଶୁଭାଶିଷ ନାୟକ ପରିଚାଳନା କରିଥିଲେ।

## ରାଧାକୃଷ୍ଣ ବିଦ୍ୟାଳୟ

**ପୁରୁଣିଆ:** ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆସ୍ଥ ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ 'ବନ୍ଦେ ମାତରମ୍' ଗାନ କରାଯାଇ ପରିବେଶକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରାଯାଇଥିଲା। ଏ ଅବସରରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଆତ୍ମନିର୍ଭର ଭାରତ ଗଠନ ପାଇଁ ସଂକଳ୍ପ ପତ୍ର ପାଠ କରିଥିଲେ। ବରିଷ୍ଠ କଳା ଶିକ୍ଷକ ବିଦ୍ୟାରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଶ୍ରୀମତୀ ତୃପ୍ତି ପଟ୍ଟନାୟକ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ବିଜ୍ଞାନ ଶିକ୍ଷକ ରାଜେଶ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ସମଗ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଦେବବ୍ରତ ମହାପାତ୍ର ଓ ପିଅନ ଜଗବନ୍ଧୁ ଜେନା ସହଯୋଗ କରିଥିଲେ। ଶେଷରେ ହିନ୍ଦୀ ଶିକ୍ଷୟିତ୍ରୀ ସସ୍ମିତା ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଏମ୍‌ସିଏଏମ୍

**ବରିପଦା:** ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଯୁବ ଦିବସ ପାଳନ କରାଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ବିଭାଗ ପ୍ରଫେସର ଭୁବନେଶ୍ୱର ସବର ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ଯୁବକ ସମାଜ ଉପରେ ତାଙ୍କର ପ୍ରଭାବ ବିଷୟରେ ବିସ୍ତୃତ ଭାଷଣ ଦେଇଥିଲେ। ସେ ଯୁବକଙ୍କୁ ସ୍ୱାମୀଜୀଙ୍କ ଆଦର୍ଶକୁ ଅନୁସରଣ କରି ଜୀବନରେ ଆପଣାର ଲକ୍ଷ୍ୟ ହାସିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। କଲେଜର ଛାତ୍ରଛାତ୍ରୀ ସ୍ୱାମୀଜୀଙ୍କ ଜୀବନ ଉପରେ ଆଧାରିତ ଏକ ନାଟକ ପ୍ରଦର୍ଶନ କରିଥିଲେ। ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଏଏଲଏଲବି ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପକ ସିରାମ ଟୁଡୁ, ଡ଼ ଠାକୁରା ଚରଣ ମାରାଣ୍ଡି, ଅଧ୍ୟାପିକା କବିତା ସାହୁ, ନିବେଦିତା ବେହେରା, ଇସ୍ମିତା ମଲ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ତାଲୁକ୍ ଆଇନ ସହାୟତା କମିଟି

**ଉଦଳା:** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳନ ଅବସରରେ ଉଦଳା ତାଲୁକ୍ ଆଇନ ସହାୟତା କମିଟି ପକ୍ଷରୁ ସୋମବାର ସକାଳ ୯ ଘଟିକା ସମୟରେ ସ୍ଥାନୀୟ ସନ୍ଧାନ ଗୃହରେ ଯୁବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରିଟେନର ଆଇନଜୀବୀ ନିରାକାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତାଲୁକ୍ ଆଇନ୍ ସହାୟତା କମିଟି ଚେୟାରମ୍ୟାନ୍ ତଥା ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଦୀପ ବେହେରା, ଜାତୀୟ ଆଇନ ସହାୟତା କମିଟି ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ବିଷୟ ଡାଉନ୍-ଡ୍ରଗ୍ ଆୱାରନେସ୍ ଏଣ୍ଡ ୱେଲନେସ୍ ନାଭିଗେସନ ଫର ଏ ଡ୍ରଗ୍ ଫ୍ରି ଇଣ୍ଡିଆ ସ୍କିମ୍-୨୦୨୫ ଉପରେ ନିଶାର କୁପରିଣାମ, ନିଶାମୁକ୍ତି ସଚେତନତା ଓ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ଉଦଳା ଓକିଲ ସଂଘ ସମ୍ପାଦକ ବସନ୍ତ ପରିଡ଼ା, ବରିଷ୍ଠ ଆଇନଜୀବୀ ମକରନ୍ଦ ପଲେଇ, ନିରାକାର ମହାପାତ୍ର ପ୍ରମୁଖ ନିଶାର ଭୟାବହତା, ଯୁବ ସମାଜ ଉପରେ ତାହାର କୁପରିଣାମ, ନିଶା ନିବାରଣ ପାଇଁ ଆଇନର ବ୍ୟବସ୍ଥା ଓ ଆଜିର ଜାତୀୟ ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ଶେଷରେ ଉପଖଣ୍ଡ ଓକିଲ ସଂଘ ସମ୍ପାଦକ ରଜତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଏଆରଷ୍ଟ୍ରିପ୍ ପାଇଁ ସ୍ୱତନ୍ତ୍ର ଗ୍ରାମସଭା

ରାସଗୋବିନ୍ଦପୁର,୧୨।୧(ସମିସ)



ସୋମବାର ଅମର୍ଦା ଏୟାରଷ୍ଟ୍ରିପ ପାଇଁ ଜମି ଅଧିଗ୍ରହଣକୁ ନେଇ ନଳଗଜା ପଞ୍ଚାୟତ ଅଫିସ ପରିସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଏଆରଷ୍ଟ୍ରିପ ପାଇଁ ହାତ ଟେକି ଗ୍ରାମବାସୀ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମର୍ଦା ଏୟାରଷ୍ଟ୍ରିପ। ଏହି ବିମାନ ଘାଟିକୁ ପୁନରୁଦ୍ଧାର ପାଇଁ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ଏହି ବିମାନ ଘାଟି ଇଂରେଜ ସରକାର ନିର୍ମାଣ କରିଥିଲେ। ଦେଶ ସ୍ୱାଧୀନ ପରେ ଏହି ବିମାନ ଘାଟି ଅବହେଳିତ ଅବସ୍ଥାରେ ଥିବାରୁ ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ତେବେ ବିମାନ ଘାଟିର ପାଖାପାଖି ଜମି ସ୍ଥାନୀୟ ଆଦିବାସୀଙ୍କ ନାମରେ ରହିଥିବାରୁ ସରକାର ଗ୍ରାମସଭା ଡକାଇ ଲୋକଙ୍କ ମତାମତ ଲୋଡ଼ିଛନ୍ତି। ନଳଗଜା ସରପଞ୍ଚ ପୁନୁଗି ହାଁସଦାଙ୍କ ଦ୍ୱାରା ଆୟୋଜିତ ଆଜିର ଏହି ଗ୍ରାମସଭାରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା, ତହସିଲଦାର ଉପେନ୍ଦ୍ର ଦାସ, ଏବିଡିଓ ଜୟକୃଷ୍ଣ ନାୟକ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ମୋରଡା ଥାନା ଅଧିକାରୀ ସୁମିତ୍ ସୋରେନ, ଜୁନିଅର ଏମଭିଆଇ ସୁପ୍ରିୟା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ନଳଗଜା ସରପଞ୍ଚ ପୁନୁଗୀ ହାଁସଦା ଉପସ୍ଥିତ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସୁନାକଣିଆ ଅଞ୍ଚଳରୁ ଆସିଥିବା ସମସ୍ତ ଗ୍ରାମବାସୀ, ଜନସାଧାରଣଙ୍କୁ ଗ୍ରାମସଭାକୁ ସ୍ୱାଗତ ଜଣାଇଥିଲେ। ପରେ ଏଆରଷ୍ଟ୍ରିପ କାର୍ଯ୍ୟକ୍ରମ ତ୍ୱରାନ୍ୱିତକୁ ନେଇ ଗ୍ରାମବାସୀଙ୍କ ସୁଚିନ୍ତିତ ମତାମତ ହାତ ଟେକି ସମର୍ଥନ ଜଣାଇବା ପାଇଁ କହିଥିଲେ। ଉପସ୍ଥିତ ଗ୍ରାମବାସୀ ଏଆରଷ୍ଟ୍ରିପ କାର୍ଯ୍ୟକ୍ରମ ସୁରୁଖୁରୁରେ ତ୍ୱରାନ୍ୱିତ କରାଇବା ପାଇଁ ତାଙ୍କର ସୁଚିନ୍ତିତ ମତାମତ ହାତ ଟେକି ଜଣାଇଥିଲେ। ସରପଞ୍ଚ ପୁନୁଗୀ ହାଁସଦ ଧନ୍ୟବାଦ ଜଣାଇଥିଲେ। ଦେଖିବାକୁ ରହିଲା ଅମର୍ଦା ଏୟାରଷ୍ଟ୍ରିପରେ କେବେ ସୁଦ୍ଧା ବିମାନ ସେବା ଆରମ୍ଭ ହୋଇପାରୁଛି।

# ହାତୀ ଭାଙ୍ଗିଥିଲା ଘର; ବନ ବିଭାଗର ସହାୟତା



ତୁରୁମୁଙ୍ଗା,୧୨।୧(ସମିସ): ଗତ କିଛିଦିନ ହେବ ପାଟଣା ରେଞ୍ଜ ଅଞ୍ଚଳରେ ୨୫ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଉପଦ୍ରବ ଯୋଗୁଁ କେତେକ ଘର ଭାଙ୍ଗିଥିବାବେଳେ କ୍ଷତିଗ୍ରସ୍ତ ପରିବାରକୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆଯାଇଛି। ସୋମବାର ବନ ବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଯମୁନାପଶି ବିଟ୍ ବନରକ୍ଷୀ ଅନନ୍ୟା ପ୍ରିୟଦର୍ଶିନୀ ନାଏକ ସହାୟତା ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଖାଦ୍ୟ ଶସ୍ୟ ରଖିବା ପାଇଁ ଏକ ଷ୍ଟିଲ ଡ୍ରମ ସହ ପଲିଥିନ ପ୍ରଦାନ କରିଛନ୍ତି। ଖିରେଇଟାଙ୍ଗିରୀ ସେକ୍ସନ ଝାରବେଡ଼ା ଗ୍ରାମର ଗଦାଧର ନାଏକ, କିଆପଡ଼ା ଗ୍ରାମର ମଙ୍ଗଳି ନାଏକ, ଭାଗୀରଥି ନାଏକ ଏବଂ କୋଚିଲାପଦା ଗ୍ରାମର ସୌଦାମିନୀ ମହାନ୍ତଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। କ୍ଷତିପୂରଣ ସହାୟତା ରାଶି ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

● ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

# ଅତିରିକ୍ତ ଜିଲ୍ଲାପାଳ ଦେଲେ ସ୍ପଷ୍ଟୀକରଣ

ରାଇରଙ୍ଗପୁର,୧୨।୧(ସମିସ): ରାଇରଙ୍ଗପୁର ସ୍ଥିତ କଚେରୀ କ୍ୟାଣ୍ଟିନକୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଥିଲା। ଉକ୍ତ ପ୍ରସଙ୍ଗ ନେଇ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ସ୍ୱଷ୍ଟିକରଣ ଦେଇଛନ୍ତି। ପ୍ରକାଶିତ ଖବରକୁ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ଏକ ପ୍ରେସ୍ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ ଜୈନିକ ଲିଜ୍ ଧାରୀଙ୍କ ସମ୍ପର୍କରେ ତାଙ୍କର କୌଣସି ଧାରଣା ନାହିଁ। ଏହା କଚେରୀ କ୍ୟାଣ୍ଟିନ୍ ଭାବରେ ରାଇରଙ୍ଗପୁର ତହସିଲଦାରଙ୍କ ତତ୍ତ୍?ାବଧାନରେ ଚାଲିଥିବା ବେଳେ ବିବାଦୀୟ ପରିସ୍ଥିତି ଯୋଗୁଁ ଏହା ବନ୍ଦ ହୋଇଛି। ତେଣୁ ବନ୍ଦ କ୍ୟାଣ୍ଟିନ ଚାବିକାଠି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହେପାଜତରେ ରହିଛି। ତେବେ ଜନୈକ ଲିଜ୍ ଧାରୀ ଆସି ତାଙ୍କୁ କାର୍ଯ୍ୟାଳୟରେ କ୍ୟାଣ୍ଟିନ୍ ଚାବି ମାଗିବାରୁ ସେ ଦେବାକୁ ମନା କରିଥିଲେ। ବିବାଦୀୟ ସ୍ଥିତିର ସମାଧାନ ହୋଇ କାର୍ଯ୍ୟକ୍ଷମ ହେଲେ ନିୟମାନୁଯାଇ ଅଧିକାରିକ ଭାବେ ଚାବି ପ୍ରଦାନ କରାଯିବ ବୋଲି ସେ ବୁଝେଇ ଥିଲେ। କିନ୍ତୁ ଉକ୍ତ ଦିନ ଉପସ୍ଥିତ ବ୍ୟକ୍ତି ମାନେ ଚାବି ପ୍ରଦାନ କରିବାକୁ ତାଙ୍କୁ ବାଧ କରିଥିଲେ ଏବଂ ତାଙ୍କ ସହିତ ଯୁକ୍ତିତର୍କ କରିବା ସହ ଦୁର୍ବ୍ୟବହାର ମଧ କରିଥିଲେ। ସେ ମନା କରିବାରୁ ଏହାର ଭିଡିଓ ଉଦ୍ଦେଶ୍ୟମୂଳକ ଭାବେ ମୋବାଇଲରେ ଉତ୍ତୋଳନ କରି ଏହାକୁ ଏଡିଟ୍ କରି ନିର୍ଦ୍ଦିଷ୍ଟ ଭିଡିଓ ସର୍ବସାଧାରଣରେ ବିଭ୍ରାନ୍ତିକର ଭାବେ ପ୍ରସାର କରି ତାଙ୍କୁ ବଦନାମ୍ କରିବାକୁ ଷଡ଼ଯନ୍ତ୍ର କରିଥିବା ଶ୍ରୀ ବଳ କହିଛନ୍ତି। କ୍ୟାଣ୍ଟିନ ବିବାଦର ସମାଧାନ ହେଲେ କ୍ୟାଣ୍ଟିନ ଚାବି ପ୍ରଦାନ କରିବାରେ କୌଣସି ପ୍ରତିବନ୍ଧକ ନ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ପ୍ରକାଶ କରିଛନ୍ତି।

# ରାଜାବସାରେ ସ୍ୱଧର୍ମକୁ ଫେରିଲେ ୧୩୧ ଜଣ



ବାରିପଦା,୧୨।୧(ସମିସ): ଖୁଣ୍ଟା ବ୍ଲକର ସୀମାନ୍ତ ଗ୍ରାମ ରାଜାବସାଠାରେ ଅନୁଷ୍ଠିତ ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ ସମାବେଶରେ ଅଗ୍ନିକୁଆଁର ଓ ରାଜାବସା ସହିତ ବଡସାହି ବ୍ଲକର ଚମ୍ପାଗଡ଼ ଗାଁର ସାନ୍ତାଳ, ଭୂମିଜ ଓ ଲୋଧା ଆଦିମ ଜନଜାତିର ୩୧ ପରିବାରର ୧୩୧ ଜଣ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ଅବସରରେ ଗ୍ରାମର ମାଝିବାବା ବୁଦ୍ଧିଆ କିସ୍କୁଙ୍କ ଦ୍ୱାରା ପୂଜାପାଠ ପରେ ସମସ୍ତଙ୍କୁ ପବିତ୍ର ଜଳ ସିଞ୍ଚନ ପୂର୍ବକ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ପିଢ ପାରଗାନା ରାମାୟ ବେଶ୍ରା ଉପସ୍ଥିତ ରହି ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭୀମଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଧର୍ମକୁ ମହାନ ବୋଲି କହିବା ସହିତ ନିଜ ଧର୍ମ ସଂସ୍କୃତିକୁ ସବୁଦିନ ଆପଣେଇବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ଡା. ପ୍ରସନ୍ନ କୁମାର ପାତ୍ର, କୌଶିକ କୁମାର ସାହୁ, ଘନଶ୍ୟାମ ମହାନ୍ତ, ବୈଶାଖୁ ସର୍ଦ୍ଦାର ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ସମାଜସେବୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗ୍ରାମବାସୀମାନେ ନାଚଗୀତରେ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ଗାୟକ ତଥା ଲୋକକଳା ପ୍ରମୁଖ କନ୍ଦା ସୋରେନ ଓ ଶ୍ରଦ୍ଧାଜାଗରଣ ପ୍ରମୁଖ ବୃନ୍ଦା କିସ୍କୁ ବାଦ୍ୟ ଓ ନୃତ୍ୟ ପରିଚାଳନା କରିଥିଲେ। ଶିକ୍ଷା ପ୍ରକଳ୍ପ ସଂଯୋଜକ କୈଳାସ ମୁର୍ମୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ବାଲି ମୁର୍ମୁ, ବାସନ୍ତୀ ଭକ୍ତା ଓ ସୀତା ମୁର୍ମୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସହଭୋଜିର ଆୟୋଜନ କରାଯାଇଥିଲା।

# ୧ ବାଲି ବୋଝେଇ ଟ୍ରାକ୍ଟର ଜବତ



ରାସଗୋବିନ୍ଦପୁର,୧୨।୧(ସମିସ): ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ପ୍ରତିଦିନ ବେଆଇନ ମୋରମ, ମାଟି ଓ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ରାସଗୋବିନ୍ଦପୁର ଥାନା ବଡାମପୁର ଫାଣ୍ଡି ଅଞ୍ଚଳର ପଥରଚାଟିଆ ମୋରଡ଼ାଠାରେ ଜମ୍ବିରା ନଦୀରୁ ବେଆଇନ ବାଲି ଘାଟ କରି ବେଧଡ଼କ ଦିନରାତି ବାଲି ଚୋରା ଚାଲାଣ ଚାଲିଥିବାବେଳେ ଖବର ପାଇ ରାସଗୋବିନ୍ଦପୁର ପୁଲିସ ଏଏସଆଇ ମଞ୍ଜୁଲତା ବେହେରା ଓ ବଡାମପୁର ଫାଣ୍ଡି ଅଧିକାରୀ ସୁଶୀଲ ସାମଲ ମିଳିତ ଭାବେ ଚଢ଼ଉ କରି ପଥରଚାଟିଆ ନିକଟରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭର ତପନ ସିଂକୁ ଗିରଫ କରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ହାତୀ ଘଉଡ଼ାଇବା ବାଣରୁ ନିଆଁ ଲାଗି ପୋଡ଼ିଗଲା ନଡ଼ାଗଦା




ରାସଗୋବିନ୍ଦପୁର,୧୨।୧(ସମିସ): ରବିବାର ରାତିରେ ବେତନଟୀ ରେଞ୍ଜ ଅନ୍ତର୍ଗତ ମାଣିଦା ପଞ୍ଚାୟତ ବେଣାଶୋଳ ଗ୍ରାମରେ ହାତୀ ଅନୁପ୍ରବେଶ କରିଥିଲେ। ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଆସିଥିଲେ। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କ ଉପସ୍ଥିତିରେ ବାଣ ମାରିଥିଲେ। ବାଣ ହାତୀ ପଟକୁ ନ ଯାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗଚ୍ଛିତ ଥିବା ତିନିମାଣ ଜମି ନଡ଼ା ଗଦାରେ ପଡ଼ି ଜଳିଯାଇଥିଲା। ପରେ ଘଟଣାସ୍ଥଳରୁ ବନ କର୍ମଚାରୀ ପଳାଇ ଯାଇଥିଲେ। ଏ ସମ୍ପର୍କରେ ବେତନଟୀ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକଙ୍କୁ ପଚାରିବାରୁ ଯଦି ଏହା କର୍ମଚାରୀଙ୍କ ଯୋଗୁଁ ନଡ଼ା ଗଦା ପୋଡ଼ି ଯାଇଥାଏ, ତେବେ ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରାଯିବ।

# ମାଣତ୍ରୀରୁ ଲକ୍ଷାଧିକ ଟଙ୍କାର ବଳଦ ଓ ଗାଈ ଚୋରି

ମାଣତ୍ରୀ,୧୨।୧(ସମିସ): ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ପଞ୍ଚାୟତର ୨ଟି ଗ୍ରାମରୁ ରବିବାର ରାତିରେ ଚୋରମାନେ ଲକ୍ଷାଧିକ ଟଙ୍କାର ପୃଥକ ଭାବେ ହଳେ ବଳଦ ଓ ଏକ ଗାର୍ଭିଣୀ ଗାଈ ଚୋରି କରି ନେଇଛନ୍ତି। ମାଣତ୍ରୀ ଗ୍ରାମର ଶରତ ପୋଥାଳଙ୍କ ଗୁହାଳରେ ବନ୍ଧା ହୋଇଥିବା ୨ଟି ବଳଦ ଘର ପଛ ପଟ ବାଡ଼ିର ବାଡ କାଟି ୪ଚକିଆ ଯାନରେ ନେଇଯାଇଛନ୍ତି। ଯାହାର ମୂଲ୍ୟ ୧ଲକ୍ଷ ଟଙ୍କା ହେବ। ସେହିପରି ଆଙ୍କପୁରା ଗ୍ରାମର ପିତାମ୍ବର ବେହେରାଙ୍କ ଗୁହାଳ ଘରୁ ଏକ ୨୦ହଜାର ଟଙ୍କା ମୂଲ୍ୟର ଗାର୍ଭିଣୀ ଗାଈ ନେଇଯାଇଛନ୍ତି। ଚୋରି ହୋଇଥିବା ସ୍ଥାନରୁ ମାଣତ୍ରୀ ପୁଲିସ୍ ବିଟ ହାଉସ ମାତ୍ର ୧୦୦ମିଟର ଦୂର ହୋଇଥିବା ବେଳେ ଚୋରମାନେ ଖୋଲି ଚ୍ୟାଲେଞ୍ଜ ଦେଇ ବାରମ୍ବାର ଚୋରି କରୁଛନ୍ତି। ମାସକ ତଳେ ମାଣତ୍ରୀ ଗ୍ରାରୁ ୫ଟି ଖାସି ଛେଳି ଓ ପୂର୍ବରୁ ବଳଦ ଚୋରି ଯାଇଥିଲେ ହେ ଏପର୍ଯ୍ୟନ୍ତ ଚୋର କିମ୍ବା ଚୋରି ଖାସି, ବଳଦ ଉଦ୍ଧାର ହୋଇନାହିଁ। ପୁଣି ଗତରାତିରେ ଚୋରି ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ସୃଷ୍ଟି କରିଛି।

# ଧୂଳି ପ୍ରଦୂଷଣ ପାଇଁ ଉଦଳା ସିନେମା ହଲ୍ ରାସ୍ତା ଅବରୋଧ

ରାସ୍ତା କାମ ଅଧାପନ୍ତରିଆ



ଉଦଳା, ୧୨।୧(ସମିସ): ପ୍ରଦୂଷଣକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ତେବେ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ଉଦଳା ସିନେମା ହଲ୍ ରାସ୍ତାକୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ଅବରୋଧ କରିଥିଲେ।

ଉଦଳା ସହରର ମୁଖ୍ୟ ରାସ୍ତା ଟିଡିପିୟୁବିଏମ ରାସ୍ତା ଅଧୀନରେ ଏକ ଅଂଶ ହୋଇଥିବା କାରଣରୁ ଏହାର ସମ୍ପ୍ରସାରଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଡ୍ରେନଠାରୁ ଆରମ୍ଭ କରି ପିଚୁ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଚାଲୁ ରହିଛି। ତେବେ ସହରର ଚିକାଡୋଳା ଛକଠାରୁ କୃଷକ ବଜାର ଛକ ଦେଇ ସିନେମା ହଲ ସମ୍ମୁଖ ଦେଇ ରାସ୍ତା କାମ ଚାଲୁ ରହିଥିବାବେଳେ କୃଷକ ବଜାରଠାରୁ ସିନେମା ହଲ୍ ପର୍ଯ୍ୟନ୍ତ ରାସ୍ତା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ଧୂଳି ପ୍ରଦୂଷଣରେ ସ୍ଥାନୀୟ ବାସିନ୍ଦା ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ନା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେଉଛି ନା ଦୈନିକ ପାଣି ଛିଞ୍ଚନ କରାଯାଉଛି। ଫଳରେ ଜନବହୁଳ ଉକ୍ତ ଅଞ୍ଚଳବାସୀ ଆଜି ସନ୍ଧ୍ୟାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ଠପ ହୋଇଯାଇଥିଲା। ଖବର ପାଇ ଉଦଳା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ ହେଁ ଲୋକେ କାର୍ଯ୍ୟ କରୁଥିବା ସଂସ୍ଥା ଦୈନିକ ଧୂଳି ପ୍ରଦୂଷଣ ରୋକିବା ପାଇଁ ତିନିଥର ପାଣି ଛିଞ୍ଚନ କରିବା ନେଇ ଜିଦ ଧରିଥିଲେ। ଦେଢ ଘଣ୍ଟା ପରେ ଉକ୍ତ ସଂସ୍ଥାର ପରିଚାଳକ ପାଣି ସିଞ୍ଚନ କରି ଧୂଳି ପ୍ରଦୂଷଣ ନ ହେବା ଦିଗରେ ପଦକ୍ଷେପ ଓ ମକର ପର୍ବ ପରେ ପିଚୁ ପକାଇବା ପ୍ରତିଶ୍ରୁତି ପରେ ଅବରୋଧ ହଟିଥିଲା।

# ହାଟଡ଼ିହୀ କଲେଜରେ ଯୁବ ଦିବସ



ହାଟଡ଼ିହୀ,୧୨।୧(ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଆଜି ପୂର୍ବାହ୍ନରେ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅଜୟ ଦାଶ ଓ ବିଶ୍ୱରଞ୍ଜନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରିଥିଲେ କ୍ଷ ଏଥିରେ ରବୀନ୍ଦ୍ର ଜେନା, ଚକ୍ରଧର ଦାସ, ପ୍ରିୟଙ୍କା ମହାନ୍ତି, ନିଲମ୍ ସଂୟମ, ଚୁମୁକି ନାୟକ, ଜ୍ୟୋତିରୂପା ମଲ୍ଲିକ, ସ୍ୱାଗତିକା ନାୟକ, ଅବିନାଶ ରାଉତ, ଜଳଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ପିଲାମାନଙ୍କୁ ବୁଝାଇଥିଲେ ଏବଂ ଯୁବ ସମାଜ କିପରି ଦେଶ ଗଢ଼ିବାରେ ପ୍ରମୁଖ ଭୂମିକା ନେଇପାରିବେ ସେ ବିଷୟରେ ମଧ ଆଲୋକପାତ କରିଥିଲେ କ୍ଷ ତା' ବ୍ୟତୀତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ସ୍ୱାମୀଜୀଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସାଇବାବାଙ୍କ ମନ୍ଦିରରେ ପାରାୟଣ



ବାରିପଦା,୧୨।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ସହରସାହିସ୍ଥ ଶିରିଡି ସାଇବାବାଙ୍କ ମନ୍ଦିର ପରିସରରେ ସାଇ ସତଚରିତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ପୂଜକଙ୍କ ଦ୍ୱାରା ବାବାଙ୍କ ଆଳତୀ ଓ ସଂକଳ୍ପ ବିଧି ସମ୍ପନ୍ନ ହେବାପରେ ଭକ୍ତଙ୍କ ଦ୍ୱାରା 'ସାଇ ସତଚରିତ' ପାଠ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ଓ ଏହି ଅବସରରେ ଦିନବେଳେ ଓ ରାତିରେ ସମସ୍ତ ଭକ୍ତଜନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ଓ ଡଃ ପ୍ରକାଶଚନ୍ଦ୍ର ଦାଶ, ଗଗନ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସତ୍ୟଦୀପ ମହାନ୍ତି, କାଦମ୍ବିନୀ ଶତପଥି, ଶ୍ୱେତପଦ୍ମ ବେହେରା, ମମତା ଦାସ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନରହରି ରାଉତଙ୍କ ସ୍ମୃତିଚାରଣ ସଭା



ଆନନ୍ଦପୁର,୧୨।୧(ସମିସ): ବନମାଳୀ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦର ସମ୍ପାଦକ ନରହରି ରାଉତଙ୍କ ସ୍ମୃତିଚାରଣ ସଭା ନୟାଗଡ଼ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଅଛି। ସ୍ମୃତି ସଂସଦର ସଭାପତି ଶିକ୍ଷାବିତ୍ ଯଦୁନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ରତ୍ନାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କବି ମୁରଲୀ ଧର ବେହେରା, ନାରାୟଣ ସାହୁ, ସୁରେନ୍ଦ୍ର କୁମାର ପରିଡ଼ା, ବିଦ୍ୟୁତ୍ ପ୍ରଭ ଦେଓ, ଅଧ୍ୟାପିକା ନିବେଦିତା ପଣ୍ଡା, ମିହିର କୁମାର ସାହୁ, ଅନନ୍ତ ଚରଣ ମୁଦୁଲି, ଅଭୟ ସାମଲ, ସୁରେନ୍ଦ୍ର ସାହୁ, କୁଳମଣି ବଳ, ବିପିନ କୁମାର ଚକ୍ର, ଜ୍ୟୋତିର୍ମୟୀ ରାଉତ, ବିଜୟ କୁମାର କର, ନିରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର ପାତ୍ର, ପ୍ରମୁଖ କବିମାନେ କବିତା ପାଠ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଧ୍ୟାପକ ଚିତ୍ତରଞ୍ଜନ ନାୟକ ସରୋଜ ଶତପଥୀ, କୃଷ୍ଣଚନ୍ଦ୍ର ଜେନା ମଧ ନରହରି ରାଉତଙ୍କ ଗୁଣ ଗାନ କରିଥିଲେ। ଚାରଣ ଭାଇ ବାସୁଦେବ ବେହେରା, ସୁରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ବିଷ୍ଣୁ ସହସ୍ର ନାମ, ଭାଗବତ ଚର୍ଚ୍ଚା ହୋଇଥିଲା ଶଙ୍କର୍ଷଣ ସାହୁ, ସନାତନ ବେହେରା, ମୁରଲୀଧର ପରିଡ଼ା, ରାମଚନ୍ଦ୍ର ପାଗଳ, ଶିବାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଗଣେଶ୍ୱରପୁର ଗ୍ରାମରେ ଚୋରି

ବୈଶିଙ୍ଗା,୧୨।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଜଣେ ଶିକ୍ଷକ ଶଶୁର ଘରକୁ ଯାଇଥିବାବେଳେ ରବିବାର ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ସର୍ବସ୍ୱ ଲୁଟିଛନ୍ତି ଦୁର୍ବୃତ୍ତ। ଆନୁମାନିକ ୫୦ ଲକ୍ଷରୁ ଅଧିକ ସୁନା ରୁପା ଅଳଙ୍କାର ସମେତ ଆସବାବପତ୍ର ଓ ନଗଦ ୧୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁର୍ଗାପୁର ଉପକଣ୍ଠ ଗଣେଶ୍ୱରପୁର ଗ୍ରାମର ବିକର୍ତ୍ତନ ସେନାପତିଙ୍କ ୭ ପୁଅଙ୍କ ମଧ୍ୟରୁ ମଝିଆ ପୁଅ ବସନ୍ତ ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଗାଁ ମୁଣ୍ଡରେ ନୂତନ ଗୃହ ନିର୍ମାଣ କରି ୩ ବର୍ଷ ଧରି ରହୁଛନ୍ତି। ଶନିବାର ଅପରାହ୍ନରେ ବସନ୍ତ ସେନାପତି ପରିବାର ସହ ଶଶୁର ଘରକୁ ଯାଇଥିବାବେଳେ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ମହୁଲଡିହା,୧୨।୧(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡା ପଞ୍ଚାୟତର କାଦପାଣି ଗ୍ରାମରୁ ସୋମବାର ଦିନ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। କାଦପାଣି ଗ୍ରାମର କୁଶ ପୂର୍ତ୍ତି (୧୬) ଓ ସାତକୋଶିଆ ଗ୍ରାମର କାନ୍ତା ଖୁଣ୍ଟିଆ (୨୩) ବାଇକ ଯୋଗେ ଠାକୁରମୁଣ୍ଡା ବଜାରକୁ ଆସୁଥିଲେ। ହାତୀଗୋଡା ଗ୍ରାମ ନିକଟ ବାଙ୍କରେ ବାଇକ ଭାରସାମ୍ୟ ହରାଇ ସିମେଣ୍ଟ ପିଲରକୁ ଧକ୍କା ଦେବାରୁ ୨ ଜଣ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। କୁଶଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବାବେଳେ କାନ୍ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ବୋଲେରୋ ଧକ୍କାରେ ଜଣେ ମୃତ

କରଞ୍ଜିଆ,୧୨।୧(ସମିସ): ଆଜି ସନ୍ଧ୍ୟା ପ୍ରାୟ ୫.୩୦ ମିନିଟ୍ ସମୟରେ କରଞ୍ଜିଆ ଏନ୍‌ଏସି ଅନ୍ତର୍ଗତ ସରୁବାଲି ପୋଖରୀ ନିକଟରେ ବୋଲେରୋ ଗାଡ଼ି ଏକ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ କରଞ୍ଜିଆ ନୂଆସାହିର ରୂପକ ନାଏକ (୨୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥଲା। ଏହାସହିତ ଦୁଇଜଣ ଗୁରୁତର ଆହତ ହୋଇଥିଲେ। କରଡ଼ିଆ ନିବାସୀ ବାସୁଦେବ ବାରିକ ଓ ସରୁବାଲିର ଦୁର୍ଗା ଦାସ ଗୁରୁତର ହୋଇ ଚିକିତ୍ସା ନିମନ୍ତେ କରଞ୍ଜିଆ ମେଡିକାଲ୍‌ରେ ଭର୍ତି ହେଉଛନ୍ତି। ଗୁରୁତର ଦୁର୍ଗା ଦାସଙ୍କ ଦୁଇଟି ଯାକ ଗୋଡ ଭାଙ୍ଗି ଯାଇଥିବାବେଳେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବାସୁଦେବ ବାରିକ କେନ୍ଦୁଝର ସ୍ଥାନାନ୍ତର ହେଇଛନ୍ତି।

# କାଠ ବୋଝେଇ ଟ୍ରକ୍ ଜବତ; ୨ ଅଟକ

ତୁରୁମୁଙ୍ଗା,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ସାହାରପଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ଖଜୁରୀଡିହା ଛକ ନିକଟରୁ ସୋମବାର ରାତି ୮ ଟାରେ ଏକ ଆକାଶିଆ ଓ ୟୁକାଲପଟାସ କାଠ ବୋଝେଇ ଆଇଚର ଗାଡ଼ିକୁ ବନ ବିଭାଗ ଧରିଛି। ଗାଡ଼ିର ଡ୍ରାଇଭର ଓ ହେଲପରକୁ ଅଟକ ରଖିବା ସହ କାଠ ଜବତ କରିଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସମେତ ବନ କର୍ମଚାରୀ ସାମିଲ ଥିଲେ।

# ଡନ୍ ବୋସ୍କୋ ଟେକ୍‌ର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରାରୋପଣ

ମହୁଲଡିହା,୧୨।୧(ସମିସ)




ଡନ୍ ବୋସ୍କୋ ଟେକର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଡିବି ଟେକ୍ ଟ୍ରି ଇନିସିଏଟିଭ୍ ୨୦ଟି ଗଛ ରୋପଣ ଅଭିଯାନ ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଠାକୁରମୁଣ୍ଡାରେ, ଡନ୍ ବୋସ୍କୋ ଟେକ୍ କେନ୍ଦ୍ର ପରିସରରେ ଶରତ ତ୍ରିପାଠୀଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଡନ୍ ବୋସ୍କୋ ଟେକ୍‌ର ଠାକୁରମୁଣ୍ଡା କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ଉତ୍ସାହର ସହିତ ଅଂଶଗ୍ରହଣ କରି ୨୦ଟି ଗଛ ରୋପଣ କରିଥିଲେ। ସେହିପରି ସମ୍ବଲପୁରରେ, ଡନ୍ ବୋସ୍କୋ ଟେକ୍ ପକ୍ଷରୁ ଜେଏମକେ ହସ୍ପିଟାଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଷ୍ଟର ମିନି, ସିଷ୍ଟର ମର୍ସି, ସିଷ୍ଟର ସୋଫିଆ ଅଗଷ୍ଟିନ ଓ ସିଷ୍ଟର ସରିତା କୁଜୁର ଉପସ୍ଥିତ ଥିଲେ। ଡନ୍ ବୋସ୍କୋ ଟେକ୍ କର୍ମଚାରୀ, ହସ୍ପିଟାଲ କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ମିଶି ସ୍ମୃତି ସ୍ୱରୂପ ୨୦ଟି ଗଛ ରୋପଣ କରିଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମ ମାଧ୍ୟମରେ ଡନ୍ ବୋସ୍କୋ ଟେକ୍‌ର ଦକ୍ଷତା ବିକାଶ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ୨୦ ବର୍ଷର ଅବଦାନକୁ ସ୍ମରଣ କରାଯାଇଥିବା ସହ ପରିବେଶ ସୁରକ୍ଷା ପ୍ରତି ସଂସ୍ଥାର ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ରୋପିତ ଗଛର ଯତ୍ନ ଓ ସୁରକ୍ଷା କରାଯିବ ବୋଲି ଜଣାଯାଇଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ନେଣ-ଦେଣ ସମୟରେ ସତର୍କ ରୁହନ୍ତୁ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ବୈବାହିକ ଜୀବନରେ ଚାଲିଥିବା ସମସ୍ୟାରୁ ମୁକ୍ତି ମିଳିବ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି।

**କର୍କଟ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସମ୍ମାନ ହାନି ଯୋଗ। ଘରେ ପୂଜାପାଠ ଆୟୋଜନ କରିବେ। ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣି ପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ନିବେଶରୁ କ୍ଷତି ସହିବାକୁ ପଡ଼ିପାରେ।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଅନ୍‌ଲାଇନ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳି ନ ପାରେ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ।

## ଆଜିର ଇତିହାସ

- ୧୫୫୯-ଏଲିଜାବେଥ୍ ପ୍ରଥମ ଇଂଲଣ୍ଡର ସାମ୍ରାଜ୍ଞୀ ହେଲେ।
- ୧୯୧୦- ନ୍ୟୁୟର୍କରୁ ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୩୦-ମିକି ମାଉସ୍‌ର କମିକ୍ ଷ୍ଟ୍ରିପ୍ ପ୍ରକାଶ ପାଇଲା।
- ୧୯୯୫-ବେଲାରୁସ୍ ନାଟୋର ୨୪ତମ ସଦସ୍ୟ ହେଲା।
- ୨୦୦୯- ଜାମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ନ୍ୟାସନାଲ୍ କନ୍‌ଫରେନ୍ସର ଅଧ୍ୟକ୍ଷ ହେଲେ।




## ଧୂଆଁ ଉଡ଼ାନ୍ତୁ

ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧର ନିୟମ ଥିଲେ ବି ଅନେକ ଏହାକୁ ମାନି ନ ଥାନ୍ତି। ସେହିପରି ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ଏହିସବୁ ସ୍ଥାନରେ ସିସିଟିଭି ମଧ୍ୟ ନ ଥାଏ। ତେବେ ଏହି ସମସ୍ୟାର ଚୀନ୍ ଏକ ନିଆରା ସମାଧାନ ବାହାର କରିଛି। ଦକ୍ଷିଣ ଚୀନ୍‌ର ଏକ ସପିଂ ସେଣ୍ଟରର ପୁରୁଷଙ୍କ ଶୌଚାଳୟର ଦ୍ୱାରରେ ଏମିତି ଏକ କାଚ ଲଗାଇଛି, ଯାହ ଭିତରେ ଧୂମପାନ କଲେ ଏହି କାଚ ପାରଦର୍ଶୀ (ଟ୍ରାନ୍ସପରେଣ୍ଟ) ହୋଇଯିବ। ଗୁଆଙ୍ଗଡୋଙ୍ଗ ଅଞ୍ଚଳରେ ଥିବା ଶେନଜେନର ଦୁଇଟି ଜୁଏଲାରି ମଲ୍ ଶୁଇବେଇ ଇଣ୍ଟରନ୍ୟାସନାଲ ସେଣ୍ଟର ଏବଂ ଶୁଇବେଇ ଜିନଜୁଆ ବିଲଡିଂର ଏହି ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ଏହି ଗ୍ଲାସ୍‌ରେ ଏକ ବିଶେଷ ଟେକ୍ନିକ୍‌ର ଉପଯୋଗ କରାଯାଇଛି। ତେବେ ଲୋକଙ୍କୁ ଏହା ବାବଦରେ ଜଣାଇବା ପାଇଁ ଶୌଚାଳୟ ଦ୍ୱାରରେ ଏକ ନୋଟିସ୍ ଲଗାଯାଇଛି। ଏଥିରେ ଉଲ୍ଲେଖ ଅଛି, 'ଧୂମପାନ କରିବା ଦ୍ୱାରା କାଚ ପାରଦର୍ଶୀ ହୋଇଯିବ। ଯଦି ଅନଲାଇନ୍‌ରେ ଭାଇରାଲ ହେବାକୁ ଚାହାନ୍ତି ନାହିଁ, ଧୂମପାନରୁ ଦୂରେଇ ରୁହନ୍ତୁ।' ଶେନଜେନରେ ଧୂମପାନ କଡ଼ାକଡ଼ି ଭାବେ ମନା। ସେହିପରି ସପିଂ ସେଣ୍ଟର ମଧ୍ୟ ଧୂମପାନ ରହିତ ସ୍ଥାନ। କିଛି ଲୋକ ଏହି ଟେକ୍ନିକ୍‌କୁ ଜାତୀୟସ୍ତରରେ ବ୍ୟବହାର ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏହି ସିଷ୍ଟମକୁ ଅଧିକ ଅପଡେଟ୍ କରିବା ଦିଗରେ କାର୍ଯ୍ୟ ଜାରି ରହିଛି।



## ମାନିକ୍ୱିନ୍ ନା ଶବ!

ମେକ୍ସିକୋ ଚିହୁଆହୁଆସ୍ଥିତ ଏକ ବ୍ରାଇଡାଲ ସପ୍ ଦୀର୍ଘ ୯୦ ବର୍ଷ ଧରି ଗ୍ରାହକଙ୍କ ଧ୍ୟାନ ଆକର୍ଷଣର କେନ୍ଦ୍ର ପାଲଟିଛି। 'ଲା ପପୁଲାର' ନାମକ ଏହି ଦୋକାନଟି ତା'ର ପୋଷାକ କିମ୍ବା କୌଣସି ବିଶେଷ ଅଫର୍ ପାଇଁ ଚର୍ଚ୍ଚାରେ ନାହିଁ। ଏହାର ପ୍ରସିଦ୍ଧିର ମୁଖ୍ୟ କାରଣ ହେଉଛି, ଦୋକାନ ସମ୍ମୁଖରେ ଥିବା 'ଲା ପାସ୍‌କ୍ୟୁଲିଟା ମାନିକ୍ୱିନ୍'। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦୋକାନର ମାଲିକ ନିଜ ଝିଅର ମୃତ୍ୟୁ ପରେ ତାଙ୍କର ଶବକୁ ସଂରକ୍ଷଣ କରି ଏହାକୁ ମାନିକ୍ୱିନ୍ ଭଳି ସଜାଇ ରଖିଛନ୍ତି। ଏହି ଘଟଣାଟି ୨୫ ମାର୍ଚ୍ଚ, ୧୯୩୦ ମସିହାର। ଦୋକାନ ମାଲିକାଣୀ ପାସ୍‌କ୍ୟୁଲା ଏସ୍କାର୍ଜାଙ୍କ ଝିଅର ବିବାହ ଦିନ ଥିଲା। ବିବାହ ଦିନ ଝିଅଟିର ମୃତ୍ୟୁ ହୋଇ ଯାଇଥିଲା। ତେବେ କୌଣସି ବିଷାକ୍ତ ବୁଢ଼ିଆଣୀ କାମୁଡ଼ିବାରୁ କିମ୍ବା ତାଙ୍କ ମା' ଏହି ବିବାହରେ ରାଜି ନଥିବାରୁ ସେ ବିଷପିଇ ଆତ୍ମହତ୍ୟା କରିଥିବା ଲୋକେ କୁହନ୍ତି। ଝିଅର ପିତା ଶବକୁ ପୋତିବା ପରିବର୍ତ୍ତେ ଏହାକୁ ସଂରକ୍ଷଣ କରି ଦୋକାନ ସମ୍ମୁଖରେ ବିବାହ ପୋଷାକ ପିନ୍ଧାଇ ଛିଡ଼ା କରି ଦେଇଥିବା ସ୍ଥାନୀୟ ଲୋକେ କୁହନ୍ତି। କାରଣ ମାନିକ୍ୱିନ୍‌ଟି ଅବିକଳ ଦୋକାନ ମାଲିକଙ୍କ ଝିଅ ଭଳି ଦେଖାଯାଉଥିଲା। ଏହି ଘଟଣାକୁ ୯୦ ବର୍ଷ ବିତି ଯାଇଥିଲେ ମଧ୍ୟ ପାସ୍‌କ୍ୟୁଲିଟା ସେହିପରି ସେଠାରେ ରହିଛି। ଏହି ମାନିକ୍ୱିନ୍‌କୁ ଦେଖିବା ପାଇଁ ଦୋକାନକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସନ୍ତି। କିଛି ଲୋକଙ୍କ କହିବାନୁଯାୟୀ, ପାସ୍‌କ୍ୟୁଲିଟା ଆଖି ହଲାଇବା ସହ ହାତ ମଧ୍ୟ ହଲାଇଥାଏ। ସେହିପରି କିଛି ସ୍ଥାନୀୟ ଲୋକଙ୍କ କହିବାକଥା, ଏହି ମାନିକ୍ୱିନ୍‌ଟି ରାତିରେ ଜୀବନ୍ତ ହୋଇଯାଏ ଓ ଏହା ନିଜେ ପୋଷାକ ବଦଳାଇଥାଏ। ଏନେଇ ଦୋକାନର ମାଲିକ ଓ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ କହିବାକଥା, ଏହା ଏକ ହାଇ ବଜେଟ୍‌ର ମ୍ୟାନିକ୍ୱିନ୍। ୧୯୩୦ ମସିହାରେ ଏହା ନୂଆ ଆସିଥିବାରୁ ଲୋକେ ଏହାକୁ ଶବକୁ ସଂରକ୍ଷଣ କରାଯାଇଥିବା କଥା ଭାବୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ମାନିକ୍ୱିନ୍‌ର ଭିଡିଓ ବେଶ୍ ଭାଇରାଲ ହେଉଛି।



## ଅଲଗା ହେଲେ ତାରା-ବୀର!

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ଓ ବୀର ପହାରିଆଙ୍କ ପ୍ରେମ ସମ୍ପର୍କ ଅନେକ ଦିନରୁ ଖବରର ଶିରୋନାମା ପାଲଟିଥିଲା। ଏବେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବରୁ ଉଭୟ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଏହାପରେ ଉଭୟଙ୍କୁ ଅନେକ ବଲିଉଡ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା। ଏକ ପଡ୍‌କାଷ୍ଟରେ ମଧ୍ୟ ତାରା, ବୀରଙ୍କ କଥା କହିଥିଲେ। ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, ତାରା ଓ ବୀର ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏପି ଢିଲୋନଙ୍କର ଏକ କନସର୍ଟକୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ହେବାପରେ ଉଭୟ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନିକଟରେ ମୁମ୍ବାଇରେ ଏପି ଢିଲୋନଙ୍କର ଏକ କନସର୍ଟରେ ତାରା ଓ ବୀର ଯୋଗ ଦେଇଥିଲେ। ଏଥିରେ ଏପି ଢିଲୋନଙ୍କ ସହ ତାରା ମଞ୍ଚରେ ନାଚୁଥିଲେ। ବୀର ମଞ୍ଚ ତଳେ ରହି ତାରାଙ୍କୁ ସମର୍ଥନ କରୁଥିଲେ। ଏହି ସମୟରେ ଏପି ଢିଲୋନ ତାରାଙ୍କୁ ନିବିଡ଼ ଆଲିଙ୍ଗନ କରିଥିଲେ। ଏହାକୁ ମଞ୍ଚ ତଳେ ଉପସ୍ଥିତ ଥିବା ବୀର ସହଜରେ ଗ୍ରହଣ କରିପାରି ନ ଥିଲେ। ଏବେ ବୀରଙ୍କର ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାକୁ ଲାଗୁଛି। ଯଦିଓ ଉଭୟ ବ୍ରେକ୍‌ଅପ୍ ଖବର ଉପରେ କିଛି ମନ୍ତବ୍ୟ ନେଇ ନାହାନ୍ତି, କିନ୍ତୁ ଏହି କନସର୍ଟ ଯୋଗୁଁ ବୀର ଓ ତାରାଙ୍କ ସମ୍ପର୍କରେ ତିକ୍ତତା ଆସିଥିବା ଚର୍ଚ୍ଚା ହେଉଛି।






## ପ୍ରାଣୀପାଳକଙ୍କ ପାଇଁ ଉପଯୋଗୀ ଯନ୍ତ୍ର

ଗାଈ, ଛେଳି, ମଇଁଷିଙ୍କ ଶାରୀରିକ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଆବଶ୍ୟକ। ହେଲେ ବଜାରରେ ମିଳୁଥିବା ଖାଦ୍ୟ ସପ୍ଲିମେଣ୍ଟ ଅଧିକ ମହଙ୍ଗା ଥିବାରୁ କ୍ଷୁଦ୍ର ଚାଷୀ ଏହାକୁ କିଣି ପାରନ୍ତି ନାହିଁ। ଫଳରେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ପ୍ରଭାବିତ ହୁଏ। ତେଣୁ ଏହି ସମସ୍ୟାକୁ ଦୂର କରିବାକୁ ପଶ୍ଚିମବଙ୍ଗ, ଜଲପାଇଗୁଡି ଜିଲ୍ଲାର ୩୯ ବର୍ଷୀୟ କର୍ଣ୍ଣଦେବ ରାୟ ଏକ ଉପଯୋଗୀ ଏବଂ ଶସ୍ତା ଯନ୍ତ୍ର ତିଆରି କରିଛନ୍ତି। ଏହାକୁ ୟୁରିଆ ମିନେରାଲ ମୋଲାସେସ ବ୍ଲକ୍ ମେକର୍ କୁହାଯାଏ। ଏହା ପ୍ରାଣୀଙ୍କ ଲାଗି ପୋଷକଯୁକ୍ତ ମିନେରାଲ ବ୍ଲକ୍ ତିଆରି କରେ। ଯାହା ଦ୍ୱାରା ଗାଈ ଏବଂ ଛେଳିଙ୍କୁ ଆବଶ୍ୟକୀୟ ଖଣିଜଦ୍ରବ୍ୟ ଓ ଭିଟାମିନ୍ ମିଳିଥାଏ। ଏହି ଯନ୍ତ୍ର ଏକ ଘଣ୍ଟାରେ ୨୦ରୁ ୨୫ ପୋଷକଯୁକ୍ତ ବ୍ଲକ୍ ତିଆରି କରିପାରିବ। ଗାଈ ଦୁଗ୍ଧ ଉତ୍ପାଦନରେ ଏହି ବ୍ଲକ୍ ଅଧିକ ପ୍ରଭାବୀ। ସେହିପରି ଛେଳିଙ୍କ ଶାରୀରିକ ଓଜନ ବୃଦ୍ଧି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯନ୍ତ୍ରଟି ୬୫ କିଲୋ। ଏହା ମଜବୁତ। ଏହା ୨୨ ଇଞ୍ଚ ଲମ୍ବା, ୧୧.୫ ଚଉଡ଼ା ଏବଂ ୩୬ ଇଞ୍ଚ ଉଚ୍ଚା। ଏହାକୁ ଚାଷୀମାନେ ନିଜ ସୁବିଧା ଅନୁସାରେ ବ୍ୟବହାର କରି ପାରିବେ। ଏହି ବ୍ଲକ୍‌ର ବ୍ୟବହାର କେବଳ ପ୍ରାଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବ ତାହା ନୁହେଁ ବରଂ ଗ୍ରାମୀଣ ଯୁବପିଢ଼ିଙ୍କୁ ରୋଜଗାରର ଅବସର ଦେବ।

## କୁକୁଡ଼ା ମଳରୁ ଜୈବିକ ଖତ



ଫସଲ ବୃଦ୍ଧି ପାଇଁ ଚାଷୀମାନେ ୟୁରିଆ, ଡିଏପି ଏବଂ ଅନ୍ୟାନ୍ୟ ରାସାୟନିକ ସାର ପ୍ରାୟତଃ ବ୍ୟବହାର କରିଥାନ୍ତି। କାଳକ୍ରମେ ଏହା ମାଟିର ଉର୍ବରତାକୁ ହ୍ରାସ କରିଥାଏ। କୁକୁଡ଼ା ମଳ ଓ ମୂତ୍ର ଫସଲରେ ଉତ୍କୃଷ୍ଟ ଜୈବିକ ଖତ ଭାବେ କାମ ଦିଏ। ଏହା ମାଟି ସଂରଚନା ସୁଧାରିବା ସହ ଜିଆ ବୃଦ୍ଧିରେ ସାହାଯ୍ୟ କରେ। ସାଧାରଣତଃ ଫାର୍ମରେ କୁକୁଡ଼ା ରହିବା ପାଇଁ କୁଣ୍ଡା ଓ ଭୁସି ତଳେ ପକାଯାଇଥାଏ। କୁକୁଡ଼ା ଏହା ଉପରେ ମଳ ଓ ପରିସ୍ରା କରନ୍ତି। ଏହା କିଛି ସମୟ ପରେ ପୋଷକତତ୍ତ୍ୱଯୁକ୍ତ ଜୈବିକ ଖତରେ ବଦଳିଯାଏ। ତେଣୁ ପୋଲଟ୍ରିଫାର୍ମରୁ ବାହାରୁଥିବା ଏହି ବର୍ଜ୍ୟକୁ ଦୈନିକ ଏକାଠି କରି ସୁରକ୍ଷିତ ସ୍ଥାନରେ ରଖି ଜମିରେ ଖତରୂପେ ବ୍ୟବହାର କରାଯାଇପାରିବ। ଏହା ମାଟିକୁ ଫସ୍‌ଫସିଆ କରିଥାଏ। ରାସାୟନିକ ସାରଠାରୁ ଏହା ବେଶ୍ ପ୍ରଭାବୀ। ଧାନ, ପରିବା, ଫଳ ଗଛରେ ଏହାକୁ ଆବଶ୍ୟକତା ଅନୁସାରେ ପ୍ରୟୋଗ କରିବା ଆବଶ୍ୟକ। ଡିପ୍‌ଲିଟର ପଦ୍ଧତିରେ କୁକୁଡ଼ା ପାଳନ କରୁଥିବା ଚାଷୀଙ୍କ ପାଇଁ ଏହା ସାରର ଏକ ଉତ୍କୃଷ୍ଟ ଉତ୍ସ ଅଟେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିଘରାକୁ ନଡ଼ା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ।
- ଧାନ ତଳି ଉପାଡ଼ିବା ୨ରୁ ୩ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ।
- ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି। ତେଣୁ ନିୟମିତ ଫସଲରେ ପୋକ ଓ ରୋଗର ସର୍ବେକ୍ଷଣ କରନ୍ତୁ।
- ଗୋଲାପ ଗଛରେ ଉକୁଣିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଫିନୋପାଇରକ୍ସିମେଟ ୫% ଇସି ୨ ମିଲି ମିଶାଇ ସିଞ୍ଚନ କରନ୍ତୁ।
- ଗାଈଙ୍କୁ ଚର୍ମବିଣ୍ଡି ରୋଗ ହେଲେ ଦେହରେ ଆବୁ ଫଳିବା ସହ ଜ୍ୱର ଆସେ। ରୋଗ ମୁଖ୍ୟତଃ ମଶା, ମାଛି ଦ୍ୱାରା ବ୍ୟାପିଥାଏ। ତେଣୁ ଗୁହାଳକୁ ସଫା ରଖନ୍ତୁ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

## ପିଆଜ ଚାରାରୋପଣର ପରବର୍ତ୍ତୀ ଯତ୍ନ

**ଆମ ରାଜ୍ୟର ଚାଷୀଭାଇ ପ୍ରତିବର୍ଷ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ପିଆଜ ଚାରା ପକାନ୍ତି। ଡିସେମ୍ବର ସୁଦ୍ଧା ଚାରାକୁ ମୁଖ୍ୟ ଜମିରେ ଲଗାଇଥାନ୍ତି। ତେବେ ଜାନୁଆରୀରେ ପିଆଜ ଚାରା ରୋପଣର ପରବର୍ତ୍ତୀ ଯତ୍ନ ତଥା ଖତସାର ପ୍ରୟୋଗ ଓ ଜଳସେଚନ ଉପରେ ଅଧିକ ଧ୍ୟାନ ନ ଦେଲେ ଲାଭଯୁକ୍ତ ଅମଳ ମିଳିପାରି ନ ଥାଏ। ଏଥିପ୍ରତି ସତର୍କ ରହିବା ଜରୁରି।**

ବର୍ତ୍ତମାନ ପିଆଜର ଆକାର ଏବଂ ଓଜନ ବୃଦ୍ଧି ହେବାର ସମୟ। ଏହି ସମୟରେ ଜମିରେ ଆର୍ଦ୍ରତା ଅଧିକ କିମ୍ବା ବହୁତ କମ୍ ହେଲେ ପିଆଜର ବିକାଶ ହୁଏନି। ତେଣୁ ହେକ୍ଟର ପ୍ରତି ୧୨୦ କିଗ୍ରା. ଯବକ୍ଷାରଜାନ, ୬୦କିଗ୍ରା. ଫସ୍‌ଫରସ୍ ଏବଂ ୬୦ କିଗ୍ରା. ପଟାସ ସାର ପ୍ରୟୋଗ ଆବଶ୍ୟକ।

**ଜଳସେଚନ:** ତଳି ଲଗାଇବାର ପରବର୍ତ୍ତୀ ଅବସ୍ଥାରେ ମାଟିର ଜଳଧାରଣ କରିବା କ୍ଷମତାକୁ ବିଚାରକୁ ନେଇ ଜଳସେଚନର ବ୍ୟବସ୍ଥା କରିବାକୁ ପଡ଼ିଥାଏ। ଅଧିକ ଜଳ ଏବଂ ବାରମ୍ବାର ୟୁରିଆ ପ୍ରୟୋଗ ଯୋଗୁଁ ଗଛ ମୂଳ ସଡ଼ି ଥାଏ। ତେଣୁ ପାଗ ଦେଖି ଜମିରେ ପାଣି ମଡ଼େଇବା ଭଲ। ପିଆଜଗଛର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ମାଟିର ଉପରି ଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରହିବା ଦରକାର। କିନ୍ତୁ ଜମିରେ ପାଣି ଜମି ରହିବା ଅନୁଚିତ। ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ ଅଧିକଥର (ଲଗାଇବାର ୬୦ ଦିନରୁ ୧୧୦ ପର୍ଯ୍ୟନ୍ତ) ପାଣି ମଡ଼ାଇବା ଆବଶ୍ୟକ। ଫସଲରେ ଘାସ ନିୟନ୍ତ୍ରଣ କରିବା ଜରୁରି।

ସେହିପରି ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରି ଦିଅନ୍ତୁ। ସକାଳ ଏବଂ ସନ୍ଧ୍ୟା ସମୟରେ ହାଲୁକା ପାଣି ଦେଇ ପାରିବେ।



## ଏ ମାସର ଚାଷ

**ଶୀତରତୁରେ କମ୍ ତାପମାତ୍ରାରେ ବିଭିନ୍ନ ପ୍ରକାର ପନି ପରିବା ଚାଷ କରାଯାଏ। ନିର୍ଦ୍ଦିଷ୍ଟ ଚାଷପାଇଁ ଜମି ପ୍ରସ୍ତୁତ ହୁଏ। ତାହା ସହିତ ଏହି ମାସରେ ମୃତ୍ତିକା ପରୀକ୍ଷା, ଉଚିତ ମାତ୍ରାର ପୋଷକତତ୍ତ୍ୱ, ଜଳ ପ୍ରୟୋଗ ଏବଂ ଘାସ ନିୟନ୍ତ୍ରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।**

ଚାଷ ପୂର୍ବରୁ ମାଟି ପ୍ରସ୍ତୁତ କରାଯାଏ। ଏଥିପାଇଁ ଜମିରେ ଗୋବର, ଖତ କିମ୍ବା କୋକୋପିଟ୍ ମିଶାଇ ଜମି ପ୍ରସ୍ତୁତ କରିପାରିବେ। ଏହାଦ୍ୱାରା ସଠିକ୍ ସମୟରେ ଜଳ ସିଞ୍ଚନ, ଜୈବିକ ଖତ ବ୍ୟବହାର ଏବଂ କୀଟନିୟନ୍ତ୍ରଣ ଦ୍ୱାରା ଫସଲ ଗୁଣବତ୍ତା ଏବଂ ଉତ୍ପାଦନ



ଉଭୟ ବଢ଼ିଥାଏ। ଅତ୍ୟାଧୁନିକ କୌଶଳରେ ବ୍ରୋକଲି ଚାଷ କରାଯାଇପାରିବ।

- ଆଳୁ, ଟମାଟୋ, ବାଇଗଣ, ମଟର, ଲାଉ, ମେଥି, ପାଳଙ୍ଗ, ମୂଳା, ବିଟ୍, ଫ୍ରେଞ୍ଚବିନ୍, କଲରା, ପୋଟଳ ଲେମ୍ବୁ, ଅମୃତଭଣ୍ଡା ଚାଷ ପାଇଁ ଏବେ ବିହନ ବୁଣି ପାରିବେ।
- ମଟର ଫସଲରେ ପାଉଡରି ମିଲଡ୍ୟୁ ବା ପତ୍ର ପାଉଁଶିଆ ରୋଗ ଦେଖାଦେଲେ ପରିଚାଳନା କରନ୍ତୁ। ଚଣା, ମଟର ଏବଂ ମସୁର ଫସଲରେ ଜଳ ସିଞ୍ଚନରେ ଧ୍ୟାନ ଦେବା ଜରୁରି। ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସୁବନ୍ଦୋବସ୍ତ କରନ୍ତୁ।
- ପାଳଙ୍ଗ, ମେଥି ଏବଂ ଧଣିଆ ପତ୍ରକୁ କାଟି ବଜାରକୁ ପଠାନ୍ତୁ। ଏଥିରୁ ମଞ୍ଜି ରଖିବାକୁ ଚାହୁଁଥିଲେ, ପତ୍ର କାଟିବା ସ୍ଥଗିତ ରଖନ୍ତୁ।

ସକାଳ
THE SAKALA
www.sakalaepaper.com

## ସୋଫିଙ୍କ ସହ ଧାୱନଙ୍କ ନିର୍ବନ୍ଧ



ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଓ ତାଙ୍କର ବାନ୍ଧବୀ ଆୟର୍ଲାଣ୍ଡର ସୋଫି ସାଇନଙ୍କ ମଧ୍ୟରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ୪୦ ବର୍ଷୀୟ ଧାୱନ ଏହି ସୂଚନା ତାଙ୍କର ପ୍ରଶଂସକଙ୍କୁ ଜଣାଇଛନ୍ତି। ଉଭୟ ଧାୱନ ଓ ସୋଫିଙ୍କ ହାତ ଏହି ଫଟୋରେ ରହିଛି। ଯେଉଁଥିରେ ସୋଫିଙ୍କ ହାତରେ ନିର୍ବନ୍ଧ ମୁଦି ପିନ୍ଧି ଦେଖିବାକୁ ମିଳୁଛି। 'ଆମର ନିର୍ବନ୍ଧ ଲାଗି ଦେଇଥିବା ଭଲପାଇବା, ଆଶୀର୍ବାଦ ଓ ଶୁଭକାମନା ଲାଗି ଋଣୀ। ସବୁଦିନ ଲାଗି ଆମେ ଏକାଠି ରହିବା ଲାଗି ନିଷ୍ପତ୍ତି ନେଇଛୁ' ବୋଲି ଧାୱନ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଫେବୃଆରୀ ୩ୟ ସପ୍ତାହରେ ଧାୱନ ଓ ସୋଫିଙ୍କ ବିବାହ ଦିଲ୍ଲୀ-ଏନସିଆର୍‌ର ଏକ ବଡ଼ ହୋଟେଲରେ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରକାଶଯୋଗ୍ୟ, ଗତବର୍ଷ ଚାମ୍ପିଅନ୍ସ ଟ୍ରଫି ସମୟରେ ଧାୱନ ଓ ସୋଫିଙ୍କ ସମ୍ପର୍କକୁ ନେଇ ପ୍ରଥମେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଧାୱନଙ୍କ ଏହା ୨ୟ ବିବାହ ହେବ। ଏଥିପୂର୍ବରୁ ସେ ୨୦୧୨ରେ ତାଙ୍କଠାରୁ ୮ ବର୍ଷ ବଡ଼ ଅଷ୍ଟ୍ରେଲୀୟ କିକ୍‌ବକ୍ସର ଆୟେଶା ମୁଖାର୍ଜୀଙ୍କ ବିବାହ କରିଥିଲେ। ତେବେ ୨୦୨୩ ଅକ୍ଟୋବରରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା।

## ଦ୍ୱିତୀୟ ବିବାହ କଲେ ମଣ୍ଟି ପାନିସାର୍



ଲଣ୍ଡନ, ୧୨।୧ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ପଞ୍ଜାବୀ କ୍ରିକେଟର ମଣ୍ଟି ପାନିସାର୍ ଦ୍ୱିତୀୟ ବିବାହ କରିଛନ୍ତି। ଗତକାଲି ସେ ସୁବ୍ରାନି ଜୋହାଲଙ୍କୁ ବିବାହ କରିଥିବା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ପୂର୍ବରୁ ଗୁରୁଶରର ରତନଙ୍କ ସହ ପାନିସାର୍‌ଙ୍କର ବିବାହ ହୋଇଥିଲା। କିନ୍ତୁ ଏହା ୩ ବର୍ଷରେ ଭାଙ୍ଗିଯାଇଥିଲା। ବିବାହ ବିଚ୍ଛେଦ ହେଲା ବେଳକୁ ପାନିସାର୍‌ଙ୍କୁ ମାତ୍ର ୩୧ ବର୍ଷ ହୋଇଥିଲା। ଏବେ ସେ ୪୩ ବର୍ଷରେ ଲିସେଷ୍ଟର ବାସିନ୍ଦା ମିଡ୍ ଏଜୁକେସନାଲ ଟ୍ରଷ୍ଟରେ କାର୍ଯ୍ୟକରୁଥିବା ଜୋହାଲଙ୍କୁ ବିବାହ କରିଛନ୍ତି। ଜଣେ ସ୍ପିନର ଭାବେ ଇଂଲଣ୍ଡ ପକ୍ଷରୁ ୫୦ଟି ଟେଷ୍ଟ, ୨୬ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୧୬୭, ୧୭ ଓ ୨ଟି ୱିକେଟ ଅକ୍ତିଆର କରିଛନ୍ତି।

### ମହିଳା ପ୍ରିମିୟର ଲିଗ୍

# ନାଦିନ, ଶ୍ରେୟଙ୍କାଙ୍କ ଚମତ୍କାର ବୋଲିଂ

ନଭି ମୁମ୍ବଇ, ୧୨।୧ (ଏଜେନ୍ସି)



ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଓ ସ୍ପିନର ଶ୍ରେୟଙ୍କା ପାଟିଲଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମହିଳା ପ୍ରିମିୟର ଲିଗ୍‌ର ୫ମ ଲିଗ୍ ମ୍ୟାଚ୍‌ରେ ୟୁପି ୱାରିୟର୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ୟୁପି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୫ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଡିଆଣ୍ଡ୍ରା ଡଟିନ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୪୦ ଓ ଦୀପ୍ତି ଶର୍ମା ୪୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଏଠାରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳୁଥିବା ବେଙ୍ଗାଲୁରୁ ଉଦଘାଟନୀ ମୁକାବିଲାରେ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା।

ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ବେଙ୍ଗାଲୁରୁ ଅଧିନାୟିକା ସ୍ମୃତି ମନ୍ଧାନା ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତିବା ପରେ ୟୁପିକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ୟୁପି ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ କ୍ରମାଗତ ୱିକେଟ ହରାଇଥିଲେ। ଦଳ ୨୧ ରନ୍‌ରେ ପ୍ରଥମ ୱିକେଟ ହରାଇବା ପରେ ୯ମ ଓଭର ବେଳକୁ ୫୦ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଦଳର ଦୁଇ ଅଲରାଉଣ୍ଡର ଦୀପ୍ତି ଶର୍ମା ଓ ଡିଆଣ୍ଡ୍ରା ଡଟିନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ପ୍ରଦର୍ଶନ କରି ୟୁପିକୁ ବିପଦରୁ ଉଦ୍ଧାର କରିଥିଲେ। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡିରୁ ୭୦ ବଲ୍‌ରେ ୯୩ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦୀପ୍ତି ୩୫ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ସର୍ବାଧିକ ୪୫ ଏବଂ ଡଟିନ୍ ୩୭ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୪୦ ରନ୍ କରିଥିଲେ। ଫଳରେ ୟୁପି ୧୦୦ ରନ୍ ଅତିକ୍ରମ କରିବା ସହ ବୋଲରମାନଙ୍କ ଲାଗି କିଛିଟା ସୁଯୋଗ ସୃଷ୍ଟି କରିଛନ୍ତି। ଉଭୟ ଖେଳାଳିଙ୍କ ଲଢୁଆ ବ୍ୟାଟିଂ ଦଳ ଲାଗି ନୂଆ ସମ୍ଭାବନା ସୃଷ୍ଟି କରିବା ସହ ବେଙ୍ଗାଲୁରୁ ଆଗରେ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି।

ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରି ପ୍ରତିପକ୍ଷ ଦଳକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଲୌରା ବେଲ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା।

### ● ମୁମ୍ବଇ ମ୍ୟୁନ୍‌ସିପାଲ ନିର୍ବାଚନ

## ଦର୍ଶକଙ୍କ ବିନା ଖେଳାଯିବ ୨ଟି ମ୍ୟାଚ୍

ମୁମ୍ବଇ, ୧୨।୧ (ଏଜେନ୍ସି): ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ବିନା ଦର୍ଶକରେ ଖେଳାଯିବ ମହିଳା ପ୍ରିମିୟର ଲିଗ୍‌ର ୨ ଦିନର ମ୍ୟାଚ୍। ଏହା ଫଳରେ କ୍ରମାଗତ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଖେଳ ଦେଖିବାକୁ ଦର୍ଶକ ବଞ୍ଚିତ ହେବେ। ଘଟଣାରୁ ଜଣାଯାଇଛି ଜାନୁଆରୀ ୧୫ରେ ମୁମ୍ବଇରେ ମ୍ୟୁନ୍‌ସିପାଲ ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ପୁଲିସ୍ ନିର୍ବାଚନରେ ବ୍ୟସ୍ତ ରହୁଥିବାରୁ ଜାନୁଆରୀ ୧୪ ଓ ୧୫ରେ ଷ୍ଟାଡିୟମ୍‌ରେ ସୁରକ୍ଷା ଯୋଗାଇ ଦେଇପାରିବ ନାହିଁ ବୋଲି ବିସିସିଆଇକୁ ଜଣାଇ ଦିଆଯାଇଛି। ଫଳରେ ଏହି ଦୁଇ ଦିନ ଦର୍ଶକଙ୍କ ଲାଗି ଷ୍ଟାଡିୟମ୍ ବନ୍ଦ ରହିବ। ୧୪ରେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ୟୁପି ୱାରିୟର୍ଜ, ୧୫ରେ ମୁମ୍ବଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ଜ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଗ୍ରହୀ ଦର୍ଶକମାନେ ଟେଲିଭିଜନରେ ଏହି ଖେଳ ଉପଭୋଗ କରିପାରିବେ।

### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍

## ପନ୍ତଙ୍କ ପରେ ସୁନ୍ଦର


ଭଦୋଦରା, ୧୨।୧ (ଏଜେନ୍ସି): ଦୀର୍ଘ ୩ ସପ୍ତାହ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଭାରତୀୟ ଦଳ ଆଘାତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜ୍‌ରୁ ୱାଶିଂଟନ ସୁନ୍ଦର ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ଦଳରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ସିରିଜ୍ ଆରମ୍ଭ ହେବା ପୂର୍ବରୁ ୱିକେଟରକ୍ଷକ ଋଷଭ ପନ୍ତ ବାଦ୍ ପଡ଼ିଥିଲେ। ନ୍ୟୁଜିଲାଣ୍ଡ ସହ ପ୍ରଥମ ଦିନିକିଆରେ ବୋଲିଂ କରୁଥିଲାବେଳେ ବଲ ଫିଲ୍ଡି କରିବାକୁ ଯାଇ ସୁନ୍ଦର ଆହତ ହୋଇଛନ୍ତି। ତାଙ୍କ ମାଂସପେସୀ ଟାଣି ହୋଇଯାଇଥିବା ଜାଣିବାକୁ ମିଳିଛି। ଫଳରେ ସେ ମାତ୍ର ୫ ଓଭର ବୋଲିଂ କରିପାରିଥିଲେ। ରନ୍ ଚେଜ୍ କଲାବେଳେ ମଧ୍ୟ ବହୁ କଷ୍ଟରେ ବ୍ୟାଟିଂ କରିଥିଲେ ସୁନ୍ଦର। ଖେଳ ପରେ ତାଙ୍କ ଆଘାତ ସମସ୍ୟାର ତର୍ଜମା କରାଯାଇଥିଲା। ସେଥିରେ ସମସ୍ୟା ଗମ୍ଭୀର ଥିବାରୁ ତାଙ୍କୁ ସିରିଜ୍‌ର ଅବଶିଷ୍ଟ ୨ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ଦିଲ୍ଲୀ ରଣଜୀ ଦଳର ଅଧିନାୟକ ଆୟୁଷ ବଦୋନିଙ୍କୁ ସାମିଲ କରାଯାଇଛି। ପୂର୍ବରୁ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଟି-୨୦ ସିରିଜ୍ ଲାଗି ମନୋନୀତ ତିଲକ ବର୍ମାଙ୍କୁ ମିଶାଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ମନୋନୀତ ହୋଇଥିବା ୩ଜଣ ଖେଳାଳି ଆଘାତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି।

## ଟି-୨୦ ବିଶ୍ୱକପ୍: ତିରୁଅନନ୍ତପୁରମ, ଚେନ୍ନଇରେ ଖେଳିପାରେ ବାଂଲାଦେଶ

ଦୁବାଇ, ୧୨।୧ (ଏଜେନ୍ସି): ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ଆଇସିସିକୁ ଅନୁରୋଧ କରିଛି। କିନ୍ତୁ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ। କିନ୍ତୁ ବାଂଲାଦେଶର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର ନ କରିବାକୁ ଆଇସିସି ଓ ସହ ଆୟୋଜକ ବିସିସିଆଇ ରାଜି ନୁହଁନ୍ତି। ବାଂଲାଦେଶ ତାହାର ଲିଗ୍ ମ୍ୟାଚ୍ କୋଲକାତା ଓ ମୁମ୍ବଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଏହି ଦୁଇଟି ଭେନ୍ୟୁକୁ ତାମିଲନାଡୁର ଚେନ୍ନଇ ଓ କେରଳର ତିରୁଅନନ୍ତପୁରମରେ ଆୟୋଜନ କରିବାକୁ ଯୋଜନା ହୋଇଛି। ଉଭୟ ରାଜ୍ୟର କ୍ରିକେଟ ବୋର୍ଡକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଦୁଇଟି ରାଜ୍ୟରେ ବାଂଲା ବିରୋଧି ମନୋଭାବ ସାଧାରଣତଃ ନାହିଁ। ଏଣୁ ମ୍ୟାଚ୍ ସେଠାରେ ମ୍ୟାଚ୍ ହେଲେ ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ଉଭୟ ଆଇସିସି ଓ ବିସିସିଆଇ ଆଶା ପ୍ରକାଶ କରିଛନ୍ତି।

## ମା'ଙ୍କ ନିକଟକୁ ସମସ୍ତ ଟ୍ରଫି ପଠାଇଥା'ନ୍ତି କୋହଲି



ଭଦୋଦରା, ୧୨।୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚକୁ ଘରୋଇ ଭାରତ ୪ ୱିକେଟ୍‌ରେ ଜିତିନେଇଛି। ୯୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିବା ବିରାଟ କୋହଲି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୭୧ଥର ଲାଗି କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିଭଳି ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ୪୫ତମ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଥିଲା। ପୁରସ୍କାର ଗ୍ରହଣ ଅବସରରେ ବିରାଟ କୋହଲି ଏକ ବଡ଼ ଖୁଲାସା କରିଛନ୍ତି। 'ତୁମ ପାଖରେ କେତୋଟି ପ୍ଲେୟର ଅଫ୍ ଦି ଆୱାର୍ଡ ଟ୍ରଫି ରହିଛି' ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ୩୭ ବର୍ଷୀୟ କୋହଲି କହିଥିଲେ ଯେ 'ସତ କହିବାକୁ ଗଲେ ମୋର କୌଣସି ଧାରଣା ନାହିଁ। ମୁଁ ମୋର ସମସ୍ତ 'ପ୍ଲେୟର ଅଫ୍ ଦି ମ୍ୟାଚ୍ ଟ୍ରଫି' ଗୁରୁଗ୍ରାମରେ ରହୁଥିବା ମା'ଙ୍କ ନିକଟକୁ ପଠାଇ ଦେଇଥାଏ। ମୋ ମା' ପୁରସ୍କାର ରଖିବାକୁ ବହୁତ ଭଲ ପାଆନ୍ତି।

### ମହମ୍ମଦ୍ ନବିଙ୍କ ସ୍ୱପ୍ନ ପୂରଣ ହେଲା

## ବିପିଏଲ୍‌ରେ ଏକାଠି ଖେଳିଲେ ବାପ-ପୁଅ



ସିଲହଟ୍, ୧୨।୧ (ଏଜେନ୍ସି): ପୁଅ ହାସନ ଐସାଖିଲଙ୍କ ସହ ଏକାଠି ଖେଳିବାକୁ ଆଫଗାନିସ୍ତାନର କିଂବଦନ୍ତି କ୍ରିକେଟର ମହମ୍ମଦ୍ ନବି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଗତକାଲି ଅନୁଷ୍ଠିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ପୂରଣ ହୋଇଛି। ଢାକା କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଉଭୟ ୪୧ ବର୍ଷୀୟ ବାପ ନବି ଓ ୧୯ ବର୍ଷୀୟ ପୁଅ ଐସାଖିଲ ନୋଆଖାଲି ଏକ୍ସପ୍ରେସ୍ ଟିମ୍‌ରୁ ଖେଳିଥିଲେ। କେବଳ ଉଭୟ ମ୍ୟାଚ୍ ଖେଳି ନ ଥିଲେ, ବରଂ ଦଳକୁ ୪୧ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ କରାଇଥିଲେ। ଏହି ମ୍ୟାଚ୍‌ରେ ଐସାଖିଲ ଇନିଂସ ଓପନ କରି ୯୨ ରନ୍ କରିଥିଲେ। ସେ ମଧ୍ୟ ପିତା ନବିଙ୍କ ସହ ୫୩ ରନ୍‌ର ପାର୍ଟନରସିପ୍ କରିଥିଲେ। ଏହି ମ୍ୟାଚ୍ ବିଜୟୀ ଇନିଂସ ଯୋଗୁଁ ଐସାଖିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ■ ବିଜୟ ହଜାରେ ଟ୍ରଫି

## ସେମିରେ କର୍ଣ୍ଣାଟକ, ସୌରାଷ୍ଟ୍ର

ବେଙ୍ଗାଲୁରୁ, ୧୨।୧ (ଏଜେନ୍ସି): କର୍ଣ୍ଣାଟକ ଓ ସୌରାଷ୍ଟ୍ର ଚଳିତବର୍ଷର ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଏଠାରେ ପ୍ରଥମ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଭିଜେଡି ମେଥଡ ଅନୁଯାୟୀ ମୁମ୍ବଇକୁ ୯ ୱିକେଟରେ ଓ ସୌରାଷ୍ଟ୍ର ୭ ୱିକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ସହ ବିଦର୍ଭର ଓ ପଞ୍ଜାବ ସହ ମଧ୍ୟପ୍ରଦେଶର ମୁକାବିଲା ହେବ। ଆଜିର ପ୍ରଥମ କ୍ୱାର୍ଟରରେ ବ୍ୟାଟିଂ କରି ମୁମ୍ବଇ ୮ ୱିକେଟରେ ୨୫୪ ରନ୍ କରିଥିଲା। ସ୍ପିନ ଅଲରାଉଣ୍ଡର ସାମ୍ସ ମୁଲାନି ୮୬, ଅଧିନାୟକ ସିଦ୍ଧେଶ ଲାଡ ୩୮ ଓ ସାଇରାଜ ପାଟିଲ ଅପରାଜିତ ୩୩ ରନ୍ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ବିଦ୍ୟାଧର ପାଟିଲ ୩ଟି ୱିକେଟ ପାଇଥିଲେ। କର୍ଣ୍ଣାଟକ ବ୍ୟାଟିଂ ଆରମ୍ଭ କରି ୩୩ ଓଭରରେ ୧ ୱିକେଟ ହରାଇ ୧୮୭ ରନ୍ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ବନ୍ଦ ରଖାଯାଇଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ କର୍ଣ୍ଣାଟକକୁ ୩୩ ଓଭରରେ ୧୩୪ ରନ୍‌ର ଟାର୍ଗେଟ ରହିଥିଲା। ଏଣୁ କର୍ଣ୍ଣାଟକକୁ ୫୫ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା। ଦେବଦତ୍ତ ପାଡିକଲ ୮୧ ଓ କରୁନ ନାୟାର ୭୪ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଅଭିଷେକ ଗୋସ୍ୱାମୀ ୮୮ ଓ ସମୀର ରିଜଭୀଙ୍କ ଅପରାଜିତ ୮୮ ରନ୍ ସହାୟତାରେ ଉତ୍ତରପ୍ରଦେଶ ୮ ୱିକେଟରେ ୩୧୦ ରନ୍ କରିଥିଲା। ଜବାବରେ ହାର୍ଭିକ ଦେଶାଇଙ୍କ ଅପରାଜିତ ୧୦୦ ରନ୍ ସହାୟତାରେ ସୌରାଷ୍ଟ୍ର ୪୦.୧ ଓଭରରେ ୩ ୱିକେଟ ହରାଇ ୨୩୮ ରନ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ ସୌରାଷ୍ଟ୍ରକୁ ୧୭ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

## ଓଡ଼ିଶା ଆସିବେ ଚେସ୍ କିଂବଦନ୍ତି ଆନନ୍ଦ



ଭୁବନେଶ୍ୱର, ୧୨।୧ (ସମିସ): ଭାରତୀୟ ଚେସର କିଂବଦନ୍ତି ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ସହ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ସଭାପତି ଆର୍କାଡି ଡିଭୋରକୋଭିଚ୍, ଉପସଭାପତି ଡାନା ରେଜିନ୍‌ଙ୍କ ସମେତ ଦେଶ ଓ ବିଦେଶର ଚେସ୍ କର୍ମକର୍ତ୍ତା ଓ ଖେଳାଳି ଓଡ଼ିଶା ଆସିବେ। କିଟ୍ ଡିମ୍ଡ ୟୁନିଭର୍ସିଟି ଆନୁକୂଲ୍ୟରେ କିଟ୍ କ୍ୟାମ୍ପସ ଓ ଏକ ଘରୋଇ ହୋଟେଲରେ ଆସନ୍ତା ଜାନୁଆରୀ ୧୪ରୁ ୧୬ ଯାଏ ସୋସିଆଲ ଆଣ୍ଡ ଏଜୁକେସନାଲ ଚେସ୍ ଉପରେ ଏକ କର୍ମଶାଳା ଆୟୋଜିତ ହେବ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସନାଲ ଚେସ୍ ହଲ ଓ ଚେସ୍ ଗ୍ରାଉଣ୍ଡକୁ ଆନନ୍ଦ ଉଦ୍‌ଘାଟନ କରିବେ। ଫିଡେ ସଭାପତି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୪୦ଟି ଦେଶର ପ୍ରାୟ ୫,୨୦୦ ଚେସ୍ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କର୍ମଶାଳା ଦେଶରେ ପ୍ରଥମଥର ଆୟୋଜିତ ହେଉଛି ଓ ଏଥିଲାଗି ଭାରତର ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି ବୋଲି ଇଭେଣ୍ଟ କମିସନ ସଦସ୍ୟ ରଞ୍ଜନ ମହାନ୍ତିଙ୍କଠାରୁ ଜଣାଯାଇଛି।

## କଳିଙ୍ଗରେ ୧୭ରୁ ମାଗଣାରେ ଖେଳ ଦେଖିବେ ଦର୍ଶକ

ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ତଥା ଭୁବନେଶ୍ୱର ହକି ପ୍ରେମୀଙ୍କ ଲାଗି ଏକ ଶୁଭ ଖବର। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖଯାଏ ଖେଳାଯିବାକୁ ଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ସମସ୍ତ ମ୍ୟାଚ୍ ଦର୍ଶକ ମାଗଣାରେ ଦେଖିପାରିବେ। ଏ ସମ୍ପର୍କରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ଘୋଷଣା କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳାଳିଙ୍କ ଖେଳ ଦେଖିବାକୁ ଓଡ଼ିଶାର ସମସ୍ତ ହକିପ୍ରେମୀ କଳିଙ୍ଗ ଷ୍ଟାଡିୟମ୍ ଆସିବାକୁ ଅନୁରୋଧ କରିଛନ୍ତି। ଦର୍ଶକମାନେ https://ticketgenie.in/event/Hero-Hockey-India-League-୨୦୨୫-୨୬ ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ। ଏଥର ପୁରୁଷ ଏଚ୍‌ଆଇଏଲ୍‌ରେ ୮ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟାଇଟଲ ଦାବିଦାର ରହିଛି। ଏଚ୍‌ଆଇଏଲ୍‌ର ତୃତୀୟ ଭାଗର ସମସ୍ତ ମ୍ୟାଚ୍ କଳିଙ୍ଗରେ ଖେଳାଯିବ। ଏଠାରେ ୯ଦିନ ମ୍ୟାଚ୍ ଅନୁଷ୍ଠିତ ହେବ। ଜାନୁଆରୀ ୨୪ରେ ବିଶ୍ରାମ ଦିବସ, ଜାନୁଆରୀ ୧୯, ୨୧, ୨୨ ଓ ୨୫ରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୨୩ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବ। ଜାନୁଆରୀ ୨୫ରେ କ୍ୱାଲିଫାୟର-୨, ଜାନୁଆରୀ ୨୬ରେ ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ହକି ଇଣ୍ଡିଆ ଲିଗ୍

## ଏସଜି ପାଇପର୍ସର ପ୍ରଥମ ବିଜୟ

ରାଞ୍ଚି, ୧୨।୧ (ଏଜେନ୍ସି)



ଏସ୍‌ଜି ପାଇପର୍ସ ଦଳ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପୁରୁଷ ବିଭାଗରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ସ୍ଥାନୀୟ ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଅନୁଷ୍ଠିତ ଏକ ମ୍ୟାଚରେ ପାଇପର୍ସ ୨-୧ ଗୋଲ୍‌ରେ ହାଇଦରାବାଦ୍ ତୁଫାନ୍ସକୁ ପରାସ୍ତ କରିଥିଲା। ତୋମାସ ଡୋମେନେ ଡବଲ୍ ଗୋଲ୍‌ସ୍କୋର କରି ପାଇପର୍ସକୁ ଟୁର୍ଣ୍ଣାମେଣ୍ଟରେ ପ୍ରତୀକ୍ଷିତ ବିଜୟ ପଏଣ୍ଟ ଭେଟି ଦେଇଥିଲେ। ଏଥିସହ ପାଇପର୍ସ ୩ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ସୁଟ୍‌ଆଉଟ୍ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲ୍‌ର ୫ମ ସ୍ଥାନରେ ରହିଛି।

ହାଇଦରାବାଦ୍ ତୁଫାନ୍ସ ବିପକ୍ଷ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ପାଇପର୍ସ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଆର୍ଜେଣ୍ଟିନା ଫରୱାର୍ଡ ଡୋମେନ ପ୍ରଥମ ଗୋଲ୍ ଦେଇ ପାଇପର୍ସକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରର ଶେଷ ତଥା ୨୯ତମ ମିନିଟ୍‌ରେ ଡୋମେନ ବ୍ୟକ୍ତିଗତ ୨ୟ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ ୩୦ ମିନିଟ୍‌ରେ ୨ଟି ଗୋଲ୍ ଦେଇ ପ୍ରଥମାର୍ଦ୍ଧକୁ ପାଇପର୍ସ ନିଜ ନାମରେ କରିଥିଲା। ତେବେ ଏହାପରେ ଦ୍ୱିତୀୟାର୍ଦ୍ଧରେ ତୁଫାନ୍ସ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ଗୋଟିଏ ଗୋଲ୍ ଦେଇ ତୁଫାନ୍ସର ଖାତା ଖୋଲିଥିଲେ। ଏହାପରେ ପରବର୍ତ୍ତୀ ୧୯ ମିନିଟ୍ ମଧ୍ୟରେ ତୁଫାନ୍ସ ଗୋଲ୍‌କୁ ଶୁଝାଇବା ଲାଗି ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଫଳରେ ପାଇପର୍ସ ୨-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା। ସୋମବାର ଅନ୍ୟ ଏକ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଗଭର୍ଣ୍ଣିଂ କାଉନସିଲ୍ ୨-୦ ଗୋଲରେ ଅଗ୍ରଣୀ ରହିଛି। ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩ଟି ମ୍ୟାଚରୁ ୩ଟି ବିଜୟ ସହ ୮ ପଏଣ୍ଟ ପାଇ ଶୀର୍ଷରେ ରହିଛି।

## ବାର୍ସିଲୋନାକୁ ୧୬ତମ ସୁପର୍ କପ୍ ଟାଇଟଲ

ଜେଦ୍ଦା, ୧୨।୧ (ଏଜେନ୍ସି): ରାଫିନାଙ୍କ ଡବଲ୍ ଗୋଲ୍ ବଳରେ ବାର୍ସିଲୋନା ୩-୨ ଗୋଲରେ ରିଅଲ ମାଦ୍ରିଦକୁ ପରାସ୍ତ କରି ସୁପର୍ କପ୍ ଟାଇଟଲ୍ ହାସଲ କରିଛି। ସ୍ପାନିଶ ସୁପର୍ କପ୍‌ର ୪୧ତମ ସଂସ୍କରଣ ଫାଇନାଲ ସାଉଦୀ ଆରବରେ ଖେଳାଯାଇଥିଲା। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୨-୨ ଗୋଲ୍‌ରେ ବରାବର୍ ରହିଥିଲା। ଏହି ୪ଟି ଗୋଲ୍‌ରୁ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମରେ ୩ଟି ଗୋଲ୍ ହୋଇଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟ୍‌ରେ ରାଫିନା ବ୍ୟକ୍ତିଗତ ୨ୟ ଓ ଦଳ ପାଇଁ ୩ୟ ଗୋଲ୍‌ଟି ଦେଇ ବାର୍ସିଲୋନାକୁ ଚାମ୍ପିଅନ କରାଇଥିଲେ। ଏଥିସହ ବାର୍ସିଲୋନା ରେକର୍ଡ ୧୬ଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ହାସଲ କରିଛି।

### ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ଉଦ୍‌ଯାପିତ

## ମୌସୁମୀଙ୍କୁ ଡବଲ୍ ସ୍ୱର୍ଣ୍ଣ, ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୧୨।୧ (ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶା ମୌସୁମୀ ଦାସ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଯୁବ ଓ ସିନିୟର ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ବିଭାଗର ସେ ସ୍ନାଚ୍‌ରେ ୭୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୪ କେଜି ଓଜନ ଉଠାଇଥିଲେ। ମୋଟରେ ୧୬୪ କେଜି ଓଜନ ଉଠାଇଥିବା ମୌସୁମୀଙ୍କୁ ୨ଟି ସ୍ୱର୍ଣ୍ଣପଦକ ମିଳିଥିଲା। ଏହାକୁ ମିଶାଇ ଟୁର୍ଣ୍ଣାମେଣ୍ଟର ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ରନର୍ସଅପ୍ ହୋଇଛି। ଦଳର ପ୍ରତିଯୋଗୀମାନେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ଲାଗି କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି, ମ୍ୟାନେଜର ଟାଙ୍ଗ ଦେବୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS